ଜେଲରେ ରହିବେ କୁଲଦୀପ ସେଙ୍ଗାର

ପୃଷ୍ଠା ୫

ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

ଜିଲ୍ଲା ପ୍ରତିନିଧି ଆବଶ୍ୟକ

ଦୈନିକ 'ସଂଚାର' ଓ 'ସଂଚାର ଡିଜିଟାଲ' ପାଇଁ ନିମ୍ନଲିଖିତ ଜିଲ୍ଲା ପାଇଁ 'ଜିଲ୍ଲା ପ୍ରତିନିଧି' ଆବଶ୍ୟକ। ଅନ୍ୟୂନ ତିନି ବର୍ଷର ଅଭିଜ୍ଞତା ଥିବା ସାମ୍ବାଦିକମାନେ ଆବେଦନ କରିପାରିବେ। ଆଗ୍ରହୀ ବ୍ୟକ୍ତି ୭ ଦିନ ମଧ୍ୟରେ ଆବେଦନ କରିପାରିବେ। ଜିଲ୍ଲାଗୁଡ଼ିକ ହେଲା ପୁରୀ, କଟକ, ଖୋର୍ଦ୍ଧା, ନୟାଗଡ, ଯାଜପୁର, ଭଦ୍ରକ, ଜଗତସିଂହପୁର, ବାଲେଶ୍ୱର, କେନ୍ଦୁଝର, ଢେଙ୍କାନାଳ ଓ ଅନୁଗୁଳ।

ଯୋଗାଯୋଗ

Mail :- sancharodisha@gmail.com
Whatsapp :- +91 8093008776

Vol. 33 | ISSUE 277 | ଭାଗ ୩୩ | ସଂଖ୍ୟା ୨୭୭ | Tuesday 30 December 2025 | Page 8 Rs. 5.00 | ଭୁବନେଶ୍ୱର ମଙ୍ଗଳବାର ୩୦ ଡିସେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

ମେକ୍ସିକୋରେ ଟ୍ରେନ୍ ଲାଇନ୍‌ଚ୍ୟୁତ

୧୩ ମୃତ, ୯୮ ଆହତ

ମେକ୍ସିକୋ ସିଟି,୨୯।୧୨: ଦକ୍ଷିଣ ମେକ୍ସିକୋର ଓକ୍ସାକା ରାଜ୍ୟରେ ଆଜି ଏକ ବଡ଼ ଧରଣର ଟ୍ରେନ୍ ଦୁର୍ଘଟଣା ଘଟିଛି। ଏକ ଯାତ୍ରୀବାହୀ ଟ୍ରେନ୍ ଲାଇନଚ୍ୟୁତ ହେବା ଫଳରେ ୧୩ ଜଣ ଯାତ୍ରୀଙ୍କର ମୃତ୍ୟୁ ଘଟିଥିବା ବେଳେ ପ୍ରାୟ ୯୮ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ୫ ଜଣଙ୍କ ଅବସ୍ଥା ଅତି ସଙ୍ଗଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବଢ଼ିବା ଆଶଙ୍କା ପ୍ରକଟ କରାଯାଇଛି।

ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା

ମିଳିଥିବା ସୂଚନାନୁସାରେ, 'ଇଷ୍ଟରଓସେନିକ ଟ୍ରେନ୍' ନିଜାମ୍ଭା ସହର ଅତିକ୍ରମ କରୁଥିବା ସମୟରେ ଅଚାନକ ଲାଇନଚ୍ୟୁତ ହୋଇଥିଲା। ସେତେବେଳେ ଉକ୍ତ ଟ୍ରେନରେ ୨୪୧ ଜଣ ଯାତ୍ରୀ ଓ ୯ ଜଣ କର୍ମଚାରୀଙ୍କୁ ମିଶାଇ ମୋଟ ୨୫୦ ଜଣ ଲୋକ ଯାତ୍ରା କରୁଥିଲେ। ଦୁର୍ଘଟଣା ପରେ ସ୍ଥାନୀୟ ପ୍ରଶାସନ ଓ ମେକ୍ସିକୋ ସାମରିକ ବାହିନୀ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ମେକ୍ସିକୋ ରାଷ୍ଟ୍ରପତି କ୍ଲୌଡିଆ ଶିନ୍‌ବମ୍ ଏହି ଘଟଣାରେ ଗଭୀର ଶୋକ ପ୍ରକାଶ କରିବା ସହ ପ୍ରଭାବିତ ପରିବାରଙ୍କୁ ସମସ୍ତ ପୃଷ୍ଠା-୬

ଅସୁସ୍ଥତା ସତ୍ତ୍ୱେ ଅଭିଯୋଗ ଶୁଣିଲେ ମୁଖ୍ୟମନ୍ତ୍ରୀ

- ଖୁବଶୀଘ୍ର କେନ୍ଦୁଝରରେ ହେବ ଅଭିଯୋଗ ପ୍ରକୋଷ୍ଠ
- ଶେଷ ଦିନରେ ଜିଲ୍ଲାବାସୀଙ୍କୁ ଦୁଃଖ ଶୁଣିଲେ

କେନ୍ଦୁଝର,୨୯।୧୨(ସଂଚାର ବ୍ୟୁରୋ): ତିନିଦିନିଆ କେନ୍ଦୁଝର ଗସ୍ତରେ ଯାଇଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ଫେରିବା ପୂର୍ବରୁ ଅସୁସ୍ଥତା ସତ୍ତ୍ୱେ ନିଜ ଅଞ୍ଚଳବାସୀଙ୍କ ଦୁଃଖ ଶୁଣିଛନ୍ତି। ଗତ ୨୭ ତାରିଖରୁ ନିଜ ଜିଲ୍ଲା ଗସ୍ତ କରିଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଜି ତାଙ୍କ ଗସ୍ତର ଶେଷ ଦିନରେ ସେ କେନ୍ଦୁଝରରେ ଅଭିଯୋଗ ଶୁଣାଣି କରିଥିଲେ। ବହୁ ସଂଖ୍ୟାରେ ଲୋକଙ୍କଠାରୁ ଅଭିଯୋଗପତ୍ର ଗ୍ରହଣ କରିବା ସହ ସେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ଖୁବଶୀଘ୍ର କେନ୍ଦୁଝରରେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଖୋଲିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ପ୍ରତି ସୋମବାର ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରେ ଅଭିଯୋଗ ଶୁଣୁଛନ୍ତି। ଏଭିତରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ୧୪ ହଜାରରୁ ଅଧିକ ଅଭିଯୋଗ ଆସିଛି। ସେଥିମଧ୍ୟରୁ ୯୬ ପ୍ରତିଶତ ଅଭିଯୋଗର ସମାଧାନ ହୋଇସାରିଛି। ବାକି ରହିଥିବା ୫୭୯ଟି ଅଭିଯୋଗ ସମାଧାନ ପ୍ରକ୍ରିୟା ଭିତରେ ରହିଛି। ଲୋକଙ୍କ ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ନିରନ୍ତର ଉଦ୍ୟମ କରୁଥିବାରୁ ସରକାରଙ୍କ ପୃଷ୍ଠା-୬

୫ରେ ଜନ ଅଭିଯୋଗ ଶୁଣାଣି

ଭୁବନେଶ୍ୱର,୨୯।୧୨(ସଂଚାର ବ୍ୟୁରୋ): ଆସନ୍ତା ଜାନୁଆରୀ ୫ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ପୂର୍ବାହ୍ନ ୧୦ ଘଟିକାରୁ ୟୁନିଟ-୨, ଅଶୋକ ନଗର, ଭୁବନେଶ୍ୱର ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ଏହି ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ଡିସେମ୍ବର ୩୧ ତାରିଖ ପୂର୍ବାହ୍ନ ୧୧ ଟା ଠାରୁ ଆରମ୍ଭ ହୋଇ ସର୍ବାଧିକ ୧୦୦୦ ଜଣ ପଞ୍ଜୀକରଣ କରିବା ପର୍ଯ୍ୟନ୍ତ ଖୋଲା ରହିବ। ଏଥି ନିମନ୍ତେ, ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାର ପତ୍ର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ। ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ସୂଚନା ପ୍ରଦାନ କରାଯାଇଛି।

ସମ୍ପତ୍ତି ତାଲିକା ନ ଦେଲେ ପ୍ରମୋସନ ବନ୍ଦ

ଭୁବନେଶ୍ୱର,୨୯।୧୨(ସଂଚାର ବ୍ୟୁରୋ): ସରକାରୀ କର୍ମଚାରୀଙ୍କୁ ସମ୍ପତ୍ତି ତାଲିକା ଦାଖଲ କରିବାକୁ ଦିଆଯାଇଛି ନିର୍ଦ୍ଦେଶ। ସୋମବାର ଏନେଇ ସାଧାରଣ ପ୍ରଶାସନ (ଜିଏ) ବିଭାଗ ପକ୍ଷରୁ ଏହି ନିର୍ଦ୍ଦେଶନାମା ଜାରି ହୋଇଛି। ଏହି ନିର୍ଦ୍ଦେଶନାମା ଅନୁସାରେ, ସବୁ ସରକାରୀ କର୍ମଚାରୀଙ୍କ ପାଇଁ ସେମାନଙ୍କ ସମ୍ପତ୍ତି ତାଲିକା ଦେବା ବାଧତାମୂଳକ। ଏପରିକି ଏହି ସମ୍ପତ୍ତି ତାଲିକା ପଦୋନ୍ନତି ପାଇଁ ଜରୁରୀ ବୋଲି କୁହାଯାଇଥିବା ବେଳେ ଆସନ୍ତା ବର୍ଷ ଜାନୁଆରୀ ୩୧ ତାରିଖ ସୁଦ୍ଧା ଏହା ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ଅନୁସାରେ, ଗ୍ରୁପ-ଏ'ରୁ ଆରମ୍ଭ କରି ଗ୍ରୁପ-ଡି' ପର୍ଯ୍ୟନ୍ତ ସମସ୍ତ ସରକାରୀ କର୍ମଚାରୀଙ୍କ ପାଇଁ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସମସ୍ତ ବିଭାଗୀୟ ମୁଖ୍ୟ, ଜିଲ୍ଲାପାଳ ଓ ଆରଡିସିମାନଙ୍କୁ ଚିଠି ଲେଖାଯାଇଛି।

ବେଆଇନ ଖନନ ଉପରେ ପୁଲିସର କଡ଼ା ଆଭିମୁଖ୍ୟ

୧୧୩୩ ମାମଲା ରୁଜୁ, ୫୭୮ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୯।୧୨ (ସଂଚାର ବ୍ୟୁରୋ): ବେଆଇନ ଖଣି ଖନନ ଓ ଲଘୁ ଖଣିଜ ସମ୍ପଦର ପରିବହନ ଉପରେ କେନ୍ଦ୍ରାଞ୍ଚଳ ପୋଲିସ କଠୋର ଆଭିମୁଖ୍ୟ ଗ୍ରହଣ କରୁଛି। ପୁରୀ, ଖୋର୍ଦ୍ଧା, ନୟାଗଡ, କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର ଓ ଯାଜପୁର ଏହି ୭ ଜିଲ୍ଲାରେ ଗତ ଜାନୁଆରୀ ୧ ତାରିଖରୁ ଡିସେମ୍ବର ୨୦ ତାରିଖ ମଧ୍ୟରେ ବେଆଇନ ଖନନ ଓ ପରିବହନ ସମ୍ପର୍କିତ ୧୧୩୩ଟି ମାମଲା ରୁଜୁ କରାଯାଇଛି। ବେଆଇନ ଖନନ ଓ ପରିବହନରେ ସମ୍ପୃକ୍ତ ୧୪୭୩ଟି ଗାଡି ଜବତ କରାଯାଇଥିବା ବେଳେ ୫୭୮ ଜଣଙ୍କୁ ଗିରଫ କରାଯାଇଛି। ଏଥିସହ ଏହିସବୁ ବେଆଇନ କାରବାରରେ ସମ୍ପୃକ୍ତ ଆଉ ୧୦୩୫ ଜଣଙ୍କୁ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଧାରାରେ ନୋଟିସ କରାଯାଇଛି। ଲଘୁ ଖଣିଜ ସମ୍ପଦର ବେଆଇନ ଭାବେ ହେଉଥିବା ଖନନ ଓ ପରିବହନ ଉପରେ ପୋଲିସ କଠୋର ଆଭିମୁଖ୍ୟ ଗ୍ରହଣ କରୁଥିବା ବେଳେ ପ୍ରାକୃତିକ ସମ୍ପଦର ସୁରକ୍ଷା ପାଇଁ ପୁଲିସ ଚେକିଂ ଓ ପେଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିଛି। ବେଆଇନ ଭାବେ ହେଉଥିବା ଏହି ଖନନ ଓ ପରିବହନରୁ ରାଜ୍ୟ ସରକାର ବ୍ୟାପକ ଭାବେ ରାଜସ୍ୱ ମଧ୍ୟ ହରାଉଛନ୍ତି।

ଶହୀଦଙ୍କ ସ୍ମୃତିରେ ପଦଯାତ୍ରା: ସାମିଲ ହେଲେ କେନ୍ଦ୍ରମନ୍ତ୍ରୀ

କୁଦୋପାଲି ମହାନ ସାଂସ୍କୃତିକ ତୀର୍ଥସ୍ଥଳୀ: ଧର୍ମେନ୍ଦ୍ର

- ଛବିଳ ସାଏ ଓ ୫୭ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ
- ଅଙ୍ଗନବାଡ଼ି କେନ୍ଦ୍ରରେ ପିଲାଙ୍କୁ ଫଳ ବଣ୍ଟନ

କୁଦୋପାଲି,୨୯।୧୨(ସଂଚାର ବ୍ୟୁରୋ): ୧୮୫୭ ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ପବିତ୍ର ସ୍ଥଳୀ ସମ୍ବଲପୁରର କୁଦୋପାଲିଠାରେ ଆୟୋଜିତ 'ବୀର ଛବିଳ ସାଏ ସ୍ମୃତି ପଦଯାତ୍ରା'ରେ ଆଜି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାମିଲ ହୋଇଛନ୍ତି। ଏହି ଅବସରରେ ସେ ବୀର ସୁରେନ୍ଦ୍ର ସାଏଙ୍କ ଭାଇ ଛବିଳ ସାଏ ଓ ୫୭ ଅମର ଶହୀଦଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ କୁଦୋପାଲିକୁ ଏକ ମହାନ ସାଂସ୍କୃତିକ ତୀର୍ଥସ୍ଥଳୀ ଭାବେ ଗଢ଼ି ତୋଳିବାକୁ ଆହ୍ୱାନ ଦେଇଛନ୍ତି।

ସୋମବାର କୁଦୋପାଲିଠାରେ ଆୟୋଜିତ ପଦଯାତ୍ରାରେ ସାମିଲ ହୋଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ୧୮୫୭ ଡିସେମ୍ବର ୩୦ ତାରିଖରେ କୁଦୋପାଲିର ରଣଭୂମିରେ ୫୩ ଜଣ ସଂଗ୍ରାମୀ ଶହୀଦ ହୋଇଥିଲେ। ପରେ ଆଉ ୪ ଜଣ ସଂଗ୍ରାମୀଙ୍କୁ ସେଠାରେ ଫାଶୀ ଦିଆଯାଇଥିଲା। ଏହିପରି ୫୭ ଜଣ ସଂଗ୍ରାମୀ ଶହୀଦ ହୋଇଥିଲେ। ଶହୀଦମାନଙ୍କ ମଧ୍ୟରେ ମହାନ ପରାକ୍ରମୀ ବୀର ସୁରେନ୍ଦ୍ର ସାଏ ଓ ଉଦନ୍ତ ସାଏଙ୍କ ଭାଇ ବୀର ଛବିଳ ସାଏ ବି ଥିଲେ। ଏହି ବୀର ମାଟିକୁ ଆସିବା ମୋ ପାଇଁ ସୌଭାଗ୍ୟ ଓ ଗୌରବର ବିଷୟ। କୁଦୋପାଲିର ଇତିହାସ କେବଳ ଆନ୍ଦୋଳନ ନୁହେଁ, ଏହା ହଜାର ହଜାର ବୀରଙ୍କ ରକ୍ତ ଓ ଆତ୍ମବଳିଦାନର ଗାଥା। ଏହି ଗୌରବକୁ ନୂଆ ପିଢ଼ି ପାଖରେ ପହଞ୍ଚାଇବା ଆମ ସମସ୍ତଙ୍କର ଦାୟିତ୍ୱ। କୁଦୋପାଲିର ମହତ୍ୱ ଜାଲିଆନୱାଲାବାଗଠାରୁ କୌଣସି ଗୁଣରେ କମ୍ ନୁହେଁ। ଏହି ଗୌରବମୟ ପୃଷ୍ଠା-୬

ଏସ୍‌ଆଇ କେଳେଙ୍କାରୀ ମାମଲା

୧୬ ଜଣଙ୍କ ନାଁରେ ଚାର୍ଜସିଟ୍ ଦାଖଲ

ଭୁବନେଶ୍ୱର,୨୯।୧୨(ସଂଚାର ବ୍ୟୁରୋ): କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ପକ୍ଷରୁ ବହୁଚର୍ଚ୍ଚିତ ପୁଲିସ ଏସଆଇ ନିଯୁକ୍ତି କେଳେଙ୍କାରୀ ମାମଲାରେ ୧୬ ଜଣଙ୍କ ନାଁରେ ପ୍ରାଥମିକ ଚାର୍ଜସିଟ୍ ଦାଖଲ କରାଯାଇଛି। ଏଥିରେ କିଙ୍ଗପିନ୍ ଶଙ୍କର ପୃଷ୍ଟି, ରିଙ୍କୁ ମହାରଣା, ସୌମ୍ୟା ପ୍ରିୟଦର୍ଶିନୀ, ସୁରେଶ ନାୟକ ଓ ମୁନ୍ନା ମହାନ୍ତିଙ୍କ ନାମ ରହିଥିବା ଜଣାପଡ଼ିଛି। ଆଗାମୀ ଦିନରେ ଏହି ସଂଖ୍ୟା ଆହୁରି ବଢ଼ିପାରେ ବୋଲି କୁହାଯାଇଛି। ଏମାନଙ୍କ ମଧ୍ୟରୁ ୯ ଜଣଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା। ପରେ ସିବିଆଇ ଏହି ମାମଲାର ତଦନ୍ତ ଦାୟିତ୍ୱ ନେଇ ୭ ଜଣଙ୍କୁ କୋର୍ଟ ଚାଲାଣ କରିଥିଲା। ଏହା ପୂର୍ବରୁ ଆହୁରି କେତେକ ପରୀକ୍ଷାରେ ବି ଏମାନଙ୍କ ସମ୍ପୃକ୍ତି ଥିଲା ବୋଲି ସିବିଆଇ ସ୍ପଷ୍ଟ କରିଛି ଓ ସେନେଇ ତଦନ୍ତ ଚାଲିଥିବା କୁହାଯାଇଛି।

ଗତ ନଭେମ୍ବର ୨୦ ତାରିଖରେ ସିବିଆଇ ଏ ସମ୍ପର୍କରେ ଏକ ମାମଲା ରୁଜୁ କରି ପ୍ରାରମ୍ଭିକ ଭାବେ ମାମଲାର ତଦନ୍ତ କରିଥିବା କ୍ରାଇମ ବ୍ରାଞ୍ଚରୁ ସମସ୍ତ ପ୍ରାସଙ୍ଗିକ କାଗଜପତ୍ର ମାଗିଥିଲା। ବ୍ରହ୍ମପୁରରେ ପହଞ୍ଚି ସିବିଆଇ ଟିମ୍ ପ୍ରଥମ ପଦକ୍ଷେପ ସ୍ୱରୂପ ବ୍ରହ୍ମପୁର କୋର୍ଟରୁ ଭୁବନେଶ୍ୱର ସିବିଆଇ କୋର୍ଟକୁ ମାମଲା ସ୍ଥାନାନ୍ତର ଲାଗି ଆବେଦନ କରିବା ସହ ୪ ମୁଖ୍ୟ ଅଭିଯୁକ୍ତଙ୍କ ଜାମିନ୍‌କୁ କଡ଼ା ବିରୋଧ କରିଥିଲା। ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତରେ ୪ ଅଭିଯୁକ୍ତଙ୍କ ଜାମିନ ମଧ୍ୟ ଆବେଦନ କରାଯାଇଥିଲା। କିଙ୍ଗପିନ୍ ଶଙ୍କର ପୃଷ୍ଟି, ସୁରେଶ ନାୟକ, ଅରବିନ୍ଦ ପୃଷ୍ଠା-୬

ବାଂଲାଦେଶୀଙ୍କୁ ତଡ଼ାଯିବା ପ୍ରସଙ୍ଗ

କେହି ବି ଆଇନ ହାତକୁ ନିଅନ୍ତୁନି: ମନ୍ତ୍ରୀ

ଭୁବନେଶ୍ୱର,୨୯।୧୨(ସଂଚାର ବ୍ୟୁରୋ): ବାଂଲାଦେଶରେ ସଂଖ୍ୟାଲଘୁଙ୍କ ଆକ୍ରମଣ ପରେ ଭାରତରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ଦେଶର ବିଭିନ୍ନ ସ୍ଥାନରେ ବାଂଲାଦେଶୀଙ୍କ ଉପରେ ଆକ୍ରମଣ ହେଉଥିବାର ଭିଡିଓ ଭାଇରାଲ ହେଉଛି। ଓଡ଼ିଶାରେ ବି ସମାନ ସ୍ଥିତି। ରାଜ୍ୟର ବିଭିନ୍ନ ସ୍ଥାନରେ ବାଂଲାଦେଶୀଙ୍କ ଉପରେ ଆକ୍ରମଣ କରାଯାଉଛି। ବେଆଇନ ପ୍ରବେଶ ଭୁଲ କିନ୍ତୁ ଆଇନକୁ ହାତକୁ ନ ନେବାକୁ ଆଇନ ମନ୍ତ୍ରୀ ଅପିଲ କରିଛନ୍ତି।

ସେ କହିଛନ୍ତି ଯେ ମମତା ବାନାର୍ଜୀ କ'ଣ କହିବେ, ସେଥିରେ ଓଡ଼ିଶା ସରକାରଙ୍କର କିଛି ଯାଏଆସ ନାହିଁ। କିନ୍ତୁ ବିଜେପି ସରକାର କଦାପି ଅବିବେକତା ଦେଖାଇବ ନାହିଁ।

ଯେଉଁମାନେ ଆଇନ ଦୃଷ୍ଟିରୁ ରାଜ୍ୟର ନାଗରିକ ନୁହଁନ୍ତି, ସେମାନଙ୍କୁ ଏଠାରୁ ତଡ଼ିବା ପ୍ରସଙ୍ଗରେ ରାଜ୍ୟ ସରକାର ସବୁବେଳେ ନୈତିକତା ଦେଖାଇଆସିଛନ୍ତି ଓ ଆଗାମୀ ଦିନରେ ବି ଏହି ଧାରା ଜାରି ରହିବ। କିନ୍ତୁ ଯେଉଁମାନେ ପୃଷ୍ଠା-୬

ବିଶ୍ୱ ଦେଖିବ କୃଷିରୁ ସେମିକଣ୍ଡକ୍ଟର ପର୍ଯ୍ୟନ୍ତ ଓଡ଼ିଶାର ଅବଦାନ

କର୍ତ୍ତବ୍ୟ ପଥରେ ଗଡ଼ିବ ପ୍ରଜ୍ଞାପନ ମେଢ଼

ଭୁବନେଶ୍ୱର,୨୯।୧୨(ସଂଚାର ବ୍ୟୁରୋ): ଆଗାମୀ ସାଧାରଣତନ୍ତ୍ର ଦିବସ ଅବସରରେ ନୂଆଦିଲ୍ଲୀର 'କର୍ତ୍ତବ୍ୟ ପଥ'ରେ ଦେଖିବାକୁ ମିଳିବ ଓଡିଶାର ପ୍ରଜ୍ଞାପନ ମେଢ଼। ସ୍ୱଦେଶୀ ସାମଗ୍ରୀ ଉତ୍ପାଦନ ମାଧ୍ୟମରେ 'ଆତ୍ମନିର୍ଭର ଭାରତ' ଗଠନ ଲକ୍ଷ୍ୟ ରହିଥିବା ବେଳେ ଚଳିତ ବର୍ଷ ପାଇଁ ପ୍ରଜ୍ଞାପନ ମେଢ଼ର ବିଷୟବସ୍ତୁ 'ସମୃଦ୍ଧିର ମନ୍ତ୍ର ଆତ୍ମନିର୍ଭର ଭାରତ' ରହିଛି। ଏହା ଆଧାରରେ ଓଡ଼ିଶାର ପ୍ରଜ୍ଞାପନ ମେଢ଼ରେ କୃଷିରୁ ସେମିକଣ୍ଡକ୍ଟର ପର୍ଯ୍ୟନ୍ତ ଆତ୍ମନିର୍ଭର ଭାରତ ଗଠନରେ ଓଡ଼ିଶାର ଅବଦାନ ଦେଖିବାକୁ ମିଳିବ।

ପ୍ରଜ୍ଞାପନ ମେଢ଼ରେ, ଓଡ଼ିଶାର କୃଷି ଓ ସାଂସ୍କୃତିକ ସମୃଦ୍ଧିରୁ ଆଧୁନିକ ଶିଳ୍ପ, ଦକ୍ଷତା ବିକାଶ ଏବଂ ନବସୃଜନ ଓ ପ୍ରଯୁକ୍ତିର ଏକ ସନ୍ନିଳିତ ଦୃଶ୍ୟ ଉପସ୍ଥାପନ କରାଯିବ। ଜାତୀୟ ଦୃଷ୍ଟିକୋଣ ସହ ସମନ୍ୱୟ ରଖି ଓଡ଼ିଶା କିପରି ତା'ର ପ୍ରାକୃତିକ ସମ୍ପଦ, ସାଂସ୍କୃତିକ ଐତିହ୍ୟ, ମାନବ ସମ୍ବଳ ଓ ପ୍ରଯୁକ୍ତିବିଦ୍ୟା ଉପଯୋଗରେ ଏକ ଆତ୍ମନିର୍ଭରଶୀଳ ଭାରତ ଗଠନକୁ ଇନ୍ଧନ ଯୋଗାଉଛି, ତାହା ଏହି ପ୍ରଜ୍ଞାପନ ମେଢ଼ ମାଧ୍ୟମରେ ପ୍ରଦର୍ଶିତ ହେବ। କୃଷି, ଶିଳ୍ପ, ଅର୍ଥନୀତି, ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ଓ ପ୍ରଯୁକ୍ତିବିଦ୍ୟା-ଚାଳିତ ସମାଧାନ ଆଦି ବିଭିନ୍ନ ପ୍ରତୀକାତ୍ମକ ଉପାଦାନକୁ ଏକତ୍ରିତ କରି ପ୍ରସ୍ତୁତ ରାଜ୍ୟର ସାମଗ୍ରିକ ବିକାଶ ମଡେଲ ଏବଂ ଭାରତର ସାମାଜିକ ଓ ପୃଷ୍ଠା-୬

କାନ ଡେରିଥା

ବାବା, ବୋଉ ଡାକ
ଆଉ ଶୁଭୁନାହିଁ
ଆଧୁନିକ ଡାକ ଡାଡ଼ି
ମମି, ଆଣ୍ଟି ବୋଲି ପିଲାଏ ଡାକନ୍ତି
ଅଙ୍କଲ ପାଚିଲା ଦାଢ଼ି
ସ୍ତ୍ରୀ ପିନ୍ଧୁନାହିଁ ଶାଢ଼ି...
ଟପ ପିନ୍ଧୁଛନ୍ତି ବୟସ୍କା ମହିଳା
ଶାଢ଼ି ହେଇଯିବ ଭିଡି।

■ ଦେବାଶିଷ

ପ୍ରଦୂଷଣ ପାଇଁ ଚିନ୍ତିତ; ଇଭିକୁ ନା'

କର୍ମଚାରୀଙ୍କୁ ବିନା ସୁଧରେ ଋଣ
ନିଜେ କିନ୍ତୁ କିଣୁନାହାନ୍ତି

ଭୁବନେଶ୍ୱର,୨୯।୧୨(ସଂଚାର ବ୍ୟୁରୋ): ପ୍ରଦୂଷଣ ହ୍ରାସ ପାଇଁ ରାଜ୍ୟ ସରକାର ଏବେ ଯାନବାହନ ମାଲିକମାନଙ୍କୁ ପ୍ରଦୂଷଣ ଯାଞ୍ଚ ପାଇଁ ହଲାପଟା କରୁଥିବା ବେଳେ ନିଜେ କିନ୍ତୁ ପ୍ରଦୂଷଣମୁକ୍ତ ବୈଦ୍ୟୁତିକ ଯାନ ବା ଇଭି କିଣିବାକୁ ରାଜି ହେଉନାହାନ୍ତି। ହାତଗଣତି କେତୋଟି ଯାନକୁ ବାଦ୍ ଦେଲେ ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ ଓ କ୍ଷେତ୍ର ଦପ୍ତର ଡିଜେଲ କିମ୍ବା ପେଟ୍ରୋଲ ଯାନ ହିଁ କିଣୁଛନ୍ତି।

ରାଜ୍ୟରେ ବାୟୁ ପ୍ରଦୂଷଣ ହୁହୁ ହୋଇ ବଢୁଥିବାରୁ ଏହାର ମୁକାବିଲା ପାଇଁ ଯାନବାହନ ପ୍ରଦୂଷଣ ରୋକିବା ଉପରେ ସରକାର ସର୍ବାଧିକ ପ୍ରାଥମିକତା ଦେଉଛନ୍ତି। ତଦନୁଯାୟୀ, ପ୍ରଦୂଷଣ ପ୍ରମାଣପତ୍ର ନ ଥିଲେ ଗାଡ଼ିଗୁଡ଼ିକୁ ପେଟ୍ରୋଲ ପମ୍ପରେ ତେଲ ନ ଦେବାକୁ ଫତୁଆ ବି ଜାରି ହୋଇଛି। ଅବଶ୍ୟ ଲୋକଙ୍କ ଅସନ୍ତୋଷକୁ ଦେଖି ସରକାର ଏହି କଟକଣାକୁ ଆସନ୍ତା ବର୍ଷ ଫେବ୍ରୁଆରୀ ପହିଲାକୁ ଘୁଞ୍ଚାଇ ଦେଇଛନ୍ତି। ତେଣୁ

ଧାନମଣ୍ଡିରେ ଶୃଙ୍ଖଳା ଓ ସ୍ୱଚ୍ଛତା ପାଇଁ ସମନ୍ୱୟ ବୈଠକ

ନିଶ୍ଚିନ୍ତକୋଇଲି, ୨୯।୧୨ (ସଂଚାର ବ୍ୟୁରୋ): ମାହାଙ୍gା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ଓ ମାହାଙ୍gା ବ୍ଲକର ବିଭିନ୍ନ ସେବା ସମବାୟ ସମିତିରେ ଆସନ୍ତା ଜାନୁୟାରୀ ୭ ତାରିଖ ଦିନ ଧାନ ମଣ୍ଡି ଖୋଲାଯିବାର ଧାର୍ଯ୍ୟ ହୋଇଛି। ଏହି ଦୁଇ ବ୍ଲକରେ ଚାଷୀମାନେ କିଭଳି ଶୃଙ୍ଖଳିତ ଓ ସ୍ୱଚ୍ଛ ଭାବେ ଧାନ ବିକ୍ରି କରିବେ ସେ ନେଇ ମାହାଙ୍gା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଗୁରୁତ୍ୱାରୋପ କରିଛନ୍ତି।

ଏହି ଅବସରରେ ସୋମବାର ଅପରାହ୍ନରେ ନିଶ୍ଚିନ୍ତକୋଇଲି ବ୍ଲକ ସମ୍ମିଳନୀ କକ୍ଷରେ ଧାନ ମଣ୍ଡିରେ ସ୍ୱଚ୍ଛତା ରକ୍ଷା ପାଇଁ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ବ୍ଲକ ଯୋଗାଣ ନିରୀକ୍ଷକ ଦେବୀପ୍ରସାଦ ଦାଶଙ୍କ ସଂଯୋଜନାରେ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ବିଧାୟକ ଶାରଦା ପ୍ରଧାନ ଯୋଗଦେଇ ଧାନ ମଣ୍ଡି ଗୁଡିକ ଯେଭଳି ସରକାରୀ ନିତି ନିୟମାନୁଯାୟୀ ପରିଚାଳିତ କରାଯିବ ଏବଂ କୌଣସି ମଣ୍ଡିରେ ଦୁର୍ନୀତି ପ୍ରିୟାପ୍ରୀତି ମଧସ୍ଥି ଓ ମୁନାଫା ଖୋରମାନଙ୍କୁ ପ୍ରଶ୍ରୟ ଦିଆଯିବାର ଅଭିଯୋଗ ହୁଏ ତାହାହେଲେ ଉକ୍ତ ମଣ୍ଡି ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଧାୟକ ଶ୍ରୀ ପ୍ରଧାନ କଡା ଚେତାବନୀ ଦେଇଛନ୍ତି। ପ୍ରତ୍ୟେକ ମଣ୍ଡିରେ ସରକାରଙ୍କର ଉପଯୁକ୍ତ ମୂଲ୍ୟ ଓ ଇନ୍‌ପୁଟ୍ ସବ୍‌ସିଡି ଯେଭଳି ଚାଷୀମାନେ ସୁରୁଖୁରୁରେ ପାଇ ପାରିବେ ସେ ନେଇ ଗୁରୁତ୍ୱାରୋପ କରିଥିଲେ।

ଏହି ବୈଠକରେ ଡିଆରସିଏସ୍ ସୁପ୍ରିୟା ସ୍ୱାଇଁ, ଅତିରିକ୍ତ ଯୋଗାଣ ଅଧିକାରୀ ମଧୁସ୍ମିତା ମହାପାତ୍ର, କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ନିରଞ୍ଜନ ସାମଲ, ବିଡିଓ ଦ୍ୱିବେନ୍ଦୁ ଦାସ ପ୍ରମୁଖ ଯୋଗଦେଇଥିଲେ। ନିଶ୍ଚିନ୍ତକୋଇଲି ବ୍ଲକ ଅଧିନରେ ଥିବା ୧୯ଟି ସେବା ସମବାୟ ସମିତି ଏବଂ ମାହାଙ୍gା ବ୍ଲକ ଅଧିନରେ ଥିବା ୧୫ଟି ସେବା ସମବାୟ ସମିତିରେ ଏଥର ମଣ୍ଡି ଖୋଲିବାର ବ୍ୟବସ୍ଥା କରାଯାଇଥିବାରୁ ଏହି ବୈଠକରେ ଉଭୟ ବ୍ଲକର ସମସ୍ତ ସମିତିର ସମ୍ପାଦକ ଓ ନୋଡାଲ ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

ମାନସ ମଲ୍ଲିକ ମହାକାଳପଡ଼ାର ନୂଆ ଥାନାଧିକାରୀ

ମହାକାଳପଡ଼ା, ୨୯।୧୨ (ସଂଚାର ବ୍ୟୁରୋ): ମହାକାଳପଡ଼ା ଥାନାର ନୂତନ ଥାନା ଅଧିକାରୀ ଭାବରେ ଯୋଗ ଦେଇଛନ୍ତି ମାନସ କୁମାର ମଲ୍ଲିକ। ଏହା ପୂର୍ବରୁ ସେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟାଳୟରେ କାର୍ଯ୍ୟରତ ଥିଲେ। ଗତ ୨୬ ଡିସେମ୍ବରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ବଦଳି ନିର୍ଦ୍ଦେଶ ପରେ ଶ୍ରୀ ମଲ୍ଲିକ ଆଜି ମହାକାଳପଡ଼ା ଥାନାର ଥାନା ଅଧିକାରୀ ଭାବରେ ବିଦ୍ଧିବଦ୍ଧ ଦାୟିତ୍ୱ ଗ୍ରହଣ କରିଛନ୍ତି।

କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ହେଉଛି ଏକ ସମ୍ବେଦନଶୀଳ ଥାନା। ହାଜତ ମୃତ୍ୟୁ ପାଖରୁ ଆରମ୍ଭ କରି ଜମିଜମା ସଂପର୍କିତ ଘଟଣାକୁ ନେଇ ଚର୍ଚ୍ଚାରେ ରହି ଆସିଛି ମହାକାଳପଡ଼ା। ଆଗକୁ ଆସୁଛି ଇଂରାଜୀ ନବବର୍ଷ। ଏହି ନବବର୍ଷ ପୂର୍ବରୁ ମହାକାଳପଡ଼ାରେ ନୂତନ ଥାନା ଅଧିକାରୀଙ୍କ ଯୋଗଦାନ ଆଇନ ଶୃଙ୍ଖଳା ପରିଚାଳନା ଓ ନ୍ୟାୟିକ ସେବା ପ୍ରଦାନର ସମ୍ଭାବନାକୁ କେତେ କ୍ରିୟାଶୀଳ କରାଇବା ତାହା ଉପରେ ସମସ୍ତଙ୍କ ନଜର। ଏସମ୍ପର୍କରେ ଶ୍ରୀ ମଲ୍ଲିକଙ୍କୁ ପଚାରିବାରୁ ମହାକାଳପଡ଼ାରେ ଶୃଙ୍ଖଳା ରକ୍ଷା, ଅପରାଧୀକ କାର୍ଯ୍ୟକଳାପକୁ ରୋକ୍ ଓ ସାଧାରଣ ଲୋକଙ୍କୁ ନ୍ୟାୟିକ ସେବା ପ୍ରଦାନ ପାଇଁ ଯାହା ଆଇନ ଅନୁଯାୟୀ କରାଯିବ ଦରକାର ସେ ଦିଗରେ କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି।

ପ୍ରଶାନ୍ତ ସେଠୀ କେନ୍ଦ୍ରାପଡ଼ା ବିଜେପିର ନୂତନ ସମ୍ପାଦକ

ମହାକାଳପଡ଼ା, ୨୯।୧୨ (ସଂଚାର ବ୍ୟୁରୋ): ମହାକାଳପଡ଼ାର ନିର୍ବାଚନ ମଣ୍ଡଳୀ ୧୯ ନମ୍ବର ଜୋନ୍‌ର ପୂର୍ବତନ ମଣ୍ଡଳ ସଭାପତି ଭାବେ କାର୍ଯ୍ୟ କରିଥିବା ପ୍ରଶାନ୍ତ ସେଠୀଙ୍କୁ ରାଜ୍ୟ ବିଜେପି ସଭାପତିଙ୍କ ଅନୁମୋଦନ କ୍ରମେ କେନ୍ଦ୍ରାପଡ଼ା ଜିଲ୍ଲା ବିଜେପିର ସମ୍ପାଦକ ଭାବରେ ଦାୟିତ୍ୱ ମିଳିଛି। ଶ୍ରୀ ସେଠୀ ଜଣେ ସଂଗଠକ ଭାବରେ ଦଳର ବିଭିନ୍ନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ଆସୁଛନ୍ତି। କେନ୍ଦ୍ରାପଡା ଜିଲ୍ଲାର ନୂତନ ସମ୍ପାଦକ ରୂପେ ନିଯୁକ୍ତ କରାଯାଇଥିବାରୁ ପ୍ରଶାନ୍ତ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ଓ ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ଧନ୍ୟବାଦ ଜଣାଇଛନ୍ତି। ନୂତନ ପଦବୀ ପାଇଁ ଶ୍ରୀ ସେଠୀଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ମିଳୁଛି।

ବିଜେପି ଜିଲ୍ଲା ଉପସଭାପତି ଉପୀନ ରାଉତଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା, ୨୯।୧୨ (ସଂଚାର ବ୍ୟୁରୋ): ଭାରତୀୟ ଜନତା ପାର୍ଟିର ନବନିଯୁକ୍ତ ଜିଲ୍ଲା ଉପସଭାପତି ଉପୀନ କୁମାର ରାଉତଙ୍କୁ କେନ୍ଦ୍ରାପଡା ୬ନମ୍ବର ସଦର ମଣ୍ଡଳ ପକ୍ଷରୁ ଉତ୍ସୋସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ମଣ୍ଡଳ ସଭାପତି ବାବାଜୀ ଚରଣ ବେହେରାଙ୍କ ନେତୃତ୍ୱରେ ବିଜେପିର ବିଭିନ୍ନ କାର୍ଯ୍ୟକର୍ତ୍ତାଙ୍କ ସମେତ କର୍ମୀମାନେ ଏକ ଶୋଭାଯାତ୍ରାରେ ଶ୍ରୀ ରାଉତଙ୍କୁ ନାନକାର ନିକଟରୁ ପାଛୋଟି ଆଣିବା ସହ ଚକ୍ରୋଡା ଗ୍ରାମପଞ୍ଚାୟତର ତରାପୁରସ୍ଥିତ ମା'ଶାରଳାଙ୍କ ମନ୍ଦିର ପରିସରରେ ପୁଷ୍ପମାଲ୍ୟ ଓ ଉରୀୟ ପ୍ରଦାନ ପୂର୍ବକ ଉତ୍ସୋସିତ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି । ଏହି ଅବସରରେ ଉପସଭାପତି ଶ୍ରୀ ରାଉତ ମା'ଶାରଳାଙ୍କୁ ଦର୍ଶନ କରି ଆଶିର୍ବାଦ ଭିକ୍ଷା କରିଥିଲେ । ଏହି ନିଯୁକ୍ତି ପାଇଁ ଶ୍ରୀ ରାଉତ ରାଜ୍ୟ ସଭାପତି ମନମୋହନ ସାମଲ, ସାଂସଦ ବୈଜୟନ୍ତ ପଣ୍ଡା, ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀଙ୍କୁ କୃତଜ୍ଞତା ଅର୍ପଣ କରିବା ସହ ସମସ୍ତଙ୍କୁ ସାଙ୍ଗରେ ନେଇ ଦଳର ସଂଗଠନକୁ ଅଧିକ ସୁଦୃଢ କରିବେ ବୋଲି କହିଛନ୍ତି ।

ଭାରତ ଭୂଷଣ ଦାସ ଜିଲ୍ଲା ବିଜେପି ଉପସଭାପତି

ପଟ୍ଟାମୁଣ୍ଡାଇ, ୨୯।୧୨ (ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇର ପୂର୍ବତନ ବିଧାୟକ ତାପସ କୁମାର ଦାସଙ୍କ ସୁପୁତ୍ର ବଳିଷ୍ଠ ଯୁବନେତୃତ୍ୱ ପୌର ପରିଷଦର ପୂର୍ବତନ କାଉନସିଲର ଆଡ଼ଭୋକେଟ ଭାରତ ଭୂଷଣ ଦାସ(ବାବୁ)ଙ୍କୁ ତାଙ୍କର ସାଙ୍ଗଠନିକ ଦକ୍ଷତା ଓ ଲୋକପ୍ରିୟତା ପାଇଁ ରାଜ୍ୟ ବିଜେପି ସଭାପତି ପୂର୍ବତନମନ୍ତ୍ରୀ ମନମୋହନ ସାମଲଙ୍କ ଅନୁମୋଦନକ୍ରମେ ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ ଜିଲ୍ଲା ବିଜେପି ଉପସଭାପତି ଭାବେ ନିଯୁକ୍ତି ଦେଇଛନ୍ତି। ତାଙ୍କର ନୂତନ ନିଯୁକ୍ତି ପାଇଁ ଯୁବନେତା ଶ୍ରୀଦାସ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ବିଜେପି ସଭାପତି ମନମୋହନ ସାମଲ, ସାଂସଦ ବୈଜୟନ୍ତ ପଣ୍ଡା, ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ ରାଜନଗର ବିଜେପି ନେତା ଲଳିତ ବେହେରାଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରିଛନ୍ତି । ତାଙ୍କର ନୂତନ ନିଯୁକ୍ତି ପାଇଁ ଶ୍ରୀଦାସଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି ।

ମହିଳା କ୍ଷୁଦ୍ର ଋଣ ସମବାୟ ସମିତିର ବାର୍ଷିକୋତ୍ସବ ପାଳିତ

କେନ୍ଦ୍ରାପଡା, ୨୯।୧୨ (ସଂଚାର ବ୍ୟୁରୋ): 'ସଚ୍ଚୋଟ ଓ ନୀତିନିଷ୍ଠ ସେବା ଏବଂ ଗରିବ ଓ ନିଃସହାୟ ମଣିଷଙ୍କ ପ୍ରତି ସହାନୁଭୂତି ଯେକୌଣସି ସଂଗଠନକୁ ଉଚ୍ଚରୁ ଉଚ୍ଚତର ସୋପାନକୁ ନେଇଯାଇଥାଏ। ଏହି ସମବାୟ ସମିତି ତାର ନୀତି, ନୈତିକତା, ସତ୍ୟନିଷ୍ଠତା, ଉତ୍ତମ ଆଚରଣ ଓ କଠିନ ପରିଶ୍ରମ ପାଇଁ ମୁମୂର୍ଷୁ ଅବସ୍ଥାରୁ ଏବେ ଚଳନ୍ତି ଅବସ୍ଥାରେ ପହଞ୍ଚି ପାରିଛି' ବୋଲି ରବିବାର ଦିନ ଓଳାଶୁଣୀ ମନ୍ଦିର ସଭାକକ୍ଷରେ ଆୟୋଜିତ ଏକବିଂଶ ତମ ବାର୍ଷିକୋତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତଟ ରେଳପଥର ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ତଥା ବିଶିଷ୍ଟ କବି ଓ ସ୍ତମ୍ଭକାର ନିରାକାର ଦାସ ଯୋଗଦାନ କରି ମତବ୍ୟକ୍ତ କରିଥିଲେ।

ସମବାୟ ସମିତିର ସଭାପତି ତଥା ବରିଷ୍ଠ ଗାଲ୍ପିକା ଅବନ୍ତୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସଭାରେ କେନ୍ଦ୍ରାପଡା ଶିକ୍ଷକ ମହାସଂଘର ସଂପାଦିକା ଶୈଳରାଣୀ ସାମଲ ଓ ହାଇଦ୍ରାବାଦର କାନାଡ଼ା ବ୍ୟାଙ୍କର ବରିଷ୍ଠ ଡିଭିଜିନାଲ ମ୍ୟାନେଜର ନୀଳାଦ୍ରୀ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦାନ ଦାନକରି ବ୍ୟାଙ୍କରେ ସାଧାରଣ ଲୋକଙ୍କ ପାଇଁ ଥିବା ସୁବିଧା ସୁଯୋଗ ଉପରେ ଆଲୋକପାତ କରିଥିଲେ।

କେନ୍ଦ୍ରାପଡା ଶାଖା ସର୍ବୋଚ୍ଚ ଆୟକାରୀ ଶାଖା ଭାବେ ଚମ୍ପିୟାନ ଟ୍ରଫି ଗ୍ରହଣ କରିଲା ବେଳେ ଚାନ୍ଦୋଳ ଶାଖା ସର୍ବୋଚ୍ଚ ଋଣ ଆଦାୟକାରୀ ଶାଖା ଭାବେ ପୁରସ୍କୃତ ହୋଇଥିଲା। ଏହି ଅବସରରେ ଉତ୍ସର୍ଗୀକୃତ କର୍ମଚାରୀ

ଶ୍ରେଷ୍ଠ ଆୟକାରୀ ଶାଖା ଭାବେ କେନ୍ଦ୍ରାପଡ଼ା ପାଇଲା ଚମ୍ପିୟନ ଟ୍ରଫି

ଦେବେନ୍ଦ୍ର ନାୟକ, ହରେକୃଷ୍ଣ ସାହୁ ଓ ଶୁଭଲକ୍ଷ୍ମୀ ମହାରଣାଙ୍କୁ ପ୍ରଥମ, ହିମାଂଶୁ ନାୟକ, ସୁଶାନ୍ତ ନାୟକ ଓ ବାଦଶାହ ଖାଁଙ୍କୁ ଦ୍ୱିତୀୟ, କଲ୍ୟାଣୀ ବେହେରା, ଦୀପ୍ତିମୟୀ ରାଉତ, ଶୁଭ୍ରାଂଶୁ ଶେଖର ରାଉତରାୟ, ନୃସିଂହ ଚରଣ ପରିଡା, ପ୍ରଶାନ୍ତ କୁମାର ଲେଙ୍କା ଓ ଶୋଭାରାଣୀ ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। କକ୍ୟାଣୀ ବେହେରା, ବନଲତା ସାହୁ ଓ ସତ୍ୟବତୀ ଜେନା ସମିତିର ନିର୍ଦ୍ଦେଶିକାଙ୍କ ସହ ଉପଦେଷ୍ଟା ସମାସେବୀ କୃଷ୍ଣ ଚନ୍ଦ୍ର ବଳ, ପତିତପାବନ ସାହୁ ଓ ପ୍ରଶାନ୍ତ କୁମାର ସାହୁଙ୍କ ସମ୍ବର୍ଦ୍ଧନା କରାଯାଇଥିଲା।

ଅଗ୍ନିକାଣ୍ଡରେ ଗୁହାଳ ଭସ୍ମ; ବାଛୁରୀ ମୃତ, ଚାରି ଗାଈ ଗୁରୁତର

ନିଶ୍ଚିନ୍ତକୋଇଲି, ୨୯।୧୨ (ସଂଚାର ବ୍ୟୁରୋ): ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ବାବୁଜଙ୍ଗ ପଞ୍ଚାୟତ ବାରିମୂଳ ଗ୍ରାମର ଅମୂଲ୍ୟ ପରିଡ଼ାଙ୍କ ଗୁହାଳରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ଘର ଭସ୍ମିଭୂତ ହୋଇଛି। ଗୁହାଳରେ ବନ୍ଧା ଯାଇଥିବା ମୋଟ ୬ଟି ଗୋରୁଗାଈଙ୍କ ମଧ୍ୟରୁ ଗୋଟିଏ ବାଛୁରୀ ଜୀବନ୍ତ ଦଗ୍ଧ ହୋଇଥିବା ବେଳେ ଦୁଇଟି ଗାଈ ପୋଡି ଯାଇ ଗୁରୁତର ହୋଇଥିବା ବେଳେ ଅନ୍ୟ ତିନୋଟି ଆହତ ହୋଇଥିବା ଜଣାଯାଇଛି। ଏହାଛଡା ଗୁହାଳ ଘରେ ଥିବା ବିଭିନ୍ନ ଜିନିଷପତ୍ର ପୋଡି ନଷ୍ଟ ହୋଇଛି। ଖବର ପାଇ ଦମକଳ କେନ୍ଦ୍ର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଶ୍ରୀ ପରିଡ଼ାଙ୍କ ଘରଠାରୁ ୨୫୦ ମିଟର ଦୂରରେ ଗୁହାଳଟି ଅବସ୍ଥିତ ହୋଇଥିବାରୁ କେହି ଦୁର୍ବୁଦ୍ଧି ଅଗ୍ନିକାଣ୍ଡ ଘଟାଇଥିବା ସେ ପ୍ରକାଶ କରିଛନ୍ତି। ସେ ଜଣେ ଦିନ ମଜୁରିଆ ଗରିବ ଶ୍ରେଣୀର ହୋଇଥିବାରୁ ଗୋ ପାଳନ କରି ପରିବାର ଭରଣ ପୋଷଣ କରିଥାଏ। ଏବେ ଗୁହାଳ ଓ ଗାଈ ଗୋରୁ ପୋଡି ଯାଇଥିବାରୁ କିଭଳି ପରିବାର ଭରଣ ପୋଷଣ କରିବେ ସେ ନେଇ ଚିନ୍ତାରେ ପଡ଼ିଛନ୍ତି। ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସ୍ଥାନୀୟ ସରପଞ୍ଚ ସ୍ୱାଧୀନ ଭୂୟାଁଙ୍କ ସମେତ ଗ୍ରାମବାସୀମାନେ ଦାବି କରିଛନ୍ତି।

ରାଜନଗରରେ ମିଳିତ ଜନଶୁଣାଣୀ ଶିବିର

ସାମୂହିକ ୧୯ ଓ ବ୍ୟକ୍ତିଗତ ୧୨୩ ଅଭିଯୋଗ

ରାଜନଗର, ୨୯।୧୨ (ସଂଚାର ବ୍ୟୁରୋ): ରାଜନଗର ବ୍ଲକ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସରରେ ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ବର୍ଷର ଶେଷ ଜନଶୁଣାଣୀ ଶିବିରରେ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଅଧ୍ୟକ୍ଷତାରେ ଜନଶୁଣାଣୀ ଆରମ୍ଭ ହୋଇଥିଲା ।

ଏହି ଶିବିରରେ ୧୯ଟି ସାମୂହିକ ଓ ୧୨୩ ବ୍ୟକ୍ତିଗତକୁ ମିଶାଇ ମୋଟ ୧୪୨ଟି ଅଭିଯୋଗ ହୋଇଥିଲା । ସାମୁହିକ ଅଭିଯୋଗରେ ବେଆଇନ ଭାବେ ସରକାରୀ ଜାଗା ଜବରଦଖଲ, ଜାତୀୟ ଉଦ୍ୟାନ ଅଂଚଳରେ ବେଆଇନ ଭାବେ ଗଢି ଉଠିଥିବା ଚିଙ୍ଗୁଡିଘେରୀ, ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାନର କାର୍ଯ୍ୟ, ବନ୍ଧପାଟଣା- ଓସ୍ତିଆକୁ ସଂଯୋଗ କରୁଥିବା ସେତୁର ସଂଯୋଗୀକରଣ ରାସ୍ତା ନିର୍ମାଣ କରାଯିବା ପ୍ରଭୃତି ଅଭିଯୋଗ ଆସିଥିଲା। ବ୍ୟକ୍ତିଗତ ଭାବେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ନୂତନ ରାସନକାର୍ଡ ଓ ନାମ ସଂଯୋଗୀକରଣ, ବସୁନ୍ଧରା ଯୋଜନାରେ ଘରଡିହ ପାଇବା, ବିଧବା, ବାର୍ଦ୍ଧକ୍ୟ ଓ ଅକର୍ମଣ୍ୟ ଭତା, ୮୦ବର୍ଷୀୟା ବୟସ୍କ ବୃଦ୍ଧ ବୃଦ୍ଧାଙ୍କୁ ୩୫ଶହ ଟଙ୍କା ଭତା ନମିଳିବା, ବେଆଇନ ଭାବେ ବସୁନ୍ଧରା ଯୋଜନାରେ ଘରଡିହ ପ୍ରଦାନ କରିବା କେରଡାଗଡ ପଚାଂୟତ କାର୍ଯ୍ୟାଳୟ ନୂତନ ଗୃହ ନିର୍ମାଣ କରିଥିବା ବ୍ୟକ୍ତିଙ୍କ ଟଙ୍କାକୁ କନିଷ୍ଠଯନ୍ତ୍ରୀ ହଡପ କରିଥିବା ଭଳି ଅଭିଯୋଗ ହୋଇଥିଲା । ସବୁଠୁ ସମ୍ବେଦଶୀଳ ଘଟଣା ହେଉଛି, ଶିକ୍ଷାବିତ୍ ସୁକାନ୍ତକୁମାର ତ୍ରିପାଠି ରାଜନଗର ଷ୍ଟେଟ ବ୍ୟାଙ୍କରେ ବନ୍ଧକ ରଖିଥିବା ସୁନା ଅଳଙ୍କାରରୁ ସୁନା କମିବା ନେଇ ସଙ୍ଗୀନ ଅଭିଯୋଗ ମଧ ହୋଇଥିଲା ।

ଟିପିସିଓଡିଏଲର ଅଗ୍ରୀମ ଅମାନତ ଜମା, ବର୍ଦ୍ଧିତ ବିଦ୍ୟୁତ ଶୁଳ୍କ ବିରୋଧରେ ଜିଲ୍ଲା କଂଗ୍ରେସର ବିକ୍ଷୋଭ

କେନ୍ଦ୍ରାପଡ଼ା, ୨୯।୧୨ (ସଂଚାର ବ୍ୟୁରୋ): ଓଡିଶା ଟାଟା ପାୱାର ଅଗ୍ରୀମ ଅତିରିକ୍ତ ସିକ୍ୟୁରିଟି ଦାଖଲ ପାଇଁ ବିଜ୍ଞାପନ ଜାରି କରିବା ପରଠାରୁ ଉପଭୋକ୍ତାଙ୍କ ମୁଣ୍ଡ ଉପରେ ଚଡକ ପଡିଲା ଭଳି ହୋଇଛି । ଏହି ଅମାନତ ଜମା ନିର୍ଦ୍ଧାରିତ ସମୟ ମଧ୍ୟରେ ଦାଖଲ ନକଲେ ବିଦ୍ୟୁତ ସଂଯୋଗ କାଟି ଦିଆଯିବାର ଧମକ ମଧ ଦିଆଯାଇଛି । ଏହା ଟାଟା ପାୱାରର ସ୍ୱେଚ୍ଛାଚାରୀ ମନୋଭାବ ଓ ଏକଛତ୍ରବାଦର ପରିଚୟ । ପର୍ଯ୍ୟାୟକ୍ରମେ ବିଦ୍ୟୁତ ଶୁଳ୍କ ବୃଦ୍ଧି କରି ଓ ସ୍ମାଟ ମିଟର ବାଧ୍ୟତା ମୂଳକ ଭାବେ ବସାଇ ନିରୀହ ଜନସାଧାରଣଙ୍କୁ ଶୋଷଣ କରୁଥିବା ବେଳେ ପ୍ରତିବାଦ କଲେ ମଧ ଡବଲ ଇଞ୍ଜିନ ସରକାରଙ୍କର କୁମ୍ଭକର୍ଣ୍ଣ ନିଦ୍ରା ଭଙ୍ଗ ହେଉନାହିଁ । ଫଳରେ ଉପଭୋକ୍ତାମାନେ ନିର୍ଯ୍ୟାତନାର ଶୀକାର ହେଉଛନ୍ତି । ସମଗ୍ର ଦେଶରେ ଅନ୍ୟ ରାଜ୍ୟମାନଙ୍କରେ ମାସରେ ୩ଶହ ୟୁନିଟ୍ ବିଦ୍ୟୁତ ଶୁଳ୍କ ଛାଡ କରାଯିବା ଓ କୃଷି କାର୍ଯ୍ୟପାଇଁ ମାଗଣରେ ବିଦ୍ୟୁତ ଯୋଗାଣ ହେଉଥିବା ବେଳେ ଆମ ଓଡିଶାରେ

ନିର୍ବାଚନ ପ୍ରତିଶୃତିକୁ ପାଳନ କରିବାରେ ବିଫଳ ବିଜେପି ସରକାର ପୁଞ୍ଜିପତି ଓ କମ୍ପାନୀମାନଙ୍କୁ ପରିପୃଷ୍ଟ କରିବା ପାଇଁ ଗରୀବ ଚାଷୀ ଓ ଉପଭୋକ୍ତା ମାନଙ୍କ ରକ୍ତ ଶୋଷଣ କରିବାକୁ ପଛାଉନାହାନ୍ତି। ଏହାର ପ୍ରତିବାଦରେ ପ୍ରଦେଶ କଂଗ୍ରେସ କମିଟି ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ଆଜି ଜିଲ୍ଲା କଂଗ୍ରେସ ସଭାପତି ଡାକ୍ତର ଦେବସ୍ମିତା ଶର୍ମାଙ୍କ ନେତୃତ୍ୱରେ କେନ୍ଦ୍ରାପଡା ବିଦ୍ୟୁତ ଡିଭିଜନ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

ଏହି ବିକ୍ଷୋଭରେ ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ବରିଷ୍ଠ କଂଗ୍ରେସ ନେତା ଫକୀର ଚରଣ ଖଟୁଆ, ରତିକାନ୍ତ କାନୁନଗୋ, ଅଶୋକ ପ୍ରତିହାରୀ, ବିଭାଂଶୁ ଲେଙ୍କାଙ୍କ ସମେତ ଶତାଧିକ କଂଗ୍ରେସ ଦଳର କର୍ମୀମାନେ ଉପସ୍ଥିତ ଥିଲେ ।

ସ୍କାଉଟ୍ସ ଗାଇଡ୍ସ ଜାମ୍ବୋରୀରେ କେନ୍ଦ୍ରାପଡ଼ା ଚମ୍ପିୟାନ

କେନ୍ଦ୍ରାପଡ଼ା, ୨୯।୧୨ (ସଂଚାର ବ୍ୟୁରୋ): ଚଳିତ ମାସ ୨୨ ତାରିଖ ଠାରୁ ୨୬ ତାରିଖ ପର୍ଯ୍ୟନ୍ତ ଖୋର୍ଦ୍ଧା ଜିଲ୍ଲାର ବରୁଣେଇ ଠାରେ ଆୟୋଜିତ ବିଂଶତମ ରାଜ୍ୟସ୍ତରୀୟ ସ୍କାଉଟ୍ସ ଗାଇଡ୍ସ ଜାମ୍ବୋରୀରେ କେନ୍ଦ୍ରାପଡ଼ା ଜିଲ୍ଲାର ଅଭିଯାତ୍ରୀ ଦଳ ଚମ୍ପିୟାନ ହୋଇଛି। ଜିଲ୍ଲା ଟ୍ରେନିଙ୍ଗ କମିଶନର ସରୋଜକାନ୍ତ ବିଶ୍ୱାଳ, ହରପ୍ରିୟା କର ଏବଂ ଯୁଗ୍ମ ସମ୍ପାଦକ ଜ୍ୟୋତିର୍ମୟ ନାୟକଙ୍କ ନେତୃତ୍ୱରେ ଜିଲ୍ଲାର ୯୯ ଜଣ ସ୍କାଉଟ୍ସ ଓ ଗାଇଡ୍ସ, ୫ ଜଣ ସ୍କାଉଟ ମାଷ୍ଟର ଓ ୫ଜଣ ଗାଇଡ଼ କ୍ୟାପଟେନ ଏଥିରେ ଅଂଶଗ୍ରହଣ କରିଥିଲେ ।

ରାଜ୍ୟର କୋଣ ଅନୁକୋଣରୁ ଆ

● ସମ୍ବଲପୁର ଘରୋଇ ବସ୍ ମାଲିକ ସଂଘ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ

ପରିବହନ କ୍ଷେତ୍ରର ବିକାଶ ସମ୍ପର୍କରେ ଆଲୋଚନା

ସମ୍ବଲପୁର, ୨୯।୧୨ (ସଂଚାର ବ୍ୟୁରୋ): ଆଜି ସମ୍ବଲପୁର ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇଛନ୍ତି। ଏହି ଅବସରରେ ସଂଘ ପକ୍ଷରୁ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିବା ବେଳେ ସେ ପରିବହନ କ୍ଷେତ୍ରର ବିକାଶ ଓ ବସ୍ ମାଲିକମାନଙ୍କ ସମସ୍ୟା ସମ୍ପର୍କରେ ବି ଆଲୋଚନା କରିଛନ୍ତି।

କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ରାଜ୍ୟର ଅର୍ଥନୀତି ଓ ସାଧାରଣ ଜୀବନ ଯାତ୍ରାରେ ପରିବହନ କ୍ଷେତ୍ରର ଏକ ବଡ଼ ଯୋଗଦାନ ରହିଛି। ବିଶେଷ କରି ଘରୋଇ ବସ୍ ମାଲିକମାନେ ଦୁର୍ଗମ ଅଞ୍ଚଳକୁ ଯୋଗାଯୋଗ ସୁବିଧା ଯୋଗାଇବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଆସିଛନ୍ତି। ସେହିପରି ସମ୍ବଲପୁରର ସାମଗ୍ରିକ ବିକାଶ ପାଇଁ ବସ୍ ମାଲିକମାନଙ୍କ ସହଯୋଗ ସବୁବେଳେ ଜରୁରୀ। ସହରର ପରିବହନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ସମସ୍ତଙ୍କ ମିଳିତ ପ୍ରୟାସ ଜରୁରୀ ବୋଲି କେନ୍ଦ୍ର ମନ୍ତ୍ରୀ ମତ ପ୍ରକାଶ କରିଛନ୍ତି। ଶେଷରେ ଶ୍ରୀ ପ୍ରଧାନ ତାଙ୍କୁ ସମ୍ବର୍ଦ୍ଧନା ଜଣାଇଥିବାରୁ ସମ୍ବଲପୁର ଘରୋଇ ବସ୍ ମାଲିକ ସଂଘର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି।

● ୬୬ତମ ପ୍ରତିଷ୍ଠା ଦିବସ ପାଳିତ

ବିଶ୍ୱସ୍ତରୀୟ ହେବ ନନ୍ଦନକାନନ ପ୍ରାଣୀ ଉଦ୍ୟାନ

ଭୁବନେଶ୍ୱର, ୨୯।୧୨ (ସଂଚାର ବ୍ୟୁରୋ): ବିଶ୍ୱସ୍ତରୀୟ ହେବ ନନ୍ଦନକାନନ ପ୍ରାଣୀ ଉଦ୍ୟାନ। କାଚ ଏନକ୍ଲୋଜରରେ ଯଥେଷ୍ଟ ନିକଟରୁ ପର୍ଯ୍ୟଟକମାନେ ଦେଖିବାକୁ ପାଇବେ ଏଠାରେ ଥିବା ବାଘ, ଭାଲୁ ଓ ଅନ୍ୟାନ୍ୟ ଜୀବଜନ୍ତୁମାନଙ୍କୁ। ଏଥିସକାଶେ ପ୍ରଥମ ଥର ପାଇଁ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଆରମ୍ଭ ହୋଇଛି ଗ୍ଲାସ୍

ଗ୍ଲାସ୍ ଏନ୍‌କ୍ଲୋଜର୍ ସମେତ ୯ଟି ପ୍ରକଳ୍ପ ଉଦ୍‌ଘାଟିତ

ଏନକ୍ଲୋଜର। ନୂଆ ନୂଆ ପ୍ରଜାତିର ଜୀବଜନ୍ତୁଙ୍କୁ ସାମିଲ କରିବା ସହ ପର୍ଯ୍ୟଟକଙ୍କୁ ଆକୃଷ୍ଟ କଲା ଭଳି ସମସ୍ତ ବ୍ୟବସ୍ଥା ଏହି ପ୍ରାଣୀ ଉଦ୍ୟାନରେ ରହିବ। ଆଜି ଏହି ପ୍ରାଣୀ ଉଦ୍ୟାନର ୬୬ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ୯ଟି ପ୍ରକଳ୍ପର ଉଦ୍‌ଘାଟନ କରାଯିବା ସହ ୧୨ଟି ଜନ୍ତୁଙ୍କ ନାମକରଣ କରାଯାଇଛି ବୋଲି ସୂଚନା ଦେଇଛନ୍ତି ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ।

ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ନୂଆ ରୂପ ଦିଆଯିବା ସକାଶେ ସମସ୍ତ ପ୍ରକାର ବ୍ୟବସ୍ଥା ହୋଇଛି। ପ୍ରଥମ ଥର ପାଇଁ ଏହି ପ୍ରାଣୀ ଉଦ୍ୟାନରେ ଆରମ୍ଭ ହୋଇଛି ଗ୍ଲାସ୍ ଏନକ୍ଲୋଜର। ସମ୍ପ୍ରତି ଜାରି ରହିଥିବା ପର୍ଯ୍ୟଟନ ଋତୁରେ ଏହି ନୂଆ ପ୍ରକଳ୍ପର ମଜା ନେଇପାରିବେ ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକ। ପାଖରୁ ଦେଖିବେ ମନପସନ୍ଦର ଜୀବଜନ୍ତୁଙ୍କୁ। ଗ୍ଲାସ ସାମ୍ନାରେ ପର୍ଯ୍ୟଟକମାନେ ବାଘ, ଭାଲୁ, ଓଧ ଭଳି ବିଭିନ୍ନ ପଶୁପକ୍ଷୀ। ପ୍ରତିଷ୍ଠା ଦିବସ ଅବସରରେ ଆଜି ପ୍ରାକୃତିକ ପରିବେଶ ଆଧାରିତ ୯ଟି ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି ବିଭାଗୀୟ ମନ୍ତ୍ରୀ ଶ୍ରୀ ସିଂ ଖୁଣ୍ଟିଆ। ସେଥିମଧ୍ୟରେ ରହିଛି ଉଦ୍ୟାନ କୃଷି ଶାଖା, ଉତ୍ତର-ପୂର୍ବ ରାଜ୍ୟ ଦୃଶ୍ୟପଟ୍ଟ, କଲରାପତରିଆ ବାଘ ଖୁଆଡ଼, ତୃଣଭୋଜି ସଙ୍ଗରୋଧ କକ୍ଷ, ସରୀସୃପ ସଙ୍ଗରୋଧ କକ୍ଷ, ଛୋଟ ବିରାଡ଼ିଙ୍କ ଖୁଆଡ଼, ଓଧ ଦେଶୀଭାଲୁ ଓ ଗାଡ଼ ଭାଲୁ ଖୁଆଡ଼, ଶାଳିଆ ପତନୀ ଓ ଡାଳି ଓଧ ଖୁଆଡ଼। ଏଥିସହ ଜଳ ଫୁଆରା ଛକ ସୌନ୍ଦର୍ଯ୍ୟକରଣର ମଧ୍ୟ ଶୁଭ ଉଦଘାଟନ ହୋଇଛି। ଏହି ଅବସରରେ ୧୨ଟି ନୂଆ ଜନ୍ତୁଙ୍କର ନାମକରଣ କରିଛନ୍ତି ଶ୍ରୀ ସିଂ ଖୁଣ୍ଟିଆ। ଧଳା ବାଘୁଣୀ ରୂପାର ଦୁଇଟି ଛୁଆଙ୍କ ନାମ ଅରୁଣ ଓ ଅର୍ଜୁନ ଦିଆଯାଇଥିବା ଧଳା ବାଘୁଣୀ ମୌସୁମୀର ମାଈ ଛୁଆଙ୍କ ନାମ ଅନନ୍ୟା, ବାଘୁଣୀ ଅଙ୍କିତର ଛୁଆ ନାମ କାହ୍ନା ରଖାଯାଇଛି।

ସେହିପରି ନନ୍ଦନକାନନକୁ ବିଶ୍ୱସ୍ତରୀୟ କରିବା ସକାଶେ ୨୦୨୪-୨୫ ଆର୍ଥିକ ବର୍ଷରେ ସର୍ବାଧିକ ୧୨୦ କୋଟି ଟଙ୍କାର ବଜେଟ ଆଗତ ହୋଇଛି। ଚଳିତ ବର୍ଷ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଅନେକ ସଫଳତା ହାସଲ କରିଛି। ନୂଆ ମାଷ୍ଟର ପ୍ଲାନ କାର୍ଯ୍ୟକ୍ଷମ ହୋଇଛି। ୨୯ଟି ନୂଆ ଏନକ୍ଲୋଜର ନିର୍ମାଣ ସହ ଅନେକ ପ୍ରଜାତିର ନୂତନ ପ୍ରାଣୀ ଉଦ୍ୟାନକୁ ଆସିଛନ୍ତି।ଏହି ପ୍ରାଣୀ ଉଦ୍ୟାନରେ ଏବେ ୧୭୭ ପ୍ରଜାତିର ପ୍ରାୟ ୪୨୦୦ଟି ଜୀବଜନ୍ତୁ ରହିଛନ୍ତି। ୨୦୨୪-୨୫ରେ ନନ୍ଦନକାନନକୁ ୩୯ ଲକ୍ଷ ପର୍ଯ୍ୟଟକ ଆସିଥିବା ବେଳେ ମୋଟ ୨୪ କୋଟିର ରାଜସ୍ୱ ଆଦାୟ ହୋଇଛି। ଆସନ୍ତା ବର୍ଷ ଏହି ସଂଖ୍ୟା ବୃଦ୍ଧି ପାଇଁ ଲକ୍ଷ୍ୟ ଥିବା ପ୍ରାଣୀ ଉଦ୍ୟାନ ପକ୍ଷରୁ କୁହାଯାଇଛି। ପ୍ରତିଷ୍ଠା ଦିବସ ପାଳନ ଅବସରରେ ବର୍ଷର ସର୍ବୋତ୍କୃଷ୍ଟ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଶେଷରେ ପ୍ରାଣୀ ଉଦ୍ୟାନ ପକ୍ଷରୁ ଆରମ୍ଭ ହୋଇଥିବା ପଡ଼କାଷ୍ଟର ଟ୍ରେଲର ରିଲିଜ୍ ସହ ୫ଟି ବହିର ଲୋକାର୍ପଣ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଛି।

ନୂଆବର୍ଷରେ ବଢ଼ିବ ଶୀତ ପ୍ରକୋପ

● ୧୦ ଜିଲ୍ଲାରେ ଘନକୁହୁଡ଼ି ନେଇ ପୂର୍ବାନୁମାନ

ଭୁବନେଶ୍ୱର, ୨୯।୧୨ (ସଂଚାର ବ୍ୟୁରୋ): ଆଉ ଦିନକ ପରେ ବିଦାୟ ନେବ ପୁରୁଣା ବର୍ଷ ଆଉ ପ୍ରବେଶ କରିବ ନୂଆବର୍ଷ। ଏହି ନୂଆବର୍ଷକୁ ପାଳନ କରିବା ସକାଶେ ସବୁଠି ଏବେ ପ୍ରସ୍ତୁତି ବେଶ୍ ଜୋର୍‌ଦାର ଚାଲିଛି। କିନ୍ତୁ ସମ୍ପ୍ରତି ରାଜ୍ୟରେ ଅନୁଭୂତ ହେଉଥିବା ହାଡ଼ଭଙ୍ଗା ଶୀତ କିଛି ମାତ୍ରାରେ ନୂଆବର୍ଷକୁ ପ୍ରଭାବିତ କରିବା ନେଇ ପୂର୍ବାନୁମାନ କରାଯାଇଛି। ଫଳତଃ ନୂଆବର୍ଷରେ ରାଜ୍ୟରେ ଶୀତର ପ୍ରକୋପ ବଢ଼ିବ। ଆସନ୍ତା ଜାନୁଆରୀ ୧ ତାରିଖ ପାଇଁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ଆଜି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଉକ୍ତ ଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ଘନକୁହୁଡ଼ି ଦେଖିବାକୁ ମିଳିବ। ତେଣୁ ସତର୍କ ରହିବା ସକାଶେ ବିଭାଗ ପକ୍ଷରୁ ୧୦ଟି ଜିଲ୍ଲାକୁ ସୂଚନା ଜାରି କରାଯାଇଛି। ଏହିସବୁ ଜିଲ୍ଲା ହେଲା ସୁନ୍ଦରଗଡ଼, କନ୍ଧମାଳ, ଖୋର୍ଦ୍ଧା, ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କଟକ, ପୁରୀ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର। ଏହାଛଡ଼ା ଆସନ୍ତା ୩୧ ତାରିଖ ଅର୍ଥାତ୍ ୨୦୨୫ ବର୍ଷର ଅନ୍ତିମ ଦିନରେ ବି ଘନକୁହୁଡ଼ି ନେଇ ୭ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ଏହିସବୁ ଜିଲ୍ଲା ମଧ୍ୟରେ ରହିଛି ସୁନ୍ଦରଗଡ଼, କଳାହାଣ୍ଡି, କନ୍ଧମାଳ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ ଓ ବାଲେଶ୍ୱର। ଏହାଛଡ଼ା ଝାରସୁଗୁଡ଼ା ଓ ଅନୁଗୁଳ ଜିଲ୍ଲାରେ ପ୍ରବଳ ଥଣ୍ଡା ଅନୁଭୂତ ହେବ। ରାଜ୍ୟର ୧୫ ସହରରେ ୧୦ ଡିଗ୍ରୀରୁ ବି କମ୍ ରହିବ ତାପମାତ୍ରା। ଗତ ୨୪ ଘଣ୍ଟା ମଧ୍ୟରେ ଜି.ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୩.୬ ଡିଗ୍ରୀ ରେକର୍ଡ କରାଯାଇଛି।

ସ୍ୱତନ୍ତ୍ର ଟ୍ରେନଗୁଡ଼ିକର ଅବଧି ବୃଦ୍ଧି

ଭୁବନେଶ୍ୱର, ୨୯।୧୨ (ସଂଚାର ବ୍ୟୁରୋ): ଭାରତୀୟ ରେଳବାଇ କେତେକ ସ୍ୱତନ୍ତ୍ର ଟ୍ରେନର ସମୟ, ରହଣି ଓ ସଂରଚନାକୁ ବଜାୟ ରଖିବା ସହ ପରିଚାଳନା ଅବଧି ବୃଦ୍ଧି କରିଛି। ଏହାଦ୍ୱାରା ଯାତ୍ରୀଙ୍କ ବର୍ଦ୍ଧିତ ଚାହିଦା ପୂରଣ ହେବା ସହ ନିରନ୍ତର ଯାତ୍ରା ସୁବିଧା ଯୋଗାଇବରେ ବିଶେଷ ସହାୟକ ହେବ। ଏହି ଟ୍ରେନ୍‌ଗୁଡ଼ିକ ମଧ୍ୟରେ ୦୨୮୩୨/୦୨୮୩୧ ଭୁବନେଶ୍ୱର-ଧାନବାଦ-ଭୁବନେଶ୍ୱର ସ୍ପେଶାଲ୍ ଅନ୍ୟତମ। ଟ୍ରେନ ନମ୍ବର ୦୨୮୩୨ ଭୁବନେଶ୍ୱର-ଧାନବାଦ ସ୍ପେଶାଲ୍‌କୁ ଗତକାଲିଠାରୁ ଆସନ୍ତା ବର୍ଷ ଫେବ୍ରୁଆରୀ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଛି। ସେହିଭଳି ଟ୍ରେନ ନଂ.୦୨୮୩୧ ଧାନବାଦ-ଭୁବନେଶ୍ୱର ସ୍ପେଶାଲ୍‌କୁ ଆସନ୍ତା ବର୍ଷ ମାର୍ଚ୍ଚ ୩ ତାରିଖ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଛି। ଆହୁରି ଶାଲିମାର୍‌ରୁ ପ୍ରତି ରବିବାର ଛାଡୁଥିବା ଟ୍ରେନ୍ ନଂ.୦୨୮୩୯ ଶାଲିମାର-ପୁରୀ ସାପ୍ତାହିକ ସ୍ପେଶାଲ୍‌କୁ ଆସନ୍ତା ବର୍ଷ ଫେବ୍ରୁଆରୀ ୨୨ ତାରିଖ ପର୍ଯ୍ୟନ୍ତ, ପୁରୀରୁ ପ୍ରତି ସୋମବାର ଛାଡୁଥିବା ଟ୍ରେନ ନଂ.୦୨୮୪୦ ପୁରୀ-ଶାଲିମାର ସାପ୍ତାହିକ ସ୍ପେଶାଲ୍‌କୁ ଫେବ୍ରୁଆରୀ ୨୩ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଛି।

● ଜିରୋ ନାଇଟ୍ ପାଇଁ କମିଶନରେଟ୍ ପୁଲିସ ସଜାଗ

ରାତିସାରା ହେବ ପାଟ୍ରୋଲିଂ, ବ୍ଲକିଂ ଓ ଚେକିଂ

ଭୁବନେଶ୍ୱର, ୨୯।୧୨ (ସଂଚାର ବ୍ୟୁରୋ): ଆସନ୍ତା ନୂଆବର୍ଷକୁ ସ୍ୱାଗତ କରିବା ସକାଶେ ରାଜଧାନୀବାସୀ ଜିରୋ ନାଇଟ୍‌ର ମଜା ନେବାକୁ ପ୍ରସ୍ତୁତି ଚଳାଇଛନ୍ତି। ତେବେ ଖୁସିରେ ମସଗୁଲ୍ ହେବା ଚକ୍କରରେ କେହି ଯେପରି ନିୟମ ବହିର୍ଭୂତ କାମ କିଛି ବି କରନ୍ତି, ତା' ଉପରେ କମିଶନରେଟ୍ ପୁଲିସର ତୀକ୍ଷ୍ଣ ନଜର ରହିବ। ଏଥିସକାଶେ ଆଜି କମିଶନରେଟ୍ ପୁଲିସ୍ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ଏହି ନିର୍ଦ୍ଦେଶନାମ ଅନୁସାରେ, କେହି ବି ରାସ୍ତା କଡ଼ରେ ସେଲିବ୍ରେସନ୍ କରିପାରିବେ ନାହିଁ। ତେଣୁ ସେଲିବ୍ରେସନ୍‌ର ଜାଗା ଚିହ୍ନଟ କରିବା ସକାଶେ ସମସ୍ତ ଥାନାଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଇଭେଣ୍ଟ ପାଇଁ ଅନୁମତି ମିଳିଛି କି ନାହିଁ ତଦାରଖ କରିବାକୁ କୁହାଯାଇଛି। ରାତିରେ ନିରନ୍ତର ପାଟ୍ରୋଲିଂ, ବ୍ଲକିଂ ଓ ଚେକିଂ ପାଇଁ କୁହାଯାଇଛି। ସେଲିବ୍ରେସନ୍ ସ୍ଥାନଗୁଡ଼ିକରେ ସଜାଗ ରହିବାକୁ କୁହାଯାଇଛି। ଜିରୋ ନାଇଟ୍‌ରେ ଟ୍ୱିନ୍ ସିଟିରେ କୌଣସି ଅଘଟଣକୁ ଏଡ଼ାଇବାକୁ କମିଶନରେଟ୍ ପୁଲିସ ପକ୍ଷରୁ ଏହି ନିର୍ଦ୍ଦେଶନାମା ଜାରି ହୋଇଛି।

ସେପଟେ ସେଲିବ୍ରେସନ୍ ପାଇଁ ସହରରେ ମୋଟ ୨୮ଟି ଇଭେଣ୍ଟ ପାଇଁ ଅନୁମତି ଦେଇଛି ପୁଲିସ। ସେଥିରୁ ଖେଳପଡ଼ିଆ କିମ୍ବା ବାହାର ଜାଗାରେ ୧୧ଟି ଇଭେଣ୍ଟ କରାଯିବ। ବାକି ୧୭ଟି ଇଭେଣ୍ଟ ହୋଟେଲ ଓ କନଭେନସନରେ ଚାଲିବ। ଏସବୁ ଇଭେଣ୍ଟରେ ଆଇନଶୃଙ୍ଖଳାକୁ ବଜାୟ ରଖିବା ପାଇଁ ସ୍ଥାନୀୟ ଥାନା ପକ୍ଷରୁ ପୁଲିସ ସୁରକ୍ଷା ଯୋଗାଇଦେବ। ରାତି ସାଢ଼େ ୧୨ଟା ପର୍ଯ୍ୟନ୍ତ ଜିରୋ ନାଇଟ୍ ସେଲିବ୍ରେସନ୍ ଚାଲିବ। ତା'ପରେ ପାଟ୍ରୋଲିଂ ଭ୍ୟାନ୍ ପଇଁତରା ମାରି ସମସ୍ତ ଇଭେଣ୍ଟକୁ ବନ୍ଦ କରିବ। ଅନ୍ୟାନ୍ୟ କ୍ଲବ ଓ ପବ୍‌ରେ ସ୍ୱତନ୍ତ୍ର ଆୟୋଜନକୁ ମଧ୍ୟ ନଜରରେ ରଖିଛି ପୁଲିସ। ସେଲିବ୍ରେସନ ଆଳରେ ମାତାଲ୍ ହୋଇ କେହି ଉତ୍ପାତ କଲେ ପୁଲିସ ପକ୍ଷରୁ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁଲିସ୍ କମିଶନର୍ ଏସ. ଦେବଦତ୍ତ ସିଂହ କହିଛନ୍ତି।

ଶ୍ରୀମନ୍ଦିରରେ ରାତି ୧୧ରେ ପହୁଡ଼, ୨ଟାରେ ଫିଟିବ ଦ୍ୱାର

ପୁରୀ, ୨୯।୧୨ (ସଂଚାର ବ୍ୟୁରୋ): ନୂଆ ବର୍ଷ ପାଇଁ ଭକ୍ତମାନଙ୍କ ମଧ୍ୟରେ ପ୍ରଭୁ ଜଗନ୍ନାଥଙ୍କ ଦର୍ଶନ ପାଇଁ ବ୍ୟଗ୍ରତା ବଢୁଥିବା ବେଳେ ଆଜି ଶ୍ରୀମନ୍ଦିରରେ ଶ୍ରୀଜିଉଙ୍କ ନୀତିକାନ୍ତି ନେଇ ମନ୍ଦିର ପ୍ରଶାସନ ପକ୍ଷରୁ ଧାର୍ଯ୍ୟ ନୀତି ଘୋଷଣା କରାଯାଇଛି। ଏହି ଘୋଷଣା ଅନୁସାରେ, ଆସନ୍ତା ୩୧ ତାରିଖରେ ମାତ୍ର ୩ ଘଣ୍ଟା ନିଦ୍ରାଯିବେ ଶ୍ରୀଜିଉ। ଡିସେମ୍ବର ୩୧ ତାରିଖରେ ରାତି ୧୧ ଟାରେ ପହୁଡ ହୋଇ ରାତ୍ର ୨ ଟାରେ ଦ୍ୱାର ଫିଟିବ। ଛତିଶା ନିଯୋଗ ଓ ନୀତି ସବ୍‌କମିଟି ବୈଠକର ଅନୁମୋଦିତ ନୀତି ନିଷ୍ପତ୍ତି ଅନୁସାରେ ମହାପ୍ରଭୁଙ୍କ ହେବ ନୀତିକାନ୍ତି। ସଅଳ ନୀତିକାନ୍ତି ହେଲେ ସଅଳ ପହୁଡ ଓ ସଅଳ ଦ୍ୱାରଫିଟା ନୀତି ହେବ।

● ବାଇକକୁ ଧକ୍କା ଦେଲା ବସ୍

ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

ବାଙ୍ଗିରିପୋଷି, ୨୯।୧୨ (ସଂଚାର ବ୍ୟୁରୋ): ବାଇକକୁ ପଛପଟୁ ଧକ୍କା ଦେଲା ବସ୍। ଦୁର୍ଘଟଣାରେ ସ୍ତ୍ରୀର ମୃତ୍ୟୁ ଘଟିଥିବା ବେଳେ ସ୍ୱାମୀ ଗୁରୁତର ହୋଇଛନ୍ତି। ବାଙ୍ଗିରିପୋଷି ଥାନା ଅନ୍ତର୍ଗତ କଳାବାଡ଼ିଆ ନିକଟ ୧୮ ନଂ ଜାତୀୟ ରାଜପଥରେ ଏହି ମର୍ମନ୍ତୁଦ ଦୁର୍ଘଟଣାଟି ଘଟିଛି। ଗୁରୁତର ଅବସ୍ଥାରେ ସ୍ୱାମୀଙ୍କୁ ବାରିପଦା ପିଆରଏମ ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନାନୁସାରେ, ମୟୂରଭଞ୍ଜ ଜିଲ୍ଲା ଝାରପୋଖରିଆ ଥାନା ଅନ୍ତର୍ଗତ ଦୋରଖୋଲି ଗ୍ରାମର ଦୀପକ କୁମାର ପୃଷ୍ଟି (୩୦) ପତ୍ନୀ କଲ୍ୟାଣୀ ପଥାଳ (୨୫)ଙ୍କୁ ଧରି ବାଇକ ଯୋଗେ ସାରସକଣାରୁ ବାରିପଦା କୌଣସି କାର୍ଯ୍ୟରେ ଯାଉଥିଲେ। ତେବେ ୧୮ ନଂ ଜାତୀୟ ରାଜପଥ କଳାବାଡ଼ିଆ ନିକଟରେ ପଛପଟୁ ଆସୁଥିବା ଏକ ପିକନିକ ବସ୍ ଉକ୍ତ ବାଇକ୍‌କୁ ଧକ୍କା ଦେବା ଫଳରେ କଲ୍ୟାଣୀଙ୍କ ଅଣ୍ଟା ଓ ପେଟରେ ଗଭୀର ଆଘାତ ଲାଗିଥିଲା। ଘଟଣାସ୍ଥଳରେ ସେ ମୃତ୍ୟୁବରଣ କରିଥିବାବେଳେ ଦୀପକ ଗୁରୁତର ଭାବେ ଆହତ ହୋଇଥିଲେ। ଅନ୍ୟପକ୍ଷରେ ଦୁର୍ଘଟଣା ଘଟାଇବା ପରେ ବସ୍‌ଟି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଖବର ପାଇ ଘଟଣାସ୍ଥଳରେ ବାଙ୍ଗିରିପୋଷି ପୁଲିସ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଥିବା ବେଳେ ବାରିପଦା ବାରୁଣୀ ଘାଟରେ ମୃତ କଲ୍ୟାଣୀଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

● ନୂଆବର୍ଷରେ ଭାବର ଠାକୁରଙ୍କ ନୀତି ଭାଙ୍ଗନି

ବିଶ୍ୱ ହିନ୍ଦୁ ପରିଷଦ ଶ୍ରୀମନ୍ଦିର ପ୍ରଶାସନକୁ ଅନୁରୋଧ

ଭୁବନେଶ୍ୱର, ୨୯।୧୨ (ସଂଚାର ବ୍ୟୁରୋ): ଇଂରାଜୀ ନବବର୍ଷ ପାଳନ ପାଇଁ ମହାପ୍ରଭୁଙ୍କୁ ଅନିଦ୍ରା ନ ରଖିବାକୁ ଆହ୍ୱାନ କଲା ରାଜ୍ୟ ହିନ୍ଦୁ ବିଶ୍ୱ ପରିଷଦ (ଭିଏଚ୍‌ପି)। ସୋମବାର ଭୁବନେଶ୍ୱରରେ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟବାସୀଙ୍କ ରାତି ସାରା ମହାପ୍ରଭୁଙ୍କ ଦର୍ଶନ ନ କରିବା ପାଇଁ ନିବେଦନ କରିଛି ବିଏଚପି। ପ୍ରତିଦିନ ଯେପରି ନୀତି ହୁଏ ସେହିଭଳି ମହାପ୍ରଭୁଙ୍କ ପହଡ଼ ପକାଇବା ପାଇଁ ମନ୍ଦିର ପ୍ରଶାସକଙ୍କୁ ମଧ୍ୟ ଅନୁରୋଧ କରିଛି ପରିଷଦ। ସମ୍ପାଦକ ମହେଶ କୁମାର ସାହୁ, ଶ୍ରୀ ମନ୍ଦିର ପ୍ରଶାସନ ପରିଚାଳନା କମିଟିର ସଭାପତି ଗଜପତି ମହାରାଜ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଏନେଇ ଚିଠି ଲେଖିଛନ୍ତି। ସେ କହିଛନ୍ତି ଯେ ଠାକୁରଙ୍କ ଦର୍ଶନ କରିବା ପାଇଁ କୌଣସି ଆପତ୍ତି ନାହିଁ। କିନ୍ତୁ ପୂର୍ବରୁ ଚାଲୁଥିବା ରୀତିନୀତି ଅନୁଯାୟୀ ଦର୍ଶନ କରିବା ଦରକାର। ସାମ୍ବାଦିକ ସମ୍ମିଳନୀରେ ଆହୁରି କୁହାଯାଇଛି ଆବହମାନ କାଳରୁ ମହାପ୍ରଭୁଙ୍କ ସକଳ ପରମ୍ପରା ସନାତନ ଧର୍ମ ଶାସ୍ତ୍ର ଅନୁଯାୟୀ ଅନୁଷ୍ଠିତ ହୋଇ ଆସୁଅଛି। ହେଲେ କିଛି ବର୍ଷ ହେବ ଜାନୁଆରୀ-୧ ଇଂରାଜୀ ନବବର୍ଷ ପାଇଁ ଅର୍ଦ୍ଧରାତ୍ରିରେ ମନ୍ଦିର ଖୋଲିବା ଏକ ନିୟମିତ କାର୍ଯ୍ୟ ହୋଇଛି। ଯାହା ଧାର୍ମିକ ତଥା ହିନ୍ଦୁ ପରମ୍ପରା ଦୃଷ୍ଟିକୋଣରୁ ଆଦୌ ସମୀଚୀନ ନୁହେଁ। ଯେଉଁ କାରଣରୁ ପ୍ରତିବର୍ଷ ଧର୍ମ ଶାସ୍ତ୍ରବିତ ତଥା ପରମ୍ପରା ସଂସ୍କୃତି ସମ୍ପର୍କରେ କାର୍ଯ୍ୟ କରୁଥିବା କେତେକ ବ୍ୟକ୍ତି ତଥା ଅନୁଷ୍ଠାନଗୁଡ଼ିକ ଅସନ୍ତୋଷ ପ୍ରକାଶ କଲେଣି। ଏହା ଏକ ସମ୍ବେଦନଶୀଳ ବିଷୟ ବୋଲି ପରିଷଦ ପକ୍ଷରୁ କୁହାଯାଇଛି। ପରିଷଦ ଆହୁରି କହିଛି ହିନ୍ଦୁମାନଙ୍କର ନୂତନ ବର୍ଷ ହେଉଛି ଚୈତ୍ର ମାସ ଶୁକ୍ଳ ପ୍ରତିପଦା। ଯାହାର ପୌରାଣିକ ଏବଂ ବୈଜ୍ଞାନିକ ସିଦ୍ଧାନ୍ତ ମଧ୍ୟ ରହିଛି। ତେଣୁ କ୍ୟାଲେଣ୍ଡରରେ ବଦଳୁଥିବା ତାରିଖ ଜାନୁଆରୀ ୧ ପାଇଁ ଶ୍ରୀଜଗନ୍ନାଥଙ୍କୁ ରାତ୍ରି ଅନିଦ୍ରା ନ କରି ଦୈନନ୍ଦିନ ରୀତିନୀତି ଚଳାଇବାକୁ ନିବେଦନ କରାଯୋଇଛି।

ତମାଣ୍ଡୋଠାରେ ଅତ୍ୟାଧୁନିକ ଇନଡୋର ସୁଇମିଂ ପୁଲ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୨୯।୧୨ (ସଂଚାର ବ୍ୟୁରୋ): ଭୁବନେଶ୍ୱର ତମାଣ୍ଡୋସ୍ଥିତ ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ (ଜିସିପିଇ) ପରିସରରେ ଆଜି ଏକ ନୂତନ ୨୫

sanchar.live

ସମ୍ପାଦକୀୟ

SANCHAR
ସଞ୍ଚାର

୪ ମଙ ଗଳବାର ୩୦ ଡିସେମ୍ବର ୨୦୨୫, ଭୁବନେଶ୍ୱର
Tuesday 30 December 2025, Bhubaneswar

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

ପରିବେଶ ସୁରକ୍ଷା ବନାମ ବିକାଶର ଦ୍ୱନ୍ଦ୍ୱ

ଭାରତର ପ୍ରାଚୀନତମ ପର୍ବତଶ୍ରେଣୀ ଆରବଲୀ (ଆରାଭାଲି) ଏବେ ଏକ ବଡ଼ ବିବାଦର କେନ୍ଦ୍ରବିନ୍ଦୁରେ ପରିଣତ ହୋଇଛି। ସୁପ୍ରିମ କୋର୍ଟ ନଭେମ୍ବର ୨୦୨୫ରେ ଆରବଲୀ ପର୍ବତ ଶ୍ରେଣୀର ଏକ ନୂଆ ସଂଜ୍ଞା ଗ୍ରହଣ କରିଛନ୍ତି। ସେହି ଅନୁସାରେ କେବଳ ସ୍ଥାନୀୟ ଭୂମିରୁ ୧୦୦ ମିଟର୍ ଉଚ୍ଚତା ବିଶିଷ୍ଟ ଭୂମିଖଣ୍ଡକୁ ଆରବଲୀ ପର୍ବତ ବୋଲି ଗଣାଯିବ। ଏହି ନିୟମ ଅନୁସାରେ ଦୁଇ ବା ଅଧିକ ଏହାଭଳି ପର୍ବତ ଯଦି ୫୦୦ ମିଟର ମଧ୍ୟରେ ଥାଆନ୍ତି, ତେବେ ସେମାନଙ୍କ ମଧ୍ୟବର୍ତ୍ତୀ ଅଞ୍ଚଳକୁ ମଧ୍ୟ ଶ୍ରେଣୀ ଭାବେ ଗଣାଯିବ। କିନ୍ତୁ ପରିବେଶବିତ ଓ କର୍ମୀମାନେ ଏହାକୁ ତୀବ୍ର ବିରୋଧ କରୁଛନ୍ତି। କାରଣ ଏହା ଦ୍ୱାରା ଆରବଲୀର ୯୦ ପ୍ରତିଶତରୁ ଅଧିକ ଅଞ୍ଚଳ ଆଇନଗତ ସୁରକ୍ଷାରୁ ବଞ୍ଚିତ ହୋଇପାରେ।

ଆରବଲୀ ପର୍ବତଶ୍ରେଣୀ ରାଜସ୍ଥାନ, ହରିୟାଣା, ଗୁଜରାଟ ଓ ଦିଲ୍ଲୀ-ଏନ୍‌ସିଆର୍ ଅଞ୍ଚଳରେ ବିସ୍ତୀର୍ଣ୍ଣ। ଏହା ଉତ୍ତର ଭାରତର ଏକ ପ୍ରାକୃତିକ ଢାଲ ଭାବେ କାମ କରି ମରୁଭୂମି ବିସ୍ତାରକୁ ରୋକୁଛି, ଭୂଜଳ ସ୍ତର ରକ୍ଷା କରୁଛି ଏବଂ ଦିଲ୍ଲୀର ବାୟୁ ପ୍ରଦୂଷଣକୁ ନିୟନ୍ତ୍ରଣ କରୁଛି। ପରିବେଶବିତ୍‌ମାନେ କହୁଛନ୍ତି ଯେ ଏହି ନୂଆ ସଂଜ୍ଞା ଖଣି ଖନନ, ରିୟଲ୍ ଏଷ୍ଟେଟର ବିକାଶ ଓ ଅନ୍ୟାନ୍ୟ ଧ୍ୱଂସାତ୍ମକ କାର୍ଯ୍ୟକଳାପ ପାଇଁ ଦ୍ୱାର ଖୋଲିଦେବ, ଯାହା ଫଳରେ ମରୁଭୂମିକରଣ ବଢ଼ିବ, ଜୈବବିବିଧତା ନଷ୍ଟ ହେବ ଏବଂ ଜଳ ସଙ୍କଟ ଗଭୀର ହେବ। ଦିଲ୍ଲୀ-ଏନ୍‌ସିଆର୍‌ର ପ୍ରଦୂଷଣ ହଜାର ଗୁଣ ବଢ଼ିପାରେ ବୋଲି ସତର୍କ କରାଯାଇଛି।

ଅନ୍ୟପଟେ କେନ୍ଦ୍ର ସରକାର ଏହି ଅଭିଯୋଗକୁ ଖଣ୍ଡନ କରି କହୁଛନ୍ତି ଯେ ଏହି ସଂଜ୍ଞା ସୁପ୍ରିମ କୋର୍ଟର ନିର୍ଦ୍ଦେଶରେ ପ୍ରସ୍ତୁତ ହୋଇଛି ଏବଂ ଏହା ଅସ୍ପଷ୍ଟତା ଦୂର କରି ସୁରକ୍ଷାକୁ ଆହୁରି ମଜବୁତ କରାଯିବ। ନୂଆ ଖଣି ଲିଜ୍ ଉପରେ ସମ୍ପୂର୍ଣ୍ଣ ନିଷେଧାଜ୍ଞା ଜାରି କରାଯାଇଛି ଏବଂ ସୁରକ୍ଷିତ ଅଞ୍ଚଳକୁ ବଢ଼ାଇବାର ନିର୍ଦ୍ଦେଶ ଦିଆଯାଇଛି। ସରକାରଙ୍କ ଯୁକ୍ତି ହେଲା ଏହା ଦ୍ୱାରା ଅପବ୍ୟବହାର ରୋକାଯିବ ଏବଂ ସାମଗ୍ରିକ ବିକାଶ ସମ୍ଭବ ହେବ।

ଏହି ବିବାଦ କେବଳ ପରିବେଶ ସୁରକ୍ଷାର ନୁହେଁ, ବରଂ ବିକାଶ ଓ ପରିବେଶର ସନ୍ତୁଳନର ଏକ ବଡ଼ ପ୍ରଶ୍ନ। ରାଜନୈତିକ ଦଳଗୁଡ଼ିକ ମଧ୍ୟ ଏଥିରେ ଜଡ଼ିତ ହୋଇଛନ୍ତି — ବିପକ୍ଷ ଏହାକୁ ଖଣି ମାଫିଆକୁ ଲାଭ ପହଞ୍ଚାଇବାର ଷଡ଼ଯନ୍ତ୍ର ବୋଲି କହୁଛନ୍ତି। କିନ୍ତୁ ସତ୍ୟ ହେଲା ଆରବଲୀ ଭାରତର ପରିବେଶ ସନ୍ତୁଳନର ଏକ ଅମୂଲ୍ୟ ସମ୍ପଦ। ଏହାକୁ ରକ୍ଷା କରିବା ଆମ ସମସ୍ତଙ୍କର ଦାୟିତ୍ୱ। ସରକାରଙ୍କୁ ଉଚିତ୍ ପରିବେଶବିତ୍‌ମାନଙ୍କ ସହ ଆଲୋଚନା କରି ଏକ ସନ୍ତୁଳିତ ନିଷ୍ପତ୍ତି ନେବା ଉଚିତ୍, ଯାହା ଦ୍ୱାରା ଭବିଷ୍ୟତ ପିଢ଼ି ଏହି ପ୍ରାଚୀନ ଧନକୁ ଉପଭୋଗ କରିପାରିବେ। ଆରବଲୀକୁ ବଞ୍ଚାଇବା ହିଁ ଆମର ଉତ୍ତର ଭାରତର ଭବିଷ୍ୟତ ରକ୍ଷା।

ମୋବାଇଲରେ ପାଠପଢ଼ା

ଗିରିଧାରୀ ସାମଲ

ମୋବାଇଲ ଆଁରେ ପୁରା ଶୈଶବ। ଖେଳକୁଦ, ଗୀତନାଚ, ଆଈମାଆ କାହାଣୀ, ଅଜାଙ୍କ ସହ ବଜାରବୁଲା ଆଦି ସବୁ କିଛି ଏବେ କେବଳ ବହିର ପୃଷ୍ଠା ପାଲଟିଛି। ବାସ୍ତବ ଜୀବନରେ ତ ସେ ସବୁର ସ୍ଥାନ ମୋବାଇଲ ଫୋନ ନେଇସାରିଛି। ବିଶେଷକରି କୋଭିଡ଼ ମହାମାରୀ ପରଠାରୁ ପାଠପଢ଼ାରେ ମୋବାଇଲକୁ ଯୋଡ଼ାଯିବା ପରେ ଏହି ସମସ୍ୟା ଅଧିକ ବୃଦ୍ଧି ପାଇଛି। ଅନଲାଇନ କ୍ଲାସ, ଅନଲାଇନ ଟ୍ୟୁସନ, ହ୍ୱାଟସଆପରେ ହୋମୱାର୍କ ଯୋଗୁଁ ପିଲାଟିଏ ମୋବାଇଲକୁ ଧରିବାକୁ ବାଧ ହେଉଛି। ଏଭଳି ପରିସ୍ଥିତିରେ ଅଭିଭାବକ ଚାହିଁଲେ ମଧ୍ୟ ନିଜ ପିଲାକୁ ମୋବାଇଲଠୁ ଦୂର କରିପାରୁନାହାନ୍ତି।

ଚଳିତ ମାସ ପେଡ଼ିଆଟ୍ରିକ୍ସ ଜର୍ଣ୍ଣାଲରେ ପ୍ରକାଶିତ ଏକ ଅଧ୍ୟୟନ ଅନୁସାରେ ୧୨ ବର୍ଷ ବୟସ ଭିତରେ ପିଲାଙ୍କୁ ମୋବାଇଲ ବ୍ୟବହାର କରିବାକୁ ଦେଲେ ଶିଶୁ ଭିତରେ ମୁଣ୍ଡ ବିନ୍ଧା, ନିଦ୍ରାହୀନତା, ଦୃଷ୍ଟିହୀନତା, ମାନସିକ ଅସ୍ଥିରତା ପରେ ଅନେକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୁଏ। ସେହିପରି ଚଳିତ ବର୍ଷ ଜୁଲାଇ ମାସରେ ଜର୍ଣ୍ଣାଲ ଅଫ ଦି ହ୍ୟୁମାନ ଡେଭଲପମେଣ୍ଟ ଆଣ୍ଡ କ୍ୟାପାବିଲିଟିଜରେ ପ୍ରକାଶିତ ଅଧ୍ୟୟନ ଅନୁସାରେ, ପିଲାମାନଙ୍କୁ ୧୩ ବର୍ଷ ବୟସ ପୂର୍ବରୁ ସ୍ମାର୍ଟଫୋନ ଦେବା ଅନୁଚିତ। ଏହା ମାନସି ରୋଗର କାରଣ ହୋଇପାରେ। ଏହା ପିଲା ଭିତରେ ଜୀବନ ହାରିବା ଭଳି ମାନସିକତା ବି ସୃଷ୍ଟି କରିପାରେ।

ପିଲାମାନଙ୍କୁ ମୋବାଇଲ ଜରିଆରେ କ୍ଲାସ ୱାର୍କ ପଠାଇବା, ହୋମୱାର୍କ ଦେବା ଆଦିରୁ ଶିକ୍ଷକ ଶିକ୍ଷୟିତ୍ରୀ ବିରତ ରହିବା ଉଚିତ। କରୋନା ପୂର୍ବରୁ ପିଲାଏ ପାଠପଢ଼ା କ୍ଷେତ୍ରରେ ମୋବାଇଲ ଉପରେ ନିର୍ଭର କରୁନଥିଲେ। ସେତେବେଳେ କ'ଣ ସେମାନେ ପାଠ ପଢୁ ନଥିଲେ? ନା ସେତେବେଳେ ପିଲା କେହି ଡାକ୍ତର, ଇଞ୍ଜିନିୟର ହେଉ ନଥିଲେ? ଏବେ କିଛି ବର୍ଷ ହେଲା ପିଲାମାନଙ୍କୁ ପାଠ ପଢ଼ିବାକୁ କହିଲେ ସେମାନେ ଆଗ ମୋବାଇଲ ମାଗୁଛନ୍ତି। କାହିଁକି ନା, ସେମାନଙ୍କର ଅଧା ପାଠ ରହୁଛି ହ୍ୱାଟସଆପ ଗ୍ରୁପରେ। ମୋବାଇର କୁପରିଣାମ ଜାଣିବା ପରେ ବି ଅଭିଭାବକ ସେମାନଙ୍କ ପିଲାଙ୍କୁ ବାରଣ କରିପାରୁନାହାନ୍ତି। ବାରଣ କଲେ ପଢ଼ାରେ କ୍ଷତି ହେବା ଭୟ ରହୁଛି। ବିଚରା ଅଭିଭାବକ କ'ଣ କରିବେ?

ଆଜିକାଲି ସବୁ ପିଲା ମୋବାଇଲ ଧରୁଛନ୍ତି। ଟିକେ ଧନୀ ଘର ହେଲେ ତ ପିଲାଙ୍କୁ ବ୍ୟକ୍ତିଗତ ଫୋନ ଦିଆଯାଉଛି। ଏହା ଅବାଟକୁ ଯିବା ପାଇଁ ବାଟ ଖୋଲି ଦେଉଛି। ସେଥିପାଇଁ ତ ଅଷ୍ଟ୍ରେଲିଆ ୧୬ ବର୍ଷରୁ କମ ବୟସ୍କ ପିଲାଙ୍କ ପାଇଁ ମୋବାଇଲ ବ୍ୟାନ କରିଦେଲା। ଏବେ ପିଲାମାନେ ମୋବାଇଲ ସହ ଏତେ ଅଭ୍ୟସ୍ତ ଯେ ବାପାମାଆ କହିଲେ ବି ସେମାନେ ଛାଡ଼ିବେନି। ଆମେ ସେମାନଙ୍କ ହାତରୁ ସିଧା ମୋବାଇଲ ଛଡ଼ାଇ ନେଇପାରିବା ନାହିଁ। ହେଲେ ସେମାନଙ୍କ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖିବା ଲାଗି ବିଭିନ୍ନ ବାଟ ଅଛି। ଅଭିଭାବକମାନଙ୍କ ପାଇଁ କେତୋଟି ନିର୍ଦ୍ଦିଷ୍ଟ ସଫ୍ଟୱେର ଅଛି। ସେମାନେ ସେହି ସଫ୍ଟୱେର ଜରିଆରେ ପିଲାଙ୍କ ଉପରେ ନଜର ରଖିପାରିବେ। ପିଲାଙ୍କ ମୋବାଇଲରେ ନିଜ ମେଲ ଆଇଡି ଦେଲେ ସେମାନଙ୍କ ସର୍ଚ ହିଷ୍ଟ୍ରି ଆପଣ ଦେଖିପାରିବେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଟେଲିଗ୍ରାମ ଓ ସ୍ନାପଚାଟ କିମ୍ବା କିଛି ଗେମ ଆପ ଦେଖିଲେ ତୁରନ୍ତ ତାହାକୁ ହଟାଇଦେବେ। ଏଗୁଡ଼ିକ ସବୁ ଏକ ପ୍ରକାରର ନିଶା। ପିଲା ଏହା କବଳରେ ପଡ଼ିଗଲେ ମୁକୁଳିବା ମୁସ୍କିଲ।

ପୁଣି ବହୁ ଅଭିଭାବକ ପିଲାଙ୍କୁ ମୋବାଇଲ ଦେଇ ଆର୍ଥିକ କ୍ଷତି ବି ସହୁଛନ୍ତି। ବିଭିନ୍ନ ପ୍ରକାର ଅନଲାଇନ ଗେମ କେବଳ ଟଙ୍କା ଶୋଷିବାକୁ ଅଛି। ପିଲା ଥରେ ଗେମ ନିଶାରେ ପଡ଼ିଗଲେ ଆପ ଯେତେଥର ଟଙ୍କା ମାଗିବ ସେମାନେ ଖେଳ ଆଶାରେ ସେତେଥର ନିଜ ବାପାମାଆଙ୍କ ୟୁପିଆଇରୁ ଟଙ୍କା ଦେଇଚାଲିବେ। ବିଭିନ୍ନ ଆପରେ ତ ଅଟୋପେ ସେଟିଂ ରହିଛି। ଥରେ ଲଗଇନ କଲେ ନିର୍ଦ୍ଦିଷ୍ଟ ସମୟରେ ଟଙ୍କା କଟି ଚାଲିବ। ସେଥିପାଇଁ ପିଲାଙ୍କର ନିଶା ହେବା ପୂର୍ବରୁ ଅଭିଭାବକ ତାହାକୁ ରୋକିବା ଜରୁରୀ। ପିଲାଙ୍କ ପାଇଁ ମୋବାଇଲ ଆଜିର ସମୟରେ ଏକ ଅତ୍ୟାବଶ୍ୟକ ଜ୍ଞାନର ଭଣ୍ଡାର ପାଲଟିଛି ଏହାକୁ କେହି ଅସ୍ୱୀକାର କରିବେ ନାହିଁ କିନ୍ତୁ ଏଥିରେ ନିୟନ୍ତ୍ରଣ ରହିବା ଜରୁରୀ।

ସାମାଜିକ କର୍ମୀ, ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ



ବିକାଶଶୀଳ ରାଷ୍ଟ୍ରର ପରିଚାଳନା

କିଶୋର ଚନ୍ଦ୍ର ବେହେରା

ଉତ୍ତମ ଶାସନ ଏକ ଏକ ଆଦର୍ଶ ଢାଞ୍ଚା ଯାହା ରାଷ୍ଟ୍ରୀୟ କ୍ଷମତା ଓ ବ୍ୟକ୍ତିର ସ୍ୱାଧୀନତା ମଧ୍ୟରେ ସମନ୍ୱୟ ରକ୍ଷା କରିଥାଏ। ଉତ୍ତମ ଶାସନ ଦ୍ୱାରା ରାଜନୈତିକ ପ୍ରତିଷ୍ଠାନ ଓ ଅର୍ଥନୈତିକ ବ୍ୟବସ୍ଥାର ସଠିକ ମୂଲ୍ୟାୟନ କରାଯାଇ ଆବଶ୍ୟକ ସ୍ଥଳେ ଏହାର ସଂଶୋଧନ କରାଯାଇଥାଏ। ରାଷ୍ଟ୍ରର ପରିଚାଳନା, ସମସ୍ତ ରାଜନୈତିକ ଅନୁଷ୍ଠାନମାନଙ୍କର କାର୍ଯ୍ୟକାରୀତା ଓ ସାଧାରଣ ସମ୍ବଳ ସଠିକ ବିନିଯୋଗ ଓ ସାଧାରଣଙ୍କ ଆବଶ୍ୟକତାର ପୂରଣ ପାଇଁ ଶାସନ ହେଉଛି ଏକ ବଳିଷ୍ଠ ମାଧ୍ୟମ। ଶାସନ ମାଧ୍ୟମରେ ସରକାରୀ ନୀତି ଓ ନିଷ୍ପତ୍ତି ନିର୍ଦ୍ଧାରିତ ହେବା ସହିତ ଏହି ନିଷ୍ପତ୍ତି କାର୍ଯ୍ୟକାରୀ ହୋଇଥାଏ। ପ୍ରତ୍ୟେକ ସର୍ବସାଧାରଣ ଏବଂ ସରକାରୀ ଅନୁଷ୍ଠାନ କିଭଳି ସାଧାରଣ ସମ୍ବଳକୁ ସଠିକ୍ ବିନିଯୋଗ କରୁଛନ୍ତି ତାହାର ସୂଚନା ଶାସନ ପ୍ରଣାଳୀରୁ ଅବଗତ ହୋଇଥାଏ। ତେଣୁ ସ୍ଥାନୀୟ, ଜାତୀୟ, ଅନ୍ତର୍ଜାତୀୟ ଓ ବ୍ୟାବସାୟିକ ପ୍ରତିଷ୍ଠାନ କ୍ଷେତ୍ରରେ ଶାସନର ଗୁରୁତ୍ୱ ପରିଲକ୍ଷିତ ହୋଇଥାଏ। ସରକାରଙ୍କ ତିନ ପ୍ରମୁଖ ଅଙ୍ଗ ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକା ମିଳିତ ସହଯୋଗରେ ଶାସନ ପରିଚାଳନା ସମ୍ଭବ ହୋଇଥାଏ। ଉତ୍ତମ ଶାସନ ଗଣତନ୍ତ୍ରର ଦୃଢ଼ୀକରଣ, ସ୍ୱଚ୍ଛତାର ପରିପ୍ରକାଶ ସହିତ ଦକ୍ଷତା ବୃଦ୍ଧିରେ ସହାୟକ ହୋଇଥାଏ। ମିଳିତ ଜାତିସଂଘର ପୂର୍ବତନ ମହାସଚିବ କୋଫିଆନନଙ୍କ ମତରେ 'ଉତ୍ତମ ଶାସନ ମାନବିକ ଅଧିକାର ସୁରକ୍ଷା କରିବା ସହିତ ଆଇନର ଶାସନ ବ୍ୟବସ୍ଥାକୁ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରିଥାଏ'। ଉତ୍ତମ ଶାସନର ମାନଦଣ୍ଡ ଓ ବୈଶିଷ୍ଟ୍ୟ କେବଳ ମିଳିତ ଜାତିସଂଘ ନିର୍ଦ୍ଧାରଣ କରେନାହିଁ, ବରଂ ବିଶ୍ୱବ୍ୟାଙ୍କ ଓ ଅନ୍ତର୍ଜ୍ୟାତୀୟ ମୁଦ୍ରା ପାଣ୍ଠି ଉତ୍ତମ ଶାସନ ସଂପର୍କରେ ଟିପ୍ପଣୀ ରଖିଥାଏ। ନିର୍ଦ୍ଧାରଣ କରାଯାଇଥିବା ମାନଦଣ୍ଡ ମଧ୍ୟରେ ରାଜନୈତିକ ବ୍ୟବସ୍ଥାର ପ୍ରକୃତି, ରାଷ୍ଟ୍ରର ବିକାଶ ପାଇଁ ସାମାଜିକ ଓ ଆର୍ଥିକ ସମ୍ବଳର ସଦୁପଯୋଗ ଓ ନିଷ୍ପତ୍ତି ନିର୍ଦ୍ଧାରଣ ଓ କାର୍ଯ୍ୟକାରୀତା କ୍ଷେତ୍ରରେ ସରକାରଙ୍କ ଦକ୍ଷତା ଉପରେ ନିର୍ଭର କରିଥାଏ।

ଉତ୍ତମ ଶାସନ ପାଇଁ ରାଷ୍ଟ୍ରର ଶାସନ ବ୍ୟବସ୍ଥା ସଦାସର୍ବଦା ସ୍ୱଚ୍ଛ ଓ ଦୁର୍ନୀତି ମୁକ୍ତ ହେବା ଆବଶ୍ୟକ। ଏହି ବ୍ୟବସ୍ଥାରେ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା ସରଳ ଓ ବୋଧଗମ୍ୟ ହେବା ଆବଶ୍ୟକ। ରାଷ୍ଟ୍ରର ସମସ୍ତ ନାଗରିକ ଆଇନ ଆଗରେ ସମାନ ଓ ଆଇନ ସମସ୍ତଙ୍କୁ ସମାନ ସୁରକ୍ଷା ପ୍ରଦାନ କରିବାର ବ୍ୟବସ୍ଥା କଲେ ରାଷ୍ଟ୍ରର ସୁଶାସନ ବ୍ୟବସ୍ଥା ସମ୍ଭବ ହୋଇ ପାରିବ। ପ୍ରଶାସନିକ ସ୍ତରରେ ଜନମତକୁ ସମ୍ମାନ ଓ ଜନସ୍ୱାର୍ଥର ସୁରକ୍ଷା ନିମନ୍ତେ ଲୋକାଭିମୁଖୀ ଯୋଜନା ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି। ବୈଷମ୍ୟତାର ବିଲୋପ କରି ଜାତି, ଧର୍ମ, ବର୍ଣ୍ଣ, ଭାଷା, ଲିଙ୍ଗ, ଆଞ୍ଚଳିକତାକୁ ନେଇ କୌଣସି ଭେଦଭାବ ରହିବା ଅନୁଚିତ। ନାଗରିକମାନଙ୍କର ରାଜନୈତିକ ଅଂଶଗ୍ରହଣ ଫଳରେ ସେମାନଙ୍କର ସମସ୍ୟାଗୁଡ଼ିକ ସହଜରେ ସମାଧାନ ହୋଇପାରେ ଏବଂ ସରକାର ଏକ ଜନମଙ୍ଗଳକାରୀ ରାଷ୍ଟ୍ର ପ୍ରତିଷ୍ଠା କରିବାରେ ସକ୍ଷମ ହୁଏ। ପ୍ରଶାସକମାନେ ସଦାସର୍ବଦା ଦକ୍ଷ ହେବା ସହିତ ସରକାରଙ୍କ ଜନହିତକାରୀ ଯୋଜନା ପ୍ରସ୍ତୁତ କରିବା କ୍ଷେତ୍ରରେ ପ୍ରୟାସ ଜାରି ରଖିବା ଦରକାର। ସରକାର ଓ ନାଗରିକ ସମାଜ ମଧ୍ୟରେ ଉତ୍ତମ ସମନ୍ୱୟ ରହିବାର ଆବଶ୍ୟକତା ରହିଛି। ପ୍ରତ୍ୟେକ ରାଷ୍ଟ୍ରରେ ନାଗରିକ ସମାଜ ସରକାରଙ୍କ ନୀତି ନିର୍ଦ୍ଧାରଣ ପ୍ରକ୍ରିୟାକୁ ପ୍ରଭାବିତ କରୁଛନ୍ତି, ତେଣୁ ସରକାର ଓ ନାଗରିକ ସମାଜ ମଧ୍ୟରେ ଉତ୍ତମ ସଂପର୍କ ଓ

ସହଯୋଗ ପ୍ରତିଷ୍ଠା ହେବା ଆବଶ୍ୟକ। ମାନବିକ ଅଧିକାର ସୁରକ୍ଷା, ସାମାଜିକ ନ୍ୟାୟ ପ୍ରଦାନ, ଶୋଷଣ ବିଲୋପ ଓ କ୍ଷମତା ଅପପ୍ରୟୋଗକୁ ରୋକିବା ପାଇଁ ଦୃଢ଼ ପଦକ୍ଷେପ ନ୍ୟାୟପାଳିକା ନେବା ଆବଶ୍ୟକ। ଏକ ରାଷ୍ଟ୍ରର ବିକାଶ ପାଇଁ ଉଭୟ ନାଗରିକ ଓ ଜନପ୍ରତିନିଧି ନେତୃବୃନ୍ଦଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ୨୦୦୬ ମସିହାରେ ଅନ୍ତର୍ଜ୍ୟାତୀକ ଉନ୍ନୟନ ବିଭାଗ ଦ୍ୱାରା ପ୍ରକାଶିତ ଶ୍ୱେତପତ୍ରରେ ଉତ୍ତମ ଶାସନକୁ କେବଳ ସରକାର ମଧ୍ୟରେ ସୀମାବଦ୍ଧ ନକରି ଏହାକୁ ସଂସଦ, ରାଜନୈତିକ ଦଳ, ନ୍ୟାୟପାଳିକା, ଗଣମାଧ୍ୟମ, ସଭ୍ୟ ସମାଜ ଆଦି ଅନୁଷ୍ଠାନ ସହିତ ସଂପର୍କ ରହିଛି।

ସମ୍ବାଦପତ୍ର, ବୈଦ୍ୟୁତିକ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମ ଆଧୁନିକ ଶାସନ ବ୍ୟବସ୍ଥାର ଏକ ଶକ୍ତିଶାଳୀ ମାଧ୍ୟମ। ସମ୍ବାଦପତ୍ର କିମ୍ବା ସାମାଜିକ ଗଣମାଧ୍ୟମ କେବଳ ସମ୍ବାଦ ପରିବେଷଣ କରେ ନାହିଁ , ଏହା ଜନମତ ସୃଷ୍ଟି କରିବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଜନମତ ସୃଷ୍ଟି ଓ ସଂଗଠିତ କରିବାରେ ଏହା ଶ୍ରେଷ୍ଠ ମାଧ୍ୟମ ହୋଇଥିବାରୁ ରାଜନୈତିକ ନେତୃବୃନ୍ଦ ଓ ସରକାରୀ ଅଧିକାରୀମାନେ ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରିଥାନ୍ତି। ନାଗରିକମାନଙ୍କର ଦୀର୍ଘସୂତ୍ରୀ ବିକାଶ ପ୍ରଶାସନ ଆଇନ ସମ୍ମତ ଓ ବୈଧ ନିଷ୍ପତ୍ତି ଗୁଡ଼ିକ ନେଇ କାର୍ଯ୍ୟକାରୀ କରିଥାଏ। ଗଣମାଧ୍ୟମର ସ୍ୱାଧୀନତା, ସ୍ୱଚ୍ଛତା, ଉତ୍ତରଦାୟିତ୍ୱ, ମାନବିକ ଅଧିକାରର ସମ୍ମାନ ଏବଂ ଜନସାଧାରଣଙ୍କ ଅଂଶଗ୍ରହଣ ରାଷ୍ଟ୍ରୀୟ ବିକାଶ କ୍ଷେତ୍ରରେ ପ୍ରମୁଖ ଭାଗୀଦାର ହୋଇଥାଏ। ବିଶେଷ କରି ଗଣତନ୍ତ୍ରରେ ଜନତାଙ୍କ ନିଷ୍ପତ୍ତିକୁ ଗଣମାଧ୍ୟମ ପ୍ରତିଫଳିତ ଓ ସୁରକ୍ଷିତ କରିଥାଏ। ତେଣୁ ଗଣମାଧ୍ୟମକୁ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ବୋଲି କୁହାଯାଏ। ଗଣମାଧ୍ୟମ ହିଁ ଗଣତନ୍ତ୍ରରେ ରାଜନୈତିକ ଅଂଶଗ୍ରହଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାଏ। ସରକାରଙ୍କୁ ଦାୟିତ୍ୱଶୀଳ କରିବା କ୍ଷେତ୍ରରେ ଗଣମାଧ୍ୟମର ଭୂମିକା ଅତୁଳନୀୟ। ଶାସନ କ୍ଷମତାର ବିକେନ୍ଦ୍ରୀକରଣ, ଦୁର୍ନୀତି ନିବାରଣ, ଆଇନର ଶାସନ ପ୍ରତିଷ୍ଠା ଓ ନାଗରିକଙ୍କ ରାଜନୈତିକ ପ୍ରକ୍ରିୟାରେ ଅଂଶ ଗ୍ରହଣ ଦିଗରେ ବେଶ୍ ସହଯୋଗ କରିଥାଏ। ତେଣୁ ଗଣମାଧ୍ୟମକୁ ଜନମତ ଓ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ କୁହାଯାଏ। ଆଜିର ଗଣତନ୍ତ୍ରରେ ଶାସନର ଚାବି କାଠି ରହିଛି କେତେକ ବ୍ୟକ୍ତି ବିଶେଷ ଓ ମୁଷ୍ଟିମେୟ ତଥା ପ୍ରଭାବଶାଳି ବ୍ୟକ୍ତିଙ୍କ ହାତ ମୁଠାରେ। ସେମାନଙ୍କର ରାୟ ନିଷ୍ପତ୍ତି ହେଉଛି ଆଜିର ଗଣତାନ୍ତ୍ରିକ ଶାସନ। ମନୁଷ୍ୟର ଜନ୍ମଗତ ମୌଳିକ ଅଧିକାରକୁ ସମାଜରେ ପ୍ରତିଷ୍ଠିତ କରି ଏବଂ ପ୍ରତ୍ୟେକ ବ୍ୟକ୍ତିକୁ ସ୍ୱାଧୀନ ଭାବରେ ମତ ବ୍ୟକ୍ତ କରିବାର ପୂର୍ଣ୍ଣ ସୁଯୋଗ ଦେଇ, ତା'ର ସ୍ୱାଧୀନ ଚିନ୍ତାଧାରାକୁ ବିକାଶୋନ୍ମୁଖୀ କରାଇବା ହେଉଛି ଗଣତନ୍ତ୍ରର ପ୍ରଧାନ ଉଦ୍ଦେଶ୍ୟ। ଅତଏବ, ବ୍ୟକ୍ତି ସ୍ୱତନ୍ତ୍ର ହିଁ ଗଣତାନ୍ତ୍ରିକ ଶାସନ ପଦ୍ଧତିର ଭିତ୍ତିଭୂମି। ଏଥିରେ ଧନୀ, ଦରିଦ୍ର, ଶିକ୍ଷିତ, ଅଶିକ୍ଷିତ, ସଂଖ୍ୟାନ୍ୟୁନ ତଥା ସଂଖ୍ୟା ଗରିଷ୍ଠ ସବୁ ଶ୍ରେଣୀର ଲୋକଙ୍କର ସାମାଜିକ ଓ ରାଜନୈତିକ ଅଧିକାର ସମାନ। ଜନତାର ସିଦ୍ଧାନ୍ତ ହେଉଛି ସର୍ବଶେଷ ଏବଂ ସର୍ବଶ୍ରେଷ୍ଠ ସିଦ୍ଧାନ୍ତ।

ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ
ନନ୍ଦପୁର, ଜିଲ୍ଲା: କୋରାପୁଟ
ଯୋଗାଯୋଗ: ୯୪୩୭୯୫୫୫୬୮
EMAIL: KISHORSDDM@GMAIL.COM

ଆରାବଲ ବବାଦ: ଖଣି ମାଫିଆ ବନାମ ପରବେଶ ସୁରକ୍ଷା

ଅସିତ ମହାନ୍ତି

ଆରାବଳି ପର୍ବତମାଳାକୁ ନେଇ ବିତର୍କ କେବଳ ବୈଷୟିକ ପରିଭାଷାର ବିଷୟ ନୁହେଁ, ବରଂ ଉତ୍ତର ଭାରତର ପରିବେଶ, ଜଳବାୟୁ ଏବଂ ସାମାଜିକ ଜୀବନର ଭବିଷ୍ୟତ ସହିତ ଜଡିତ ଏକ ପ୍ରଶ୍ନ। ସରକାର ଏବଂ ନ୍ୟାୟପାଳିକା ଦ୍ୱାରା ସାମ୍ପ୍ରତିକ ପରିଭାଷା ଚିନ୍ତା ସୃଷ୍ଟି କରିଛି ଯେ ଏହି ପ୍ରାଚୀନ ପର୍ବତମାଳାକୁ ବିକାଶ ଏବଂ ଖଣି ପାଇଁ ବଳିଦାନ ଦିଆଯାଇପାରେ।

ଆରାବଲ୍ଲୀ ପର୍ବତମାଳାକୁ କେବଳ ଭାରତରେ ନୁହେଁ ବରଂ ପୃଥିବୀର ସବୁଠାରୁ ପୁରୁଣା ପର୍ବତମାଳାର ଗୋଟିଏ ଭାବରେ ବିବେଚନା କରାଯାଏ। ଏହା ପ୍ରାୟ ୨ ବିଲିୟନ ବର୍ଷ ପୂର୍ବେ ପ୍ରୋଟେରୋଜୋଇକ୍ ଯୁଗରେ ଗଠିତ ହୋଇଥିଲା, ଯେତେବେଳେ ପୃଥିବୀର ଟେକ୍ଟୋନି

ଉନ୍ନାଓ ମାମଲାରେ ସିବିଆଇର ବିଜୟ

ଜେଲରେ ରହିବେ କୁଲଦୀପ ସେଙ୍ଗାର

ହାଇକୋର୍ଟଙ୍କ ନିଷ୍ପତ୍ତି ଉପରେ ରୋକ ଲଗାଇଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୯।୧୨: ପୂର୍ବତନ ବିଧାୟକ କୁଲଦୀପ ସେଙ୍ଗାରଙ୍କୁ ଲାଗିଛି ସୁପ୍ରିମ୍ ଝଟକା। ଜେଲରେ ରହିବେ ଦୋଷୀ। ଦିଲ୍ଲୀ ହାଇକୋର୍ଟଙ୍କ ଦଣ୍ଡାଦେଶକୁ ସ୍ଥଗିତ ରଖିଛନ୍ତି ସୁପ୍ରିମକୋର୍ଟ। ଦିଲ୍ଲୀ ହାଇକୋର୍ଟ ମଧ୍ୟ ସେଙ୍ଗାରଙ୍କୁ ଜାମିନ ପ୍ରଦାନ କରିଛନ୍ତି। ଦିଲ୍ଲୀ ହାଇକୋର୍ଟର ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛି ସିବିଆଇ। ସେଙ୍ଗାରଙ୍କ ଦଣ୍ଡାଦେଶକୁ ବଜାୟ ରଖିବା ପାଇଁ ସିବିଆଇ ସୁପ୍ରିମକୋର୍ଟରେ ଆବେଦନ କରିଛି। ପୂର୍ବତନ ବିଧାୟକ କୁଲଦୀପ ସେଙ୍ଗାରଙ୍କ ଦଣ୍ଡାଦେଶକୁ ସ୍ଥଗିତ ରଖିବା ପାଇଁ ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶ ଉପରେ ସୁପ୍ରିମକୋର୍ଟ ସ୍ଥଗିତ ରଖିଛନ୍ତି। ସୁପ୍ରିମକୋର୍ଟ ଏହା ମଧ୍ୟ କହିଛନ୍ତି ଯେ, ଜାମିନ ପାଇବା ପରେ ମଧ୍ୟ ସେଙ୍ଗାରଙ୍କୁ ଜେଲରୁ ମୁକ୍ତ କରାଯାଇପାରିବ ନାହିଁ। ୪ ସପ୍ତାହ ପରେ ପରବର୍ତ୍ତୀ ମାମଲାର ଶୁଣାଣି ହେବ ସଲିସିଟର ଜେନେରାଲ ତୁଷାର ମେହେଟା ମଧ୍ୟ କୋର୍ଟରେ ଯୁକ୍ତି ଦେଇଥିଲେ ଯେ, ପୀଡିତାଙ୍କ ବୟସ ୧୬ବର୍ଷରୁ କମ୍। ଏହି ମାମଲାରେ ଏକ ଆବେଦନ ବିଚାରାଧୀନ ଅଛି। ସିବିଆଇ ଓକିଲ କହିଛନ୍ତି ଯେ, ଟ୍ରାଏଲ୍ କୋର୍ଟ ନିସନ୍ଦେହରେ ଅଭିଯୁକ୍ତଙ୍କୁ ଆଇପିସିର ଧାରା ୩୭୬ ଅନୁଯାୟୀ ଦୋଷୀ ସାବ୍ୟସ୍ତ କରିଛନ୍ତି।

ଧାରା ୩୭୬ (୯୧) ଅନୁଯାୟୀ ସର୍ବନିମ୍ନ ୧୦ ବର୍ଷ ଏବଂ ସର୍ବାଧିକ ଆଜୀବନ କାରାଦଣ୍ଡ ବ୍ୟବସ୍ଥା ରହିଛି। ତୁଷାର ମେହତା କହିଛନ୍ତି ଯେ, ଧାରା ୩୭୬ (୨) ଅନୁଯାୟୀ, ସର୍ବନିମ୍ନ ୨୦ ବର୍ଷ ଏବଂ ସର୍ବାଧିକ ଦଣ୍ଡ ଅଭିଯୁକ୍ତଙ୍କ ଜୈବିକ ଜୀବନ ଶେଷ ହେବା ପର୍ଯ୍ୟନ୍ତ କାରାଦଣ୍ଡ। ପୀଡ଼ିତାଙ୍କ ବୟସ ୧୬ ବର୍ଷରୁ କମ୍ ଥିଲା, ତେଣୁ ଏହି ମାମଲା କଠୋର ଦଣ୍ଡ ପରିସରକୁ ଆସିବ। ତାଙ୍କର ନିଷ୍ପତ୍ତିରେ, ହାଇକୋର୍ଟ କହିଛନ୍ତି ଯେ, ସେଙ୍ଗାର ସାତବର୍ଷରୁ ଅଧିକ ସମୟ ଧରି ଜେଲରେ ଅଛନ୍ତି। ତାଙ୍କ ଆବେଦନର ଶୁଣାଣି ବହୁତ ଅଧିକ ସମୟ ନେଉଛି। ମାମଲାକୁ ସାତଥର ସ୍ଥଗିତ ରଖାଯାଇଛି। ହାଇକୋର୍ଟ ଅନୁଭବ କରିଛନ୍ତି ଯେ ଆବେଦନ ଏତେ ସମୟ ନେଉଛି,ଯାହା ସେଙ୍ଗାରଙ୍କ ଅଧିକାରକୁ ପ୍ରଭାବିତ କରୁଛି। ପୀଡିତାଙ୍କ ପିତାଙ୍କ ହତ୍ୟା ପାଇଁ ସେଙ୍ଗାରଙ୍କ ବିରୁଦ୍ଧରେ ଏକ ମାମଲା ଅଛି ଏବଂ ସେହି ମାମଲା ବିରୁଦ୍ଧରେ ମଧ୍ୟ ଏକ ଆବେଦନ ଦାଖଲ କରାଯାଇଛି।

ଆମେରିକା ସହଯୋଗୀଙ୍କୁ ଇରାନର ଧମକ

ତେହେରାନ,୨୯।୧୨: ଇରାନକୁ ଘେରିବାକୁ ପ୍ରସ୍ତୁତି କରୁଛି ଇସ୍ରାଏଲ । ଆମେରିକାକୁ ନିଜର ଯୁଦ୍ଧ ପ୍ଲାନ ଦେବେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ । ଆଉ ଏହାରି ଭିତରେ ଇରାନର ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ୍ ବିସ୍ଫୋରକ ମନ୍ତବ୍ୟ ଦେଇଛନ୍ତି ।ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ କହିଛନ୍ତି ଯେ, ତାଙ୍କ ଦେଶ ଆମେରିକା, ଇସ୍ରାଏଲ ଏବଂ ୟୁରୋପ ସହିତ 'ପୂର୍ଣ୍ଣକାଳୀନ ଯୁଦ୍ଧ'ରେ ଅଛି। ଶନିବାର ଇରାନର ସର୍ବୋଚ୍ଚ ନେତାଙ୍କ ସରକାରୀ ୱେବସାଇଟରେ ପ୍ରକାଶିତ ଏକ ସାକ୍ଷାତକାରରେ ପେଜେସ୍କିଆନ କହିଛନ୍ତି ଯେ, 'ପଶ୍ଚିମ ଦେଶମାନେ ଚାହାଁନ୍ତି ନାହିଁ ଯେ, ଇସଲାମିକ ଗଣରାଜ୍ୟ ନିଜ ଗୋଡରେ ଛିଡ଼ା ହେଉ।' ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟି ଇରାନ ଉପରେ ଆକ୍ରମଣ କରିବାର ଯୋଜନା ଉପସ୍ଥାପନ କରିବାକୁ ଯାଉଛନ୍ତି। ଆଉ ଏହାରି ମଧ୍ୟରେ ଇରାନ ରାଷ୍ଟ୍ରପତିଙ୍କ ଏହି ମନ୍ତବ୍ୟ ଆସିଛି। ଅନେକ ରିପୋର୍ଟରେ କୁହାଯାଇଛି ଯେ, ଇରାନ ଯୁଦ୍ଧରେ ଆମେରିକାକୁ ଟାଣିବାକୁ ଚାହୁଁଛି ଇସ୍ରାଏଲ। ସାକ୍ଷାତକାର ସମୟରେ ଇରାନୀ ଅଧିକାରୀମାନେ ଆମେରିକା ଏବଂ ଇସ୍ରାଏଲ ସହିତ ସମ୍ଭାବ୍ୟ ସଂଘର୍ଷ ବିଷୟରେ କହିଛନ୍ତି ଯେ, 'ଆମେ ପୂର୍ବ ଆକ୍ରମଣ ଅପେକ୍ଷା ଅଧିକ ଶକ୍ତିଶାଳୀ ହୋଇଛୁ। ଯଦି ସେମାନେ ଆକ୍ରମଣ କରିବାକୁ ନିଷ୍ପତ୍ତି ନିଅନ୍ତି, ତେବେ ସେମାନେ ସ୍ୱାଭାବିକ ଭାବରେ କଡ଼ା ଜବାବ ପାଇବେ।'

ବାଂଲାଦେଶରେ ପୁଣି ହିନ୍ଦୁଙ୍କୁ ଟାର୍ଗେଟ୍

୮ ଜଣଙ୍କୁ ଜୀଅନ୍ତା ଜାଳିବାକୁ ଉଦ୍ୟମ

- ୫ ପରିବାରର ଘର ଭସ୍ମୀଭୂତ
- କବାଟ ବନ୍ଦ କରି ନିଆଁ ଲଗାଇଦେଲେ

ଢାକା,୨୯।୧୨: ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁ ସମ୍ପ୍ରଦାୟ ଉପରେ ଆକ୍ରମଣ ଥମିବାର ନାଁ ନେଉନାହିଁ। ରବିବାର ପିରୋଜପୁର ଜିଲା ଦୁମରିତାଲା ଗ୍ରାମରେ ଏକ ଭୟଙ୍କର ଘଟଣା ଘଟିଛି। ଏଠାରେ ଏକ ହିନ୍ଦୁ ପରିବାରର ୫ଟି ଘରେ ଦୁର୍ବୃତ୍ତମାନେ ନିଆଁ ଲଗାଇ ଦେଇଛନ୍ତି।

ସୂଚନା ଅନୁଯାୟୀ, ବିଳମ୍ବିତ ରାତିରେ ସାହା ପରିବାରର ସଦସ୍ୟମାନେ ଶୋଇଥିବା ସମୟରେ ବାହାରୁ କବାଟ ବନ୍ଦ କରି ଦୁର୍ବୃତ୍ତମାନେ ଘର ଭିତରକୁ କପଡ଼ା ପୁରାଇ ନିଆଁ ଲଗାଇ ଦେଇଥିଲେ। ନିଆଁର ପ୍ରକୋପ ଏତେ ଭୟଙ୍କର ଥିଲା ଯେ, ଦେଖୁ ଦେଖୁ ୫ଟି ଯାକ ଘର ଜଳିବାକୁ ଲାଗିଥିଲା। ପରିବାରର ୮ ଜଣ ସଦସ୍ୟ ଟିଣ ଚାଦର ଓ ବାଉଁଶ ବାଡ଼ କାଟି ଅଲ୍ପକେ ବଞ୍ଚି ଯାଇଥିଲେ ମଧ୍ୟ ସେମାନଙ୍କର ସମସ୍ତ ଆସବାବପତ୍ର ଏବଂ ଗୃହପାଳିତ ପଶୁ ନିଆଁରେ ପୋଡ଼ି ମୃତ୍ୟୁବରଣ କରିଛନ୍ତି। ଘଟଣା ସମ୍ପର୍କରେ ଖବର ପାଇ ପିରୋଜପୁର ପୁଲିସ ଅଧୀକ୍ଷକ ମହମ୍ମଦ ମଞ୍ଜୁର ଅହମ୍ମଦ ସିଦ୍ଦିକି ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ଏହି ମାମଲାରେ ପୁଲିସ ଏପର୍ଯ୍ୟନ୍ତ ୫ ଜଣ ସନ୍ଦିଗ୍ଧଙ୍କୁ ଗିରଫ କରିଥିବା ବେଳେ ଅନ୍ୟମାନଙ୍କୁ ଧରିବା ପାଇଁ ତଦନ୍ତ ଜାରି ରଖିଛି।

ଏହି ଘଟଣା ପୂର୍ବରୁ ଗତ ଡିସେମ୍ବର ୧୮ରେ ମୟମନସିଂହ ଜିଲାରେ ଦୀପୁ ଚନ୍ଦ୍ର ଦାସ ନାମକ ଜଣେ ଯୁବକଙ୍କୁ ଧର୍ମ ନିନ୍ଦା ଅଭିଯୋଗରେ ପିଟି ପିଟି ହତ୍ୟା କରାଯିବା ସହ ଶରୀରକୁ ଜାଳି ଦିଆଯାଇଥିଲା। ସେହିଭଳି ରାଜବାଡ଼ିରେ ମଧ୍ୟ ଅମୃତ ମଣ୍ଡଳ ନାମକ ଜଣେ ବ୍ୟକ୍ତିଙ୍କୁ ମଧ୍ୟ ପିଟି ପିଟି ମାରି ଦିଆଯାଇଛି। ଚଳିତ ବର୍ଷ ଜୁନ୍‌ରୁ ଡିସେମ୍ବର ମଧ୍ୟରେ ହିନ୍ଦୁଙ୍କ ବିରୋଧରେ ୭୧ରୁ ଅଧିକ ଧର୍ମ ନିନ୍ଦା ମାମଲା ସାମ୍ନାକୁ ଆସିଛି। ଶେଖ ହସିନାଙ୍କ ସରକାର ପତନ ପରେ ମହମ୍ମଦ ୟୁନୁସଙ୍କ ଅନ୍ତରୀଣ ସରକାର ଅମଳରେ ଚରମପନ୍ଥୀଙ୍କ ପ୍ରାଦୁର୍ଭାବ ବଢ଼ିବା ସହ ଭାରତ ବିରୋଧୀ ମନୋଭାବ ତୀବ୍ର ହୋଇଛି। ସଂଖ୍ୟାଲଘୁଙ୍କ ଉପରେ ଏଭଳି ସୁନିଯୋଜିତ ଆକ୍ରମଣ ବାଂଲାଦେଶରେ ମାନବାଧିକାର ପ୍ରତି ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏବେ ସାହା ପରିବାର ଓ ସ୍ଥାନୀୟ ସଂଖ୍ୟାଲଘୁମାନେ ଅତ୍ୟନ୍ତ ଭୟଭୀତ ଅବସ୍ଥାରେ ରହିଛନ୍ତି। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଭିଡିଓରେ ସ୍ଥାନୀୟ ଲୋକେ ନିଆଁ ଲିଭାଇବାକୁ ଚେଷ୍ଟା କରୁଥିବା ଦେଖିବାକୁ ମିଳିଛି।

ପ୍ରତିରକ୍ଷା ମନ୍ତ୍ରଣାଳୟର ବଡ଼ ନିଷ୍ପତ୍ତି

୭୯ ହଜାର କୋଟିର ଅସ୍ତ୍ରଶସ୍ତ୍ର କ୍ରୟ ପ୍ରସ୍ତାବକୁ ମଞ୍ଜୁରୀ

ନୂଆଦିଲ୍ଲୀ,୨୯।୧୨: ଚୀନ-ପାକିସ୍ତାନ ପରି ଶତ୍ରୁ ଦେଶଙ୍କୁ କଡ଼ା ଜବାବ ଦେବା ପାଇଁ ଭାରତର ବଡ଼ ପ୍ରସ୍ତୁତି। ସୋମବାର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧକ୍ଷତାରେ ହୋଇଥିବା ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ ବୈଠକରେ ତିନି ସେନା ପାଇଁ ପ୍ରାୟ ୭୯,୦୦୦ କୋଟି ଟଙ୍କାର ପ୍ରତିରକ୍ଷା କ୍ରୟ ପ୍ରସ୍ତାବକୁ ସ୍ୱୀକୃତି ଦେଇଛନ୍ତି। ଏହି କ୍ରୟ ଭାରତର ସୈନ୍ୟ ପ୍ରସ୍ତୁତି ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ଏହି ଡିଲ୍ ପରେ ଏବେ ସ୍ଥଳସେନାକୁ ଆଧୁନିକ ହତିଆର ଓ ଡ୍ରୋନ୍ ନିରୋଧୀ ସିଷ୍ଟମ ମଧ୍ୟ ମିଳିବ।

ଉଲ୍ଲେଖଯୋଗ୍ୟ ଯେ, ଏହି ଡିଲ୍ ଅଧୀନରେ ସେନା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଞ୍ଜୁରୀ ଦିଆଯାଇଛି। ସେନାକୁ ଏବେ ଲୋଇଟର ମ୍ୟୁନିସନ ସିଷ୍ଟମ ମିଳିବାକୁ ଯାଉଛି, ଯାହା ସାହାଯ୍ୟରେ ଶତ୍ରୁଙ୍କ ଗୁରୁତ୍ୱପୂର୍ଣ୍ଣ ଠିକଣା ଉପରେ ସଠିକ୍ ଆକ୍ରମଣ କରାଯାଇପାରିବ। ଏହିପରି ଲୋ-ଲେଭଲ୍ ଲାଇଟ୍ ୱେଟ୍ ରାଡାର ଶତ୍ରୁଙ୍କ ଛୋଟ ଓ କମ ଉଚ୍ଚରେ ଉଡୁଥିବା ଡ୍ରୋନ ଯୁଏଭିକୁ ଚିହ୍ନଟ ଓ ଟ୍ରାକ୍ କରିବ। ପିନାକା ରକେଟ୍ ସିଷ୍ଟମ ପାଇଁ ଦୀର୍ଘ ଦୂରଗାମୀ ଗାଇଡେଡ୍ ରକେଟ୍ ଯୋଗୁ ପିନାକାର ରେଞ୍ଜ ଓ ସଠିକ୍ ଲକ୍ଷ୍ୟ ଭେଦ କ୍ଷମତା ବୃଦ୍ଧ ପାଇବ। ଅନ୍ୟପଟେ ଇଣ୍ଟିଗ୍ରେଟେଡ୍ ଡ୍ରୋନ ଡିଟେକ୍ସନ ଆଣ୍ଡ ଇଣ୍ଟରଡିକ୍ସନ ସିଷ୍ଟମ ଏମକେ-୨ ସାହାଯ୍ୟରେ ସେନା

ସୀମାବର୍ତ୍ତୀ ଓ ଆଭ୍ୟନ୍ତରୀଣ କ୍ଷେତ୍ରରେ ସେନାର ଗୁରୁତ୍ୱପୂର୍ଣ୍ଣ ସମ୍ପତ୍ତିକୁ ଡ୍ରୋନ ଆକ୍ରମଣରୁ ସୁରକ୍ଷା ଦେଇପାରିବ।

ଏହି ଡିଲରେ ନୌସେନାର ମଧ୍ୟ ଶକ୍ତି ବୃଦ୍ଧିପାଇବ। ଏହି ଡିଲ୍ର ଅନୁଯାୟୀ ନୌସେନା ପାଇଁ ଅନୁମୋଦିତ ପ୍ରସ୍ତାବଗୁଡ଼ିକରେ ବୋଲାର୍ଡ ପୁଲ୍ ଟଗ୍ ଭଳି ଉପକରଣ ଅନ୍ତର୍ଭୁକ୍ତ ହେବ। ଏହା ସାମିଲ ହେବା ପରେ, ଏଗୁଡ଼ିକ ବନ୍ଦର ନାଭିଗେସନ୍ ଏବଂ ସୀମିତ ସ୍ଥାନରେ ଚଲାଇବାରେ ଜାହାଜ ଏବଂ ବୁଡ଼ାଜାହାଜଗୁଡ଼ିକୁ ସହାୟତା କରିବ। ହାଇ-ଫ୍ରିକ୍ୱେନ୍ସି ସଫ୍ଟୱେର୍-ପରିଭାଷିତ ରେଡିଓ ବୋର୍ଡିଂ ଏବଂ ଅବତରଣ କାର୍ଯ୍ୟ ସମୟରେ ସୁରକ୍ଷିତ ଏବଂ ଦୂରଗାମୀ ଯୋଗାଯୋଗକୁ ବୃଦ୍ଧି କରିବ। ଡ୍ରୋନ୍ ହାଇ-ଅଲ୍ଟିଚ୍ୟୁଡ, ଦୂରଗାମୀ ଡ୍ରୋନ୍ ଭାରତ ମହାସାଗର ଅଞ୍ଚଳରେ ନିରନ୍ତର ନଜର ରଖିବା, ଗୁପ୍ତଚର ସଂଗ୍ରହ ଏବଂ ସାମୁଦ୍ରିକ ସୁରକ୍ଷାକୁ ସୁଦୃଢ଼ କରିବ। ସେହିପରି, ଏହି ଚୁକ୍ତି ବାୟୁସେନା ପାଇଁ ଗୁରୁତ୍ୱପୂର୍ଣ୍ଣ ହେବ। ବାୟୁସେନା ଏକ ସ୍ୱୟଂଚାଳିତ ଉଡ଼ାଣ ଏବଂ ଅବତରଣ ରେକର୍ଡିଂ ସିଷ୍ଟମ ପାଇବ, ଯାହା ସମସ୍ତ ପାଣିପାଗ ପରିସ୍ଥିତିରେ ଉଡ଼ାଣ ଏବଂ ଅବତରଣର ହାଇ-ଡେଫିନେସନ୍ ରେକର୍ଡିଂ ମାଧ୍ୟମରେ ଉଡ଼ାଣ ସୁରକ୍ଷାକୁ ବୃଦ୍ଧି କରିବ। ବାୟୁସେନା ଆଷ୍ଟ୍ରା ଏମକେ-୨ କ୍ଷେପଣାସ୍ତ୍ର ମଧ୍ୟ ପାଇବ, ଯାହା ଦୂର ଦୂରାନ୍ତର ଏବଂ ଦୂରରୁ ଶତ୍ରୁ ବିମାନକୁ ଗୁଳି କରିବାର କ୍ଷମତା ଅଛି। ସେହିପରି ବାୟୁସେନା ସ୍ପାଇସ ୧୦୦୦ ଗାଇଡେଡ୍ କିଟ୍ ମଧ୍ୟ ପାଇବ, ଯାହା ବାୟୁସେନାର ଦୂର ଦୂରାନ୍ତରୁ ସଠିକ୍ ଆକ୍ରମଣ କରିବା କ୍ଷମତାକୁ ଆହୁରି ବୃଦ୍ଧି କରିବ।

ବଲେରୋ ଉପରେ ଓଲଟିଲା ଟ୍ରକ୍, ଚାଳକ ମୃତ

ରାମପୁର,୨୯।୧୨: ଡିଭାଇଡରକୁ ଧକ୍କା ଦେଇ ବଲେରୋ ଉପରେ ଓଲଟିଲା ଟ୍ରକ୍। ବଲେରୋ ସହ ଚାପି ହୋଇଗଲେ ଚାଳକ। ଏହି ମର୍ମନ୍ତୁଦ ଦୁର୍ଘଟଣାଟି ଉତ୍ତରପ୍ରଦେଶର ରାମପୁରରେ ଘଟିଛି। ଏହି ଦୁର୍ଘଟଣାରେ ବଲେରୋ ଚାଳକଙ୍କ ମୃତ୍ୟୁ ହୋଇଛି। ଟ୍ରକ୍‌ଟି ବଲେରୋକୁ ଚାପି ଦେବା ଫଳରେ ଚାଳକ ଆଉ ବାହାରକୁ ଆସିବାକୁ ସଫଳ ହୋଇପାରିନଥିଲେ। ରବିବାର ଉତ୍ତରପ୍ରଦେଶର ରାମପୁର ଜିଲ୍ଲାରେ ଥିବା ପାହାଡି ଗେଟ୍ ନିକଟସ୍ଥ ଗଞ୍ଜ ଥାନା ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଥିଲା। ଭାଇରାଲ ଭିଡିଓରେ ଦେଖାଯାଉଛି ଯେ, ଆଗରେ ବଲେରୋ ଆସୁଥିବା ବେଳେ ପଛରେ ଆସୁଛି ଧାନ ଅଗାଡ଼ି ବୋଝେଇ ଟ୍ରକ୍। ଏହା ପରେ ବୁଲାଣି ବୁଲିବା ପାଇଁ ବଲେରୋଟି ହଠାତ୍ ଡାହାଣକୁ ବୁଲୁଛି। ହେଲେ ଗାଡ଼ିର ଇଞ୍ଜିକେଟର ନଦେଇ ଚାଳକ ହଠାତ୍ ଗାଡ଼ି ବୁଲାଇ ଦେବାରୁ ଟ୍ରକ୍ ସହ ଧକ୍କା ଖାଉଛି। ଅନ୍ୟପକ୍ଷରେ ଟ୍ରକ୍ ଚାଳକ ବଲେରୋକୁ ବଞ୍ଚାଇବାକୁ ଯାଇ ଡିଭାଇଡର ଉପରେ ଚଢ଼ିବା ସହ ଓଲଟି ପଡୁଛି। ବୋଲେରୋଟି ଟ୍ରକ୍‌କୁ ଲାଗି ରହିଥିବାରୁ ଟ୍ରକ୍ ତଳେ ଚାପି ହୋଇଯାଉଛି। ଟ୍ରକ୍ ଓ ଧାନ ଅଗାଡ଼ି ତଳେ ଚିପିହୋଇ ଯାଉଛି ବଲେରୋ। ସୂଚନା ପାଇ ରାମପୁର ପୁଲିସ ଏକ ଜେସିବି ମେସିନ ସାହାଯ୍ୟରେ ଗୁରୁତର ଭାବରେ କ୍ଷତିଗ୍ରସ୍ତ ବଲେରୋରୁ ମୃତଦେହ ଉଦ୍ଧାର କରିଛି।

ମିଛ କହୁଛି ବାଂଲାଦେଶ

ଭାରତ ଆସିନାହାନ୍ତି ହାଦିଙ୍କ ଆକ୍ରମଣକାରୀ

ଢାକା,୨୯।୧୨: ବାଂଲାଦେଶୀଙ୍କ ଅସଲ ମୁଖା ଖୋଲିଦେଲେ ବିଏସଏଫ ଯବାନ। ନିହତ ବାଂଲାଦେଶୀ ଛାତ୍ର ନେତା ସରିଫ ଓସମାନ ହାଦିଙ୍କ ହତ୍ୟାକାରୀ ଏବେ ଭାରତରେ ବୋଲି ଦାବି କରିଥିଲା ଢାକା ମେଟ୍ରୋପଲିଟାନ୍ ପୁଲିସ (ଡିଏମପି)। ଏବେ ଏହି ଦାବିକୁ ମିଛ ବୋଲି କହିଛନ୍ତି ଭାରତର ବର୍ଡର ସିକ୍ୟୁରିଟି ଫୋର୍ସ। ଡିଏମପି ଦାବି କରିଥିଲା ଯେ, ସରିଫ ଓସମାନ ହାଦିଙ୍କ ହତ୍ୟାକାଣ୍ଡର ଦୁଇ ପ୍ରମୁଖ ଅଭିଯୁକ୍ତ ମେଘାଳୟ ସହିତ ସଂଯୁକ୍ତ ମୈମନସିଂ ଜିଲ୍ଲାର ହାଲୁଆଘାଟ ସୀମା ଦେଇ ଭାରତ ପଳାଇ ଯାଇଛନ୍ତି। ଏହି ଦାବିକୁ ଖାରଜ କରିଛି ବିଏସ୍‌ଏଫ୍। ବାଂଲାଦେଶ ସୀମା ଅତିକ୍ରମ କରି କେହି ଭାରତ ଆସିନଥିବା ସ୍ପଷ୍ଟ କରିଛି ବିଏସଏଫ୍।

ମେଘାଳୟ, ତ୍ରିପୁରା ଏବଂ ଆସାମ ଅଞ୍ଚଳରେ ଥିବା ବିଏସ୍‌ଏଫ୍ ୟୁନିଟ୍ ବାଂଲାଦେଶ ଆଭ୍ୟନ୍ତରୀଣ ସୁରକ୍ଷା ବିଭାଗର ଦାବିକୁ ପ୍ରତ୍ୟାଖ୍ୟାନ କରିଛି। ବାଂଲାଦେଶ ପୁଲିସ ଭାରତୀୟ ସୀମାରେ ନିୟୋଜିତ ସୁରକ୍ଷା ବାହିନୀର କାର୍ଯ୍ୟକାରିତା ଉପରେ ପ୍ରଶ୍ନ ଉଠାଇ ଏକ ବିବୃତି ଜାରି କରିଥିଲା। ବିଏସଏଫ ଥିବା ସତ୍ତ୍ୱେ ୨ ଅଭିଯୁକ୍ତ ଭାରତକୁ ପ୍ରବେଶ କରିଗଲେ ବୋଲି ଦାବି କରିଥିଲା ବାଂଲା ପୁଲିସ। ଏବେ ଏହି ଦାବିକୁ ମିଥ୍ୟା ଏବଂ ଭ୍ରାମାତ୍ମକ ବୋଲି କହି ଖାରଜ କରିଛି ବିଏସଏଫ। ପଡ଼ୋଶୀ ଦେଶ ମିଥ୍ୟା ଅଭିଯୋଗ କରୁଛି ଏବଂ ଦାବିକୁ ସତ ବୋଲି ଦର୍ଶାଇବା ପାଇଁ ବାଂଲା ପାଖରେ କୌଣସି ପ୍ରମାଣ ନାହିଁ ବୋଲି ବିଏସଏଫ୍ କହିଛି।। ଏହା ସହ ମେଘାଳୟ ସେକ୍ଟରରେ କାହାକୁ ଗିରଫ କିମ୍ବା ଅଟକ ରଖାଯାଇନାହିଁ ବୋଲି ବିଏସଏଫ ସ୍ପଷ୍ଟ କରିଛି।

ବାୟୁ ପ୍ରଦୂଷଣ ରୋକିବାକୁ ମହାରାଷ୍ଟ୍ର ସରକାରଙ୍କ ପଦକ୍ଷେପ

୪ କଂକ୍ରିଟ୍ ପ୍ଲାଣ୍ଟ ବନ୍ଦ, ୩୭ ଜଣଙ୍କୁ ଜରିମାନା

ନୂଆଦିଲ୍ଲୀ ୨୯।୧୨; ବାୟୁ ପ୍ରଦୂଷଣ ଦେଶର ଆର୍ଥିକ ରାଜଧାନୀକୁ ମଧ୍ୟ କବଳିତ କରିଛି। ମହାରାଷ୍ଟ୍ରରେ ବଢୁଥିବା ବାୟୁ ପ୍ରଦୂଷଣ ସମସ୍ୟାର ସମାଧାନ ପାଇଁ ସରକାର କଠୋର ପଦକ୍ଷେପ ନେଉଛନ୍ତି। ପ୍ରଦୂଷଣର ମୁକାବିଲା ପାଇଁ, ମହାରାଷ୍ଟ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ମୁମ୍ବାଇରେ ଚାରୋଟି ରେଡି ମିକ୍ସ କଂକ୍ରିଟ୍ ପ୍ଲାଣ୍ଟକୁ ବନ୍ଦ କରିଦେଇଛି। ଏହା ସହ କେତେକ ୟୁନିଟ୍ ଉପରେ ଭାରୀ ଜରିମାନା ଲଗାଇଛି। ଏମପିସିବି ସଦସ୍ୟ ସଚିବ ଏମ. ଦେବେନ୍ଦ୍ର ସିଂହ କହିଛନ୍ତି ଯେ, ପ୍ରତିଷ୍ଠିତ ନିୟମାବଳୀର ପାଳନ ସୁନିଶ୍ଚିତ କରିବା ପାଇଁ ସ୍ୱତନ୍ତ୍ର ସ୍କ୍ୱାଡ୍ ସହରର ବିଭିନ୍ନ ସ୍ଥାନରେ ଯାଞ୍ଚ କରିବେ। ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରବିବାର ଏମପିସିବି ଅଧକ୍ଷ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ମୁମ୍ବାଇ ପାଇଁ ଚାରୋଟି ଏବଂ ନଭି ମୁମ୍ବାଇ ପାଇଁ ଦୁଇଟି ସ୍ୱତନ୍ତ୍ର ଯାଞ୍ଚ ଦଳ ଗଠନ କରାଯାଇଥିଲା। ଏହି ଦଳ ଗୁଡ଼ିକ ପ୍ରସ୍ତୁତ ମିଶ୍ରଣ କଂକ୍ରିଟ୍ ପ୍ଲାଣ୍ଟ ପରିଦର୍ଶନ ଏବଂ ଯାଞ୍ଚ କରିବେ।

ବାୟୁ ପ୍ରଦୂଷଣ ବିରୋଧୀ ନିୟମ ପାଳନ ନକରିବା କାରଣରୁ ମୁମ୍ବାଇ ମ୍ୟୁନିସିପାଲ କର୍ପୋରେସନ ମଧ୍ୟ ସମ୍ପ୍ରତି ବାନ୍ଦ୍ରା-କୁର୍ଲା କମ୍ପ୍ଲେକ୍ସରେ ବୁଲେଟ୍ ଟ୍ରେନ୍ ସହିତ ଜଡିତ କାର୍ଯ୍ୟକୁ ସ୍ଥଗିତ ରଖିଛି। ଏମପିସିବି ଅନୁଯାୟୀ, ଏପର୍ଯ୍ୟନ୍ତ ଯାଞ୍ଚ ଫଳରେ ୩୭ଟି ଆରଏମସି ପ୍ଲାଣ୍ଟରୁ ୧.୮୭ କୋଟି ଟଙ୍କା ଜରିମାନା ଆଦାୟ କରାଯାଇଛି ଏବଂ ବାୟୁ ପ୍ରଦୂଷଣ ସମ୍ବନ୍ଧୀୟ ଉଲ୍ଲଂଘନ ଯୋଗୁଁ ଚାରୋଟି ପ୍ରତିଷ୍ଠାନକୁ କାର୍ଯ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ପାଠପଢ଼ା ସହ ରାସ୍ତାରେ କୁକୁର ଗଣିବେ ଶିକ୍ଷକ

ନୂଆଦିଲ୍ଲୀ, ୨୯।୧୨: ସରକାରୀ ଏବଂ ବେସରକାରୀ ସ୍କୁଲର ଶିକ୍ଷକମାନେ ଏବେ ଶ୍ରେଣୀଗୃହରେ ପାଠପଢ଼ା ସହିତ ରାସ୍ତାରେ ବୁଲା କୁକୁର ଗଣନା କରିବେ। ଏନେଇ ଦିଲ୍ଲୀ ସରକାରଙ୍କ ଶିକ୍ଷା ନିର୍ଦ୍ଦେଶାଳୟ ଏକ ନିର୍ଦ୍ଦେଶ ଜାରି କରିଛି। ଶିକ୍ଷା ନିର୍ଦ୍ଦେଶାଳୟ ନିର୍ଦ୍

ପୁଟିନଙ୍କ ବାସଭବନ ଉପରେ ୯୧ଟି ଡ୍ରୋନ୍‌ମାଡ଼!

ମସ୍କୋ, ୨୯।୧୨: ରୁଷ ଏବଂ ୟୁକ୍ରେନ ମଧ୍ୟରେ ପ୍ରାୟ ଚାରି ବର୍ଷ ଧରି ଚାଲିଥିବା ଯୁଦ୍ଧର ଅନ୍ତ ପାଇଁ ଏକ ଶାନ୍ତି ଚୁକ୍ତି ପାଇଁ ଆଲୋଚନା ଚାଲିଥିବା ବେଳେ ସୋମବାର ଏକ ବଡ଼ ଘଟଣା ଘଟିଛି।

ରୁଷ ଅଭିଯୋଗକୁ ଖଣ୍ଡନ କଲା ୟୁକ୍ରେନ

ରୁଷର ବୈଦେଶିକ ମନ୍ତ୍ରୀ ସର୍ଗେଇ ଲାଭରୋଭ ଅଭିଯୋଗ କରିଛନ୍ତି ଯେ ୟୁକ୍ରେନ ସେନା ପକ୍ଷରୁ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ବାସଭବନ ଉପରେ ୯୧ଟି ଡ୍ରୋନ ମାଡ଼ କରାଯାଇଛି। ନୋଭଗୋରୋଡ ଅଞ୍ଚଳରେ ରାଷ୍ଟ୍ରପତିଙ୍କ ସରକାରୀ ବାସଭବନକୁ ଟାର୍ଗେଟ କରାଯାଇଥିବା ସେ କହିଛନ୍ତି। ତାଙ୍କ କହିବା କଥା ଯେ ଏପରି ଘନ ଘନ ଆକ୍ରମଣ ଗତ ରବିବାର ଓ ସୋମବାର ରାତିରେ ଦୂରଗାମୀ ଡ୍ରୋନ ମାଧ୍ୟମରେ କରାଯାଇଥିଲା। ରୁଷର ବାୟୁ ପ୍ରତିରକ୍ଷା

ପ୍ରଣାଳୀ ସମସ୍ତ ଡ୍ରୋନକୁ ମଝି ଆକାଶରେ ଖସାଇ ଦେଇଥିଲା। ସେ ଏହାକୁ ୟୁକ୍ରେନ ଦ୍ୱାରା ପ୍ରାୟୋଜିତ ଏକ ଆତଙ୍କବାଦୀ ଆକ୍ରମଣ ବୋଲି ବର୍ଣ୍ଣନା କରିଛନ୍ତି। ତେବେ ଆକ୍ରମଣ ସମୟରେ ରାଷ୍ଟ୍ରପତି ପୁଟିନ ଉପସ୍ଥିତ ଥିଲେ କି ନାହିଁ, ସେ ବିଷୟରେ କୌଣସି ସୂଚନା ମିଳିନାହିଁ। ସେପଟେ ରୁଷ ଏହି ଆକ୍ରମଣର ପ୍ରତିଶୋଧ ନେବାକୁ ପ୍ରସ୍ତୁତ ହୋଇଛି। କେବେ ଏବଂ କେଉଁଠାରେ ପ୍ରତିଶୋଧମୂଳକ ଆକ୍ରମଣ କରାଯିବ ତାହା ମଧ୍ୟ ସ୍ଥିର କରିଛି। ଏହା ବ୍ୟତୀତ, ରୁଷ ଶାନ୍ତି ଚୁକ୍ତିନାମା ଉପରେ ତାର ମତ ବଦଳାଇବାର ସୂଚନା ଦେଇଛି। ୟୁକ୍ରେନ ଉପରେ ଆତଙ୍କବାଦୀ ଆକ୍ରମଣ ଘଟାଇବାର ଅଭିଯୋଗ ଆଣିଛି ରୁଷ। ୟୁକ୍ରେନ ଏବେ ଆତଙ୍କବାଦର ଆଶ୍ରୟ ନେଇଛି, ତେଣୁ ଏହା ଶାନ୍ତି ଆଲୋଚନା ଉପରେ ତାର ମତକୁ ପୁନର୍ବିଚାର କରିବ ବୋଲି ମସ୍କୋ ସ୍ପଷ୍ଟ କରିଛି।

ଅନ୍ୟପଟେ ପୁଟିନଙ୍କ ବାସଭବନରେ ଉପରେ ହୋଇଥିବା ଆକ୍ରମଣ ଅଭିଯୋଗକୁ ଖଣ୍ଡନ କରିଛନ୍ତି ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କି। ଜେଲେନସ୍କି ଏହି ଦାବିଗୁଡ଼ିକୁ ମିଥ୍ୟା ବୋଲି କହିଛନ୍ତି। ସେ ସ୍ପଷ୍ଟ କରିଛନ୍ତି ଯେ ପୁଟିନଙ୍କ ବାସଭବନ ଉପରେ ଆକ୍ରମଣ କରିବାକୁ ନେଇ ୟୁକ୍ରେନର କୌଣସି ଉଦ୍ଦେଶ୍ୟ ନାହିଁ। କିଭ୍ ଏବଂ ଅନ୍ୟାନ୍ୟ ସରକାରୀ କୋଠା ଉପରେ ଆକ୍ରମଣକୁ ଯଥାର୍ଥ ବୋଲି ଦାବି କରିବା ପାଇଁ ମସ୍କୋ ଏପରି ଅଭିଯୋଗ ଆଣିଛି ବୋଲି ସେ କହିଛନ୍ତି। ଜେଲେନସ୍କି କହିଛନ୍ତି ଯେ, ଶାନ୍ତି ଆଲୋଚନାରେ ଅଗ୍ରଗତିକୁ ବାଧା ଦେବା ପାଇଁ ଏହା ରୁଷର ଏକ ସୁଚିନ୍ତିତ ଷଡ଼ଯନ୍ତ୍ର ହୋଇପାରେ।

୨୦୨୬ ରଥଯାତ୍ରା ପାଇଁ ପ୍ରାରମ୍ଭିକ ପ୍ରସ୍ତୁତି ଆରମ୍ଭ

ପୁରୀ, ୨୯।୧୨ (ସଂଚାର ବ୍ୟୁରୋ): ୨୦୨୬ ରଥଯାତ୍ରା ଲାଗି ଆରମ୍ଭ ହେଲା ପ୍ରାରମ୍ଭିକ ପ୍ରସ୍ତୁତି। ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ମାଳ, ପତନି, ଲାଗିଲୁଗା ସହ ଟାକୁଆ ସରପୁଳି, ବିରିପିଠା ଓ ଲଡୁ ମହାପ୍ରସାଦ ନେଇ ରଥ ତତ୍ତ୍ୱାବଧାରକଙ୍କ ନେତୃତ୍ୱରେ ଏକ ତିନିଜଣିଆ ପ୍ରତିନିଧି ଦଳ ଆଜି ନୟାଗଡ଼ ଅଭିମୁଖେ ଯାତ୍ରା କରିଛନ୍ତି। ରଥ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ, ଭୋଇ ସର୍ଦ୍ଦାର ରବିଭୋଇ ଓ ଅମିନ ଲକ୍ଷ୍ମଣ ମହାପାତ୍ର ପ୍ରମୁଖ ୩ ଜଣ ନୟାଗଡ ବନଖଣ୍ଡ ଅନ୍ତର୍ଗତ ବଡ଼ମୂଳସ୍ଥିତ ବଡରାଉଳ ଠାକୁରାଣୀଙ୍କୁ ନିମନ୍ତ୍ରଣ ଲାଗି ଯାତ୍ରା କରିଛନ୍ତି ଆସନ୍ତାକାଲି ବଡରାଉଳ ଠାକୁରାଣୀଙ୍କ ମନ୍ଦିରରେ ହୋମ ପୁଜାର୍ଚ୍ଚନା ଆଦି କରାଯିବ।

ଠାକୁରାଣୀଙ୍କୁ ମାଳ ମହାପ୍ରସାଦ ଓ ଲାଗିଲୁଗା ଲାଗି କରାଯିବ। ଏହାପରେ ମହାପ୍ରଭୁଙ୍କ ରଥ ନିର୍ମାଣ ଲାଗି ଆବଶ୍ୟକୀୟ ଅସନ, ଫାସି ଓ ଧଉରା କାଠ ଆଦିକୁ ଚିହ୍ନଟ କରାଯିବ। ତାପରେ ଆଗାମୀ ରଥଯାତ୍ରା ପାଇଁ ରଥନିର୍ମାଣ ନିମନ୍ତେ ରଥକାଠ କଟାଯିବା ପାଇଁ ମା ବଡରାଉଳ ଠାକୁରାଣୀଙ୍କ ଠାରୁ ଅନୁମତି ନିଆଯିବାର ବିଧି ପରମ୍ପରା ଏବେବି ରହିଆସିଛି। ସେହି ଅନୁସାରେ ଏହାପରେ ନୟାଗଡ ବନଖଣ୍ଡ ପକ୍ଷରୁ କାଠକଟା ପ୍ରସ୍ତୁତି ଆରମ୍ଭ ହେବ। ମହାପ୍ରଭୁଙ୍କ ତିନିରଥ ନିର୍ମାଣରେ ମୋଟ ୮୬୫ ଖଣ୍ଡ କାଠ ଲାଗିଥାଏ। ସେଥିମଧ୍ୟରୁ ପ୍ରାୟ ୪୭ ଖଣ୍ଡ କାଠ ଗତବର୍ଷରୁ ବଳକା ରହିଛି। ଚଳିତ ବର୍ଷ ୮୧୮ ଖଣ୍ଡ କାଠ ଆବଶ୍ୟକ ରହିଛି। ସେଥିମଧ୍ୟରୁ ରଥ ଖଳା ଆସିବ ୩୯୬ ଏବଂ କରତ କଳକୁ ଯିବ ୪୧୮ଖଣ୍ଡ କାଠ। ତେବେ କାଠ ନୟାଗଡ ଓ ବୌଦ୍ଧରୁ ଆସିବ। ପ୍ରଥମ ପର୍ଯ୍ୟାୟ କାଠ ପହଞ୍ଚିବା ପରେ ଶ୍ରୀପଞ୍ଚମୀ ଦିନ ତିନିଖଣ୍ଡ ଧଉରାକାଠକୁ ନେଇ ରଥକାଠ ଅନୁକୂଳ ହେବାର ପରମ୍ପରା ରହିଛି।

● ଜିଲ୍ଲାପାଳମାନଙ୍କୁ କମିଶନଙ୍କ କଡ଼ା ନିର୍ଦ୍ଦେଶ

ଏସ୍‌ଆଇଆର୍ ଶୁଣାଣିରେ ରହିବେନି ବିଏଲ୍‌ଏ-୨

କୋଲକାତା, ୨୯।୧୨ (ସଂଚାର ବ୍ୟୁରୋ): କୌଣସି ପରିସ୍ଥିତିରେ ବିଏଲଏ ୨ ଶୁଣାଣି କେନ୍ଦ୍ର ଭିତରକୁ ପ୍ରବେଶ କରିପାରିବେ ନାହିଁ। ଜିଲ୍ଲାପାଳମାନଙ୍କୁ ଏହା ନିଶ୍ଚିତ କରିବାକୁ ପଡିବ। ଏହି ସମ୍ପର୍କରେ ମୁଖ୍ୟ ନିର୍ବାଚନ ଅଧିକାରୀ ଜିଲ୍ଲାପାଳମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶାବଳୀରେ ସ୍ପଷ୍ଟ ଭାବରେ ଉଲ୍ଲେଖ ଅଛି ଯେ, ଜିଲ୍ଲାପାଳଙ୍କୁ ନିଶ୍ଚିତ କରିବାକୁ ପଡିବ ଯେ ଶୁଣାଣି ପ୍ରକ୍ରିୟା କୌଣସି ପ୍ରକାରେ ବାଧାପ୍ରାପ୍ତ ନହୁଏ। ନିର୍ଦ୍ଦେଶାବଳୀରେ ଉଲ୍ଲେଖ ଅଛି ଯେ ଯଦି ବିଏଲଏ ୨ ଶୁଣାଣି କେନ୍ଦ୍ରରେ ପ୍ରବେଶ କରନ୍ତି, ତେବେ ଇଆରଓ, ଏଇଆରଓ, ବିଏଲଓଙ୍କ ବିରୁଦ୍ଧରେ ଦଣ୍ଡାତ୍ମକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମୁଖ୍ୟ ନିର୍ବାଚନ ଅଧିକାରୀ ଜିଲ୍ଲାପାଳମାନଙ୍କୁ ଏ ସମ୍ପର୍କରେ ସତର୍କ କରାଇ କଡ଼ା ନିର୍ଦ୍ଦେଶ ପଠାଇଛନ୍ତି।

ବିକ୍ଷୋଭ ଶୋଭାଯାତ୍ରାରେ ଶୁଭେନ୍ଦୁ

କୋଲକାତା, ୨୯।୧୨: ରାଜ୍ୟ ବିଧାନସଭାର ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ନନ୍ଦିଗ୍ରାମ ଥାନାକୁ ଯାଇ ଚେତାବନୀ ଦେଇଛନ୍ତି। ବିରୋଧୀ ଦଳ ନେତା ଅଭିଯୋଗ କରିଛନ୍ତି ଯେ ମିଥ୍ୟା ଅଭିଯୋଗରେ ବିଜେପି କର୍ମୀମାନଙ୍କୁ ଘରୁ ଗିରଫ କରାଯାଉଛି। ପ୍ରଶ୍ନଗତ, ବଡଦିନ ଅପରାହ୍ନରେ, ନନ୍ଦିଗ୍ରାମର ଭେକୁଟିଆ ଗ୍ରାମ ପଞ୍ଚାୟତ ଅଞ୍ଚଳରେ ତୃଣମୂଳ କଂଗ୍ରେସର ଏକ ପାଞ୍ଚାଳୀ ପ୍ରଚାର ଟେବୁଲ ଭଙ୍ଗାଯାଇଥିଲା। ତୃଣମୂଳ କଂଗ୍ରେସ, ବିଜେପି ଉପରେ ଆରୋପ ଲଗାଇଥିଲା। ଯଦିଓ ବିଜେପି ସମସ୍ତ ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରିଛି, କିନ୍ତୁ ଦାବି କରାଯାଇଛି ଯେ ଦୁର୍ଘଟଣା ଯୋଗୁଁ ଗାଡିଟି କ୍ଷତିଗ୍ରସ୍ତ ହୋଇଥିଲା ଏବଂ ଏହା ଏକ ଜାଣିଶୁଣି ଗେରୁଆ ଶିବିର ଉପରେ ଦୋଷ ଲଦିଦେବାକୁ ଚେଷ୍ଟା କରାଯାଇଥିଲା। ଏହି ଅଭିଯୋଗ ପାଇବା ପରେ, ପୁଲିସ ଅଭିଯୋଗ ଆଧାରରେ ଜଣେ ବିଜେପି କର୍ମୀଙ୍କୁ ଗିରଫ କରିଛି।

● ଆଦ୍ରା ଡିଭିଜନର ନବୀକରଣ

୭ ଦିନ ଏକାଧିକ ଟ୍ରେନ ବାତିଲ

କୋଲକାତା, ୨୯।୧୨: ନବୀକରଣ କାର୍ଯ୍ୟ ଯୋଗୁଁ, ସୋମବାରଠାରୁ ସାତଦିନ ପାଇଁ ଆଦ୍ରା ଡିଭିଜନରେ ୧୦ଟି ଟ୍ରେନ ବାତିଲ କରାଯାଇଛି। ଏହା ବର୍ଷ ଶେଷ ଏବଂ ନୂତନ ବର୍ଷରେ ଯାତ୍ରୀମାନଙ୍କୁ କିଛି ଅସୁବିଧାର ସମ୍ମୁଖୀନ କରିପାରେ। ଏହି ସମୟ ମଧ୍ୟରେ ଦକ୍ଷିଣ ପୂର୍ବ ରେଳବାଇର ଖଡ଼ଗପୁର ଡିଭିଜନର ଏକାଧିକ ଗୁରୁତ୍ୱପୂର୍ଣ୍ଣ ଟ୍ରେନ ବାତିଲ କରାଯାଇଛି। ଆଦ୍ରା ଡିଭିଜନ ଜଣାଇଛି ଯେ, ରୋଲିଂ ବ୍ଲକ ପ୍ରୋଗ୍ରାମ (ଆର୍‌ବିପି) ଯୋଗୁଁ ଡିସେମ୍ବର ୨୯ରୁ ଜାନୁଆରୀ ୫ ପର୍ଯ୍ୟନ୍ତ ମୋଟ ୫ ଯୋଡ଼ା ଟ୍ରେନକୁ ବାତିଲ କରାଯାଇଛି। ଏହା ସହିତ, ଏକାଧିକ ଟ୍ରେନର ରୁଟକୁ ଛୋଟ କରାଯାଇଛି, ସମୟ ସାରଣୀରେ ପରିବର୍ତ୍ତନ କରାଯାଇଛି ଏବଂ ନିୟନ୍ତ୍ରଣ ବ୍ୟବସ୍ଥା ବଜାୟ ରଖାଯାଇଛି। ଏଥିସହ, ଅନ୍ୟାନ୍ୟ ମେମୁ ପାସେଞ୍ଜର ଏବଂ ଆଦ୍ରା ବିଭାଗର ଏକ୍ସପ୍ରେସ ଟ୍ରେନର ମାର୍ଗକୁ ଛୋଟ କରାଯାଇଛି, ସମୟ ନିର୍ଘଣ୍ଟରେ ପରିବର୍ତ୍ତନ କରାଯାଇଛି ଏବଂ ବିଭିନ୍ନ ନିୟନ୍ତ୍ରଣ ପଦକ୍ଷେପ ମଧ୍ୟ ବଜାୟ ରହିଛି। ଯାତ୍ରୀଙ୍କ ସୁରକ୍ଷିତ ଯାତ୍ରା ପାଇଁ ରେଳ ପ୍ରଶାସନ ଆଗୁଆ ଚେତାବନୀ ଦେଇଛି।

କ୍ଷୁଦ୍ର ପର୍ଯ୍ୟବେକ୍ଷକଙ୍କୁ ବିରୋଧ କଲେ ଗ୍ରାମବାସୀ

କୋଲକାତା, ୨୯।୧୨ (ସଂଚାର ବ୍ୟୁରୋ): ସୋମବାର ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାର ମଗରାହାଟ ସିରାକୋଲ ହାଇସ୍କୁଲରେ ଏସ୍‌ଆଇଆର୍‌କୁ ନେଇ ଏକ ଶୁଣାଣି ହୋଇଥିଲା ଏବଂ ଗ୍ରାମବାସୀ ନିର୍ବାଚନ କମିଶନରଙ୍କ କ୍ଷୁଦ୍ର ପର୍ଯ୍ୟବେକ୍ଷକଙ୍କୁ ଧରି ପ୍ରତିବାଦ କରିବା ଆରମ୍ଭ କରିଥିଲେ। ଗ୍ରାମବାସୀଙ୍କ ମୁଖ୍ୟ ଅଭିଯୋଗ ହେଉଛି ଯେ, ସେମାନେ ଘରକୁ ଘର ଯିବା ପରିବର୍ତ୍ତେ ସ୍କୁଲରେ ଏସ୍‌ଆଇଆର୍ କାମ କରୁଛନ୍ତି, ଯାହା ଫଳରେ ବୃଦ୍ଧ ଲୋକଙ୍କୁ ଘଣ୍ଟା ଘଣ୍ଟା ଧାଡ଼ିରେ ଠିଆ ହେବାକୁ ପଡୁଛି ଏବଂ ବିନା କାରଣରେ ଲୋକଙ୍କୁ ହଇରାଣ କରିବାକୁ ପଡୁଛି। ନିର୍ବାଚନ କମିଶନରଙ୍କ ପ୍ରତିନିଧିଙ୍କୁ ଧରି ସ୍ଥାନୀୟ ଲୋକମାନେ ୧୦୦ ଦିନର ବକେୟା କାମ ପାଇଁ ଟଙ୍କା ଦାବି କରି ପ୍ରତିବାଦ କରିଥିଲେ। ଦିବ୍ୟାଙ୍ଗମାନଙ୍କୁ ଗାଡିରେ ଅଣାଯାଉଥିଲା ଏବଂ ସେମାନେ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଠିଆ ହେଉଥିଲେ ବୋଲି କହି ସେମାନେ ପ୍ରତିବାଦ କରିଥିଲେ। ସ୍ଥାନୀୟ ବାସିନ୍ଦାମାନେ ଅଭିଯୋଗ କରିଛନ୍ତି ଯେ, ବୟସ୍କ ଲୋକଙ୍କ ଘରକୁ ଘର ଯାଇ ଶୁଣାଣି କରିବା ପରିବର୍ତ୍ତେ ସ୍କୁଲରେ କରାଯାଉଛି। କେନ୍ଦ୍ର ସରକାର ଏବଂ ନିର୍ବାଚନ କମିଶନର ଏସ୍‌ଆଇଆର୍ ଦ୍ୱାରା ଲୋକଙ୍କୁ ହଇରାଣ କରୁଛନ୍ତି, ତେଣୁ ଗ୍ରାମବାସୀ ଏହାର ପ୍ରତିବାଦ କରିଥିଲେ।

ବିଜେପିର ବିଏଲ୍‌ଏ-୨ଙ୍କୁ ଆକ୍ରମଣ ଅଭିଯୋଗ

● ତୃଣମୂଳ ବିଧାୟକ ଜୟଦେବ ହାଲଦାରଙ୍କ ଭାଇ ସାମିଲ

କୋଲକାତା, ୨୯।୧୨: ଏସ୍‌ଆଇଆରର ଶୁଣାଣି ସମୟରେ ଶନିବାର ରାତିରେ ମନ୍ଦିରବଜାର ବିଧାନସଭାର ରାମଭଦ୍ରପୁରର ୩୨ ନମ୍ବର ବୁଥ୍‌ର ବିଜେପି ବିଏଲ୍‌ଏ-୨ ପରିମଳ ସର୍ଦ୍ଦାରଙ୍କୁ ବେଧଡକ ଭାବରେ ମାରଧରର ଅଭିଯୋଗ ଆସିଛି। ତୃଣମୂଳ ବିଧାୟକ ଜୟଦେବ ହାଲଦାରଙ୍କ ଭାଇ ବାସୁଦେବ ହାଲଦାର ଏବଂ ତାଙ୍କ ଦଳ ବିରୁଦ୍ଧରେ ଏହି ଅଭିଯୋଗ ଉଠିଛି। ପରିମଳ ସର୍ଦ୍ଦାରଙ୍କୁ ଗୁରୁତର ଆହତ ଅବସ୍ଥାରେ ସ୍ଥାନୀୟ ନୈୟାରତ ଗ୍ରାମୀଣ ହସ୍ପିଟାଲକୁ ନିଆଯାଇଥିଲା ଏବଂ ରାତିରେ ଡାଇମଣ୍ଡ ହାର୍ବର ମେଡିକାଲ କଲେଜ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ତାଙ୍କୁ ଅଟକାଇବାକୁ ଚେଷ୍ଟା କରିବା ସମୟରେ ତାଙ୍କ ପତ୍ନୀ ଏବଂ ଅନ୍ୟ ଅନେକ ବିଜେପି କର୍ମୀ ଆକ୍ରମଣର ଶିକାର ହୋଇଥିଲେ। ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପରିମଳ ସର୍ଦ୍ଦାର ଏବଂ ତାଙ୍କ ପରିବାର ମନ୍ଦିରବଜାର ଥାନାରେ ଅଭିଯୋଗ କରିଛନ୍ତି। ବିଜେପି ନେତୃତ୍ୱ ପ୍ରତିବାଦରେ ସ୍ୱର ଉଠାଇଛନ୍ତି। ପୁଲିସ ତଦନ୍ତକୁ ଓହ୍ଲାଇ ଅଭିଯୁକ୍ତଙ୍କୁ ଖୋଜୁଛି। ତେବେ, ତୃଣମୂଳ ବିଧାୟକଙ୍କ ଭାଇ ବାସୁଦେବ ହାଲଦାର ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ଅଭିଯୋଗ ମିଥ୍ୟାହୀନ। ବିଜେପି ମୋ ଭାଇ ଏବଂ ମୋତେ ବଦନାମ କରିବା ପାଇଁ ମିଥ୍ୟା ପ୍ରଚାର କରୁଛି। ଏସବୁ ସେମାନଙ୍କର ନିଜସ୍ୱ ଗଞ୍ଜେଇ।

● ଆକାଶ ମହନ୍ତ ହତ୍ୟା ମାମଲା

ଦୁଇ ଅଭିଯୁକ୍ତ ଗିରଫ

ବାଲେଶ୍ୱର, ୨୯।୧୨ (ସଂଚାର ବ୍ୟୁରୋ): ବାଲେଶ୍ୱର ଆକାଶ ମହନ୍ତ ହତ୍ୟା ମାମଲାର ପର୍ଦ୍ଦାଫାଶ ହୋଇଛି। ସହଦେବଖୁଣ୍ଟା ପୁଲିସ ହତ୍ୟାକାଣ୍ଡର ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସୋମବାର ମାମଲାର ଖୁଲାସା କରିଛି। ଗିରଫ ଦୁଇ ଅଭିଯୁକ୍ତ ରାମ ସିଂ ଓ ତାଙ୍କ ବାନ୍ଧବୀ ମୀନା ଓରଫ ଜେମାମଣୀ ସିଂ ହିଁ ଆକାଶଙ୍କୁ ହତ୍ୟା କରିଥିବା ସ୍ପଷ୍ଟ କରିଛି ପୁଲିସ। ବାଲେଶ୍ୱର ସିଟି ଡିଏସପି ନିର୍ମଳା ଗୋଛାୟତ କହିଛନ୍ତି, ମୃତ ଆକାଶ ଏବଂ ଦୁଇ ଅଭିଯୁକ୍ତ ସମସ୍ତେ ପରସ୍ପରକୁ ଜାଣିଛନ୍ତି। ତାଙ୍କର ଅଭିଯୁକ୍ତ ରାମଚନ୍ଦ୍ର ସିଂହଙ୍କ ସହିତ ପରକୀୟା ସମ୍ପର୍କ ଥିଲା। ରାମଚନ୍ଦ୍ର ସେମାନଙ୍କ ଦୁଇ ପୁଅର ଯତ୍ନ ମଧ୍ୟ ନେଉଥିଲେ। ତେଣୁ ଜେମାମଣି ଅଭିଯୁକ୍ତ ରାମଚନ୍ଦ୍ର ସହ ସବୁବେଳେ ଫୋନରେ କଥାବାର୍ତ୍ତା କରୁଥିଲେ। ତେବେ ଗତ ୨୫ ତାରିଖ ଅପରାହ୍ନରେ ଆକାଶ ମହନ୍ତ ଏବଂ ରାମଚନ୍ଦ୍ର ସିଂହ ହୋମଗାର୍ଡ ପରୀକ୍ଷାର ଆଡମିଟ୍ କାର୍ଡ ପାଇଁ ବେତନଟୀ ପିଏସକୁ ଘରୁ ବାହାରିଥିଲେ। ହେଲେ ସେଠାରେ ପହଞ୍ଚିବା ପରେ ଜଣାପଡ଼ିଥିଲା ରାମଙ୍କ ଆଡମିଟ୍ କାର୍ଡ ରିଜେକ୍ଟ ହୋଇଛି। ସେହି ଦିନ ଅଭିଯୁକ୍ତ ଜେମାମଣି ସିଂହ ମଧ୍ୟ ବେତନଟୀ ଆସିଥିଲେ। ଆଉ ଆକାଶ ଓ ରାମ ଆଡମିଟ୍ କାର୍ଡ ଆଣିବାକୁ ଯାଇଥିବା ସମୟରେ ଜେମାମଣି ରାମଙ୍କୁ ଯୋଗାଯୋଗ କରିଥିଲେ। ଏହା ପରେ ଆକାଶ ଓ ରାମ ଜେମାମଣିଙ୍କୁ ଆଣିବାକୁ ଯାଇଥିଲେ। ଜେମାମଣିଙ୍କୁ ବେତନଟୀରୁ ମୋଟର ସାଇକେଲ ଆଣିବା ପରେ ସମସ୍ତେ ସୂରଜ ହୋଟେଲକୁ ଯାଇଥିଲେ। ହୋଟେଲରେ ରୁମ୍ ବୁକ୍ ପାଇଁ ଆକାଶ ନିଜର ଏବଂ ତାଙ୍କ ପତ୍ନୀଙ୍କ ଆଧାର କାର୍ଡ ଦେଇଥିଲେ। ରୁମରେ ସେମାନେ ମଦ୍ୟପାନ କରିଥିଲେ। ଏହି ସମୟରେ ଆକାଶ ରାମଚନ୍ଦ୍ର ସିଂଙ୍କୁ ଜେମାମଣିଙ୍କ ସମ୍ପର୍କ ବିଷୟରେ ପଚାରିଥିଲେ। କିନ୍ତୁ ରାମ ସିଂ ଜେମାମଣି ସିଂଙ୍କ ସହିତ ଏପରି କରିବାକୁ ମନା କରିଥିଲେ।

୨୦୦ରୁ ଊର୍ଦ୍ଧ୍ୱ ଓଏଏସ୍ ଅଧିକାରୀଙ୍କୁ ମିଳିଲା ପ୍ରଥମ ନିଯୁକ୍ତି

ଭୁବନେଶ୍ୱର, ୨୯।୧୨ (ସଂଚାର ବ୍ୟୁରୋ): ୨୦୦ରୁ ଅଧିକ ଓଏଏସ୍‌ନବନିଯୁକ୍ତ ଅଧିକାରୀଙ୍କୁ ମିଳିଲା ପ୍ରଥମ ନିଯୁକ୍ତି। ଓଏଏସ୍ ଅଧିକାରୀଙ୍କ ପ୍ରଶିକ୍ଷଣ ସରିବା ପରେ ପ୍ରଥମ ନିଯୁକ୍ତି ପ୍ରଦାନ କରିଛନ୍ତି। ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ୨୦୦ରୁ ଅଧିକ ନବନିଯୁକ୍ତ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀଙ୍କୁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପଦସ୍ଥାପନ କରାଯାଇଛି । ଅଧିକାଂଶ ଅଧିକାରୀଙ୍କୁ ଜିଲ୍ଲା କଲେକ୍ଟର କାର୍ଯ୍ୟାଳୟ ଓ ସବ୍ -କଲେକ୍ଟର କାର୍ଯ୍ୟାଳୟରେ ଉପ-କଲେକ୍ଟର କିମ୍ବା ତହସିଲଦାର ଭାବେ ନିଯୁକ୍ତ କରାଯାଇଛି। ଏହା ମାଧ୍ୟମରେ ସେମାନେ ଭୂମି ରେଭେନ୍ୟୁ, ବିପର୍ଯ୍ୟୟ ପରିଚାଳନା ଓ ମୂଳସ୍ତରର ପ୍ରଶାସନିକ କାର୍ଯ୍ୟରେ ପ୍ରାୟୋଗିକ ଅନୁଭବ ଲାଭ କରିପାରିବେ। ଶ୍ୱେତାଶ୍ରୀ ମହାପାତ୍ରଙ୍କୁ ଭଦ୍ରକର ଡେପୁଟି କଲେକ୍ଟର ଭାବେ ନିଯୁକ୍ତ କରାଯାଇଛି। ପ୍ରଜ୍ଞା ପରଙ୍ଗମାଙ୍କୁ ଡେପୁଟି କଲେକ୍ଟର ଭୁବନେଶ୍ୱର ଓ ବିକାଶ କୁମାର ସାହୁଙ୍କୁ ନୟାଗଡ଼ର ଡେପୁଟି କଲେକ୍ଟର, ରାଜୀବ ଲୋଚନ ଦୀକ୍ଷିତଙ୍କୁ ଜଗତସିଂହପୁର ଡେପୁଟି କଲେକ୍ଟର, ରୀତେଶ କୁମାର ପଣ୍ଡାଙ୍କୁ କେନ୍ଦୁଝରର ଡେପୁଟି କଲେକ୍ଟର ଭାବେ ନିଯୁକ୍ତ କରାଯାଇଛି ।

● ନକଲି ବିଦେଶୀ ମଦ କାରାଖାନା ଠାବ

ନାମୀଦାମୀ କମ୍ପାନୀର ନକଲି ମଦ ଜବତ

କୋଟପାଡ଼, ୨୯।୧୨ (ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲା କୋଟପାଡ଼ ଅଞ୍ଚଳରୁ ବିପୁଳ ପରିମାଣରେ ନକଲି ମଦ ଜବତ ହୋଇଛି। ରବିବାର ରାତିରେ ଅବକାରୀ ବିଭାଗ କର୍ମଚାରୀ ଚଢ଼ାଉ ସମୟରେ ବିପୁଳ ପରିମାଣର ନକଲି ବିଦେଶୀ ମଦ କାରଖାନା ଉପରେ ଚଢ଼ାଉ କରିଥିଲେ। ୨୦ ଲକ୍ଷ ଟଙ୍କାର ବିଦେଶୀ ନକଲି ମଦ ସହ ତିଆରି କରୁଥିବା ସରଞ୍ଜାମ ଜବତ। ଭଡ଼ା ଘରେ ଚାଲିଥିଲା କାରଖାନା। ସୂଚନା ପାଇ ଅବକାରୀ ବିଭାଗ ସେଠାରେ ଚଢ଼ାଉ କରିବାକୁ ଯାଉଥିବା ସମୟରେ କୌଣସି ସୂତ୍ରରୁ ସୂଚନା ପାଇ କାରଖାନାରେ ତାଲା ପକାଇ ମାଫିଆମାନେ ଫେରାର ହୋଇଯାଇଥିଲେ। କୋଟପାଡ଼ ବ୍ଲକର ବଞ୍ଚାଗୁଡ଼ାରେ ଚାଲିଥିଲା ଏହି ନକଲି କାରଖାନା। ଅବକାରୀ ବିଭାଗର ତିନୋଟି ଟିମ୍ କୋଟପାଡ଼,ଜୟପୁରଓ କୋରାପୁଟ ମିଳିତ ଅତର୍କିତ ଭାବେ ଚଢ଼ାଉ କରିଥିଲେ। ଏହାର ମାଷ୍ଟରମାଇଣ୍ଡ କୁହାଯାଉଥିବା ଅମିତ୍ ଗୁପ୍ତା ଓ ପଙ୍କଜ ଗୁପ୍ତା ଏହି ବିଦେଶୀ ମଦ କାରଖାନାର ମାଲିକ ବୋଲି ଜଣାପଡ଼ିଛି।

ପାଳନ କର୍ତ୍ତା ଓ ସଂହାର କର୍ତ୍ତାଙ୍କ ବନ୍ଦନା କଲେ ରମଲି ଓ ଗୀଥିକା

ଭୁବନେଶ୍ୱର, ୨୯।୧୨ (ସଂଚାର ବ୍ୟୁରୋ): ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ଧରିତ୍ରୀ ମା'ର ବନ୍ଦନା କରିଛନ୍ତି ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ରମଲି ଇବ୍ରାହିମ୍ ଏବଂ ଗୀଥିକା ଶ୍ରୀ।ଗୁରୁ ରମଲି ଇବ୍ରାହିମ୍‌ଙ୍କ 'ମଙ୍ଗଳା ଚରଣ ହରିହର' ଆଜି

ରାଜ୍ୟ ଯୁବ ଓ ଛାତ୍ର ବିଜୁ ଜନତା ଦଳର ବରିଷ୍ଠ ଉପସଭାପତି ହେଲେ ସମ୍ବିତ ଓ ଚିତ୍ତରଞ୍ଜନ

ଯାଜପୁର,୨୯।୧୨ (ସଂଚାର ବ୍ୟୁରୋ): ରାଜ୍ୟ ଯୁବ ବିଜୁ ଜନତା ଦଳର ସଭାପତି ଚିନ୍ମୟ କୁମାର ସାହୁଙ୍କ ଅନୁମୋଦନ କ୍ରମେ ଯାଜପୁର ନିର୍ବାଚନ ମଣ୍ଡଳୀର ଯୁବ ନେତା ସମ୍ବିତ ନାୟକଙ୍କୁ ରାଜ୍ୟ ଯୁବ ବିଜୁ ଜନତା ଦଳର ବରିଷ୍ଠ ଉପସଭାପତି ଭାବେ ନିଯୁକ୍ତ କରାଯାଇଛି। ସେହିପରି ରାଜ୍ୟ ଛାତ୍ର ବିଜୁ ଜନତା ଦଳର ବରିଷ୍ଠ ଉପସଭାପତି ଭାବେ ଚିତ୍ତରଞ୍ଜନ ବେହୁରିଆଙ୍କୁ ଦଳ ପକ୍ଷରୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି ଦୁଇଟି ନୂତନ ନିଯୁକ୍ତି ପରେ ଦଳୀୟ ଓ ସାମାଜିକ ମହଲରେ ସନ୍ତୋଷ ପ୍ରକାଶ ପାଇଥିବା ବେଳେ ବିଭିନ୍ନ ସ୍ତରରୁ ଉଭୟ ନେତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛାର ସ୍ରୋତ ଜାରି ରହିଛି। ଜଣେ ଟାଣୁଆ, ସକ୍ରିୟ ଓ ନିଷ୍ଠାବାନ ଯୁବ ସଂଗଠକ ଭାବେ ସମ୍ବିତ ନାୟକ ପୂର୍ବରୁ ରାଜ୍ୟ ଯୁବ ବିଜେଡିରେ ସଫଳତାର ସହିତ ବିଭିନ୍ନ ଦାୟିତ୍ୱ ନିର୍ବାହ କରିଆସୁଥିଲେ। ସେହିପରି ଚିତ୍ତରଞ୍ଜନ ବେହୁରିଆ ମଧ୍ୟ ଛାତ୍ର ଆନ୍ଦୋଳନ ଓ ସଂଗଠନ କ୍ଷେତ୍ରରେ ଦୀର୍ଘଦିନ ଧରି ସକ୍ରିୟ ଭୂମିକା ନିଭାଇଆସୁଥିବା ଜଣେ ପରିଚିତ ଯୁବ ନେତା। ଛାତ୍ର ବିଜୁ ଜନତା ଦଳକୁ ଅଧିକ ସଶକ୍ତ ଓ ସଂଗଠିତ କରିବା ଦିଗରେ ତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ଦଳୀୟ ମହଲରେ ଆଶା ପ୍ରକାଶ ପାଇଛି।

ଅଲିଭ୍ ରିଡ୍‌ଲେ ଆମ ଅତିଥି, ସେମାନଙ୍କ ସୁରକ୍ଷା ଜରୁରୀ

● ସୁରକ୍ଷିତ ଅଣ୍ଡାଦାନ ଉପରେ ଗୁରୁତ୍ୱ

କାକଟପୁର/ଅସ୍ତରଙ୍ଗ,୨୯।୧୨ (ସଂଚାର ବ୍ୟୁରୋ): ଅଲିଭ ରିଡଲେ କଇଁଛଙ୍କ ପାଇଁ ବିଶ୍ୱରେ ଓଡିଶା ଉପକୂଳ ସର୍ବଦା ସ୍ୱତନ୍ତ୍ରତା ବହନ କରିଛି। ଏଠାରେ ପରିବେଶ ଅଣ୍ଡା ଦେବା ପାଇଁ ଅନୁକୂଳ ହେଉଥିବାରୁ ସୁଦୂର ପ୍ରଶାନ୍ତ ମହାସାଗର ଅତିକ୍ରମ କରି ସେମାନେ ଏଠାକୁ ଆସୁଛନ୍ତି। ପ୍ରାୟ ୭ମାସ ଧରି ସେମାନେ ଦେବୀ ନଦୀ ଅଂଚଳରେ ରହୁଛନ୍ତି। ସେମାନେ ଆମର ଅତିଥି, ସେମାନଙ୍କୁ ସୁରକ୍ଷା ଦିଆଯିବା ଆମର କର୍ତ୍ତବ୍ୟ। ସୋମବାର ଦିନ ପୁରୀ ଜିଲ୍ଲା ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନ ନଗର ଗ୍ରାମ ପଂଚାୟତ କାଳିଆକଣ ବାତ୍ୟା ଆଶ୍ରୟସ୍ଥଳୀ ଠାରେ ଅଲିଭରିଡଲେ କଇଁଛ ସୁରକ୍ଷା ସଚେତନତା ଶିବିରରେ ମୁଖ୍ୟ ଅତିଥି ଓଡିଶା ପାରମ୍ପରିକ ମତ୍ସ୍ୟଜୀବୀ ସଙ୍ଘ ସଭାପତି ପ୍ରସନ୍ନ ବେହେରା ନିଜ ବକ୍ତବ୍ୟରେ କହିଥିଲେ। ଏହା ସହ କହିଥିଲେ ଅଲିଭ ରିଡ୍‌ଲେ କଇଁଛ ଏକ ବିରଳ ପ୍ରଜାତିର କଇଁଛ ହୋଇଥିବାରୁ ସେମାନଙ୍କ ଭୂମିକା ପରିବେଶ ସୁରକ୍ଷା ଉପରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ କିପରି ଏହି ବିରଳ ପ୍ରଜାତିର କଇଁଛ ଙ୍କୁ ସୁରକ୍ଷା ଦିଆଯାଇ ପାରିବ ସେନେଇ ଏହି ଶିବିରର ମୁଖ୍ୟ ଉଦେଶ୍ୟ।

ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରିଣୀ ମୋନାଲିଶା ମହାପାତ୍ରଙ୍କ ସଭାପତିତ୍ୱ ରେ ମୁଖ୍ୟବକ୍ତା ପରିବେଶବିତି ଶ୍ରୀଯୁକ୍ତ ଶୋଭାକର ବେହେରା କହିଛନ୍ତି, ଅଲିଭ ରିଡଲେ କଇଁଛ ଙ୍କ ସୁରକ୍ଷା ପାଇଁ କିପରି ପଦକ୍ଷେପ ଗ୍ରହଣ କରାଯାଇ ପାରିବ ସେ ନେଇ ବାର୍ତ୍ତା ପ୍ରଦାନ କରାଯାଇଥିଲା। ଏହା ସହ ସମୁଦ୍ର କୂଳକୁ ସଫା ରଖିବା, ବେଆଇନ ଟ୍ରଲର ଚଳାଚଳ ଉପରେ ପଦକ୍ଷେପ ନେବା, ମାତ୍ରାଧିକ ଲାଇଟ୍ ସମୁଦ୍ର ଆଡକୁ ମୁହଁ କରି ନ ଲଗାଇବା, ଅଲିଭ ରିଡଲେ ପ୍ରଜନନ ସମୟରେ ସମୁଦ୍ର ଗର୍ଭରେ ମାଛ ନ ଧରିବା ଏବଂ ସମୁଦ୍ରକୁ ପ୍ଲାଷ୍ଟିକି ମୁକ୍ତ କରିବା ଉପରେ ସଚେତନ କରିଥିଲେ। ସମ୍ମାନିତ ଅତିଥି ଅସ୍ତରଙ୍ଗ ସହକାରୀ ମତ୍ସ୍ୟଅଧିକାରୀ ସତ୍ୟବ୍ରତ ଦାସ ମତ୍ସ୍ୟଜୀବୀଙ୍କୁ ବିଭିନ୍ନ ବିଷୟରେ ପରାମର୍ଶ ଦେଇଥିଲେ। ସମୁଦ୍ରରେ କଟା ଜାଲକୁ ନ ପକାଇବାକୁ ପରାମର୍ଶ ଦେଇଥିଲେ। ଶେଷରେ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରିଣୀ ସମୁଦ୍ରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସହ କଇଁଛଙ୍କ ଅବଦାନ ଉପରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ନୂଆଗଡ ସାମୁଦ୍ରିକ ଥାନା ଅଧିକାରୀ ଅଚ୍ୟୁତାନନ୍ଦ ବେହେରା, ମା ତାରିଣୀ ସୋସାଇଟି ସଦସ୍ୟ ରମେଶ ଗୁରୁ, ମାୟାଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ମତ୍ସ୍ୟ, ବନ ଓ ପୁଲିସ ବିଭାଗର ମିଳିତ ସହଯୋଗରେ ଏହି ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ପ୍ରହସନ ପାଲଟିଛି ୨୪ ଘଣ୍ଟିଆ ଜଳ ଯୋଗାଣ

ଆନନ୍ଦପୁର,୨୯।୧୨ (ସଂଚାର ବ୍ୟୁରୋ): ସହରାଞ୍ଚଳରେ ସମସ୍ତଙ୍କୁ ମିଳିବ ସ୍ୱଚ୍ଛ ପାନୀୟ ଜଳ। ଏଥିପାଇଁ 'ଡ୍ରିଙ୍କ ଫ୍ରମ୍ ଟ୍ୟାପ୍' ଯୋଜନା କରାଯାଇଥିଲା। ଆନନ୍ଦପୁର ପୌରାଞ୍ଚଳରେ ଏହା ପ୍ରହସନରେ ପରିଣତ ହୋଇଛି। ଗତ ୬ମାସରୁ ଉର୍ଦ୍ଧ୍ୱ ସମୟ ହେଲା ୨୪ଘଣ୍ଟିଆ ଜଳଯୋଗାଣ ମଧ୍ୟ କାର୍ଯ୍ୟକାରୀ କରାଯାଉ ନଥିବାରୁ ପୌରାଞ୍ଚଳର ଜନସାଧାରଣ ଅସନ୍ତୋଷ ପ୍ରକାଶ କରିଛନ୍ତି। ଜଳ ଯୋଗାଣ ସ୍ୱାଭାବିକ କରିବା ପରିବର୍ତ୍ତେ ସହରାଞ୍ଚଳର ମୁଖ୍ୟ ସ୍ଥାନରେ ଲାଗିଥିବା ଷ୍ଟାଣ୍ଡପୋଷ୍ଟ ଗୁଡିକୁ ମନଇଚ୍ଛା ସିଲ୍ କରାଯାଉଥିବା ଅଭିଯୋଗ ହୋଇଛି।

ସୂଚନାଯୋଗ୍ୟ ଯେ, ଆନନ୍ଦପୁର ସହରକୁ ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ୮୦କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା। ଏଥିପାଇଁ ଇଷ୍ଟ ଇଣ୍ଡିଆ କମ୍ପାନିକୁ ନିର୍ମାଣ ଦାୟିତ୍ୱ ଦିଆଯାଇଥିଲା। ସହରର ୧୬ଟି ୱାର୍ଡରେ ମୋଟ ୯୩ କିଲୋମିଟର ପାଇପ୍ ପକାଯିବାକୁ ଅଟକଳ ହୋଇଥିଲା । କମ୍ପାନି ମାତ୍ର ୬୭ କିଲୋମିଟର ପାଇପ୍ ବସାଇଥିଲା। ବିଭିନ୍ନ ମହଲରୁ ଅଭିଯୋଗ ହେବା ପରେ କମ୍ପାନି ପୁଣି ଅଳ୍ପ କିଛି ସ୍ଥାନରେ ପାଇପ୍ ପକାଇଥିଲା। ଅଦ୍ୟାବଧି ପକାଯାଇଥିବା ନୂଆ ପାଇପରେ ଜଳଯୋଗାଣ କରାଯାଇନାହିଁ । ଆନନ୍ଦପୁର ପାର୍ଶ୍ୱ ସହରରେ ୬୦ବର୍ଷ ତଳେ

ଷ୍ଟାଣ୍ଡ ପୋଷ୍ଟ ସିଲ୍‌କୁ ନେଇ ବଢୁଛି ଅସନ୍ତୋଷ

ଲାଗିଥିବା ସେହି କଳଙ୍କି ଲଗା ପାଇପରେ ଜଳଯୋଗାଣ ଚାଲିଛି। ଟ୍ୟାପ୍‌ରେ କମ୍ ପାଣି ଆସୁଥିବାରୁ ବାଲଟି ପୂରିବାକୁ ଅଧଘଣ୍ଟା ଲାଗୁଛି। ଶୀତଋତୁରେ ଯଦି ଏଭଳି ସମସ୍ୟା ରହିବ ତେବେ ଗ୍ରୀଷ୍ମଋତୁରେ ଅବସ୍ଥା କ'ଣ ରହିବ ବୋଲି ପ୍ରଶ୍ନ ଉଠିଛି।

ତେବେ ସହରର ମୁଖ୍ୟ ସ୍ଥାନରେ ପୂର୍ବରୁ ଲାଗିଥିବା ଷ୍ଟାଣ୍ଡ ପୋଷ୍ଟଗୁଡ଼ିକୁ ଜନସ୍ୱାସ୍ଥ୍ୟ ବିଭାଗ (ପିଏଚ୍‌ଡି) ପକ୍ଷରୁ ସିଲ୍ କରାଯାଉଥିବା ଦେଖିବାକୁ ମିଳିଥିବା ବେଳେ ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ପିଏଚ୍‌ଡିର ଏସ୍‌ଡିଓଙ୍କୁ ପଚାରିବାରୁ ସେ କହିଛନ୍ତି ମ୍ୟୁନିସିପାଲଟି ଏଥିପାଇଁ କୌଣସି ଦେୟ ପୈଠ କରିନଥିବାରୁ ଆମେ ଷ୍ଟାଣ୍ଡ ପୋଷ୍ଟଗୁଡ଼ିକୁ ସିଲ୍ କରିଛୁ।

ଏନେଇ ପୌର ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ କହିଛନ୍ତି ପ୍ରତି ବର୍ଷ ମାର୍ଚ୍ଚ ମାସ ଆମ ତରଫରୁ ଦେୟ ପୈଠ କରାଯାଉଛି। ତେବେ ଦେଖିବାକୁ ବାକି ରହିଲା ଷ୍ଟାଣ୍ଡ ପୋଷ୍ଟଗୁଡ଼ିକ ପୁର୍ନବାର କେବେ କାର୍ଯ୍ୟକ୍ଷମ ହେଉଛି।

ଟାଟା ପାୱାର ଅଫିସ ଆଗରେ କଂଗ୍ରେସର ବିକ୍ଷୋଭ

ବେନିୟମ ସୁରକ୍ଷା ରାଶି ଜମା ପ୍ରତ୍ୟାହାର ଓ ମାଗଣା ବିଦ୍ୟୁତ୍ ଯୋଗାଣ ଦାବି

ଖୋର୍ଦ୍ଧା,୨୯।୧୨ (ସଂଚାର ବ୍ୟୁରୋ): ଟାଟା କମ୍ପାନୀର ଉପଭୋକ୍ତାଙ୍କୁ ବେନିୟମ ସୁରକ୍ଷା ରାଶି ଜମା କରିବା ତଥା ଘରୋଇ ଓ କୃଷିକ୍ଷେତ୍ରକୁ ମାଗଣା ବିଜୁଳି ପ୍ରଦାନ କରିବାକୁ ନେଇ ଟିଏଲସି ଛକ ନିକଟସ୍ଥ ଟାଟା ପାୱାର ଅଫିସ ଆଗରେ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକଙ୍କ ନେତୃତ୍ୱରେ ତଥା କଂଗ୍ରେସର ବହୁ ବରିଷ୍ଠ ନେତା ଓ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

ନୂଆ ବସ ଷ୍ଟାଣ୍ଡ ଛକ ଠାରୁ ଏକ ବିରାଟ ପଦଯାତ୍ରାରେ ଟାଟା ପାୱାର ଅଫିସକୁ ଯାଇ ଅଫିସ ଗେଟରେ ଜିଲ୍ଲା ସଭାପତି ରାଜୀବ ପଟ୍ଟନାୟକ ତାଲା ପକାଇଥିଲେ। ବିକ୍ଷୋଭ ପ୍ରଦର୍ଶନ ସଭାରେ ଶ୍ରୀ ପଟ୍ଟନାୟକ କହିଲେ ଲୋକଙ୍କ ଘରେ ବିଜୁଳିବତୀ ଜଳୁ ନଥିବାବେଳେ ସରକାର ଲକ୍ଷ ଲକ୍ଷ ଟଙ୍କାର ବିଜୁଳି କଳ କାରଖାନାକୁ ଅନୁଜ୍ଞା ପ୍ରଦର୍ଶନ କରୁଛି। ଅନ୍ୟ ରାଜ୍ୟ ମାନଙ୍କରେ କୃଷକ ମାନଙ୍କୁ ବିଜୁଳି ଛାଡ଼ ଥିବାବେଳେ ଓଡ଼ିଶାରେ କୌଣସି ଛାଡ଼ ନାହିଁ। ଏଭଳି ସ୍ଥଳେ ରାଜ୍ୟରେ କୃଷିର ଉନ୍ନତି କିଭଳି ହେବ ଏବଂ ଚାଷୀ କିପରି ହସିବ ବୋଲି ସେ ପ୍ରଶ୍ନ ପଚାରିଥିଲେ। ଯେପର୍ଯ୍ୟନ୍ତ ସୁରକ୍ଷା ରାଶି ନେବା ପ୍ରତ୍ୟାହାର ଓ ଘରୋଇ କୃଷକଙ୍କୁ ମାଗଣା ବିଜୁଳି ଯୋଗାଣ ନକରିବେ ସେପର୍ଯ୍ୟନ୍ତ ପୁରପଲ୍ଲୀ ସବୁଠାରେ ଆନ୍ଦୋଳନ ହେବ।

ଶ୍ରୀ ପୃଥ୍ୱିବଲ୍ଲଭ ପଟ୍ଟନାୟକ ସାଧାରଣ ଜନତାଙ୍କୁ ନିବେଦନ କରି କହିଥିଲେ ଟାଟା ପାୱାରର ଶୋଷଣ ବିରୁଦ୍ଧରେ ମୁହଁ ଖୋଲନ୍ତୁ, ପ୍ରତିବାଦ କରନ୍ତୁ। ଓଇଆରସି ଓ ଟାଟା ପାୱାର ମଧ୍ୟରେ ଗୁପ୍ତ ବୁଝାମଣା ଯୋଗୁଁ ସାଧାରଣ ଜନତାଙ୍କୁ ହକ୍ତସକ୍ତ ହେବାକୁ ପଡୁଛି।

ଏହି ବିକ୍ଷୋଭ ପ୍ରଦର୍ଶନରେ ଅନ୍ୟମାନଙ୍କ ମଧ୍ୟରେ ତପନ ଚକ୍ରବର୍ତ୍ତୀ, ସ୍ୱାଗତିକା ପଟ୍ଟନାୟକ, ରଞ୍ଜିତ ମହାପାତ୍ର, ଗୋପନ ମାର୍ଥା, ସାଇଲେନ୍ଦ୍ର ଦାସ, ବଟକୃଷ୍ଣ ରାଉତରାୟ, ଅଶୋକ ମଙ୍ଗରାଜ, ତାପସ ମିଶ୍ର, ଜୟନ୍ତ ଭୋଇ, ପ୍ରଦୀପ ପଟ୍ଟନାୟକ, ପ୍ରଦୋଷ ହରିଚନ୍ଦନ, ସୌମ୍ୟ ପଟ୍ଟନାୟକଙ୍କ ସମେତ ବହୁ ନେତା ଓ କର୍ମକର୍ତ୍ତାମାନେ ଯୋଗଦାନ କରିଥିଲେ।

ଶାସନ ଆମ୍ବ ଗାଁରେ ଜନଶୁଣାଣି ଶିବିର

ହିଞ୍ଜିଳିକାଟୁ,୨୯।୧୨ (ସଂଚାର ବ୍ୟୁରୋ): ହିଞ୍ଜିଳି ବ୍ଲକ ଶାସନ ଆମ୍ବ ଗାଁରେ ଜନଶୁଣାଣୀ କାର୍ଯ୍ୟକ୍ରମ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସାଗରୀକା ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ତହସିଲଦାର ତପନ କୁମାର ମହାପାତ୍ର,ହିଞ୍ଜିଳି ଥାନା ଆଇଆଇସି ଶ୍ରୀନିବାସ ସେଠୀ ଓ ସରପଞ୍ଚ ମଂଚାସୀନ ଥିଲେ। ରାସନ କାର୍ଡ ୪୦, ସାମାଜିକ ସୁରକ୍ଷା ୬୪, ସୁଭଦ୍ରା ଯୋଜନା ୧୮, ଗ୍ରାମୀଣ ଆବାସ ୩୪, ଜଳସେଚନ ୧ ଓ ଅନ୍ୟାନ୍ୟ ୩୧ଟି ସମୁଦାୟ ୧୮୮ଟି ଅଭିଯୋଗ ଗ୍ରହଣ ହୋଇଥିବା ବିଡ଼ିଓ ସୂଚନା ଦେଇଛନ୍ତି। ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

କଂଗ୍ରେସର ୧୪୦ତମ ପ୍ରତିଷ୍ଠା ଦିବସ ପାଳିତ

ଖୋର୍ଦ୍ଧା,୨୯।୧୨ (ସଂଚାର ବ୍ୟୁରୋ): ଆଜି ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ୧୪୦ତମ କଂଗ୍ରେସ ପ୍ରତିଷ୍ଠା ଦିବସ କଂଗ୍ରେସ ଭବନ ଖୋର୍ଦ୍ଧା ଠାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳେ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ କମିଟି ସଭାପତି ଶ୍ରୀ ରାଜୀବ ପଟ୍ଟନାୟକ ଦଳୀୟ ପତାକା ଉତ୍ତୋଳନ କରି ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ ଓ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇ କହିଲେ ଯେ, ଭାରତୀୟ ଜାତୀୟ କଂଗ୍ରେସ ପ୍ରତିଷ୍ଠା ଓ ଦେଶକୁ ସ୍ୱାଧୀନ କରିବାରେ ଆମ ପୂର୍ବସୂରୀମାନଙ୍କ ଅସୀମ ତ୍ୟାଗ ଓ ସେବା ପାଇଁ ଆମେ ଆଜି ଗର୍ବ କରୁଛୁ । ବହୁ ପୂର୍ବତନ ପ୍ରଧାନମନ୍ତ୍ରୀମାନେ ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଓ ନାମକୁ ଟେକ ରଖିଥିବାବେଳେ ବର୍ତ୍ତମାନ ସମ୍ବିଧାନ ପ୍ରତି ବିପଦ ସୃଷ୍ଟି ହୋଇଛି ଓ ମହାତ୍ମା ଗାନ୍ଧୀଙ୍କ ନାମକୁ ପ୍ରତ୍ୟେକ ସ୍ଥାନରୁ ହଟେଇବା ପାଇଁ ଚକ୍ରାନ୍ତ ଚାଲିଛି । କିନ୍ତୁ କଂଗ୍ରେସ ଦଳ ଏହାକୁ କଦାପି ବରଦାସ୍ତ କରିପାରିବ ନାହିଁ ଓ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ ଦେଶବାସୀଙ୍କ ପାଇଁ ତା'ର କାର୍ଯ୍ୟ ଜାରି ରଖିବ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ । ଏହି ଅବସରରେ ସମସ୍ତ କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ଏକଜୁଟ ହୋଇ ଦଳକୁ ସଶକ୍ତ କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ ।

୨୦୦୯ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ

ହିଞ୍ଜିଳିକାଟୁ,୨୯।୧୨ (ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁ ପୌରାଞ୍ଚଳ ସ୍ଥିତ ଏନ.ଏ.ସି ଉଚ୍ଚ ବିଦ୍ୟାଳୟ ୨୦୦୮-୦୯ ବ୍ୟାଚ୍ ର ପୁରାତନ ଛାତ୍ର ଛାତ୍ରୀମାନଙ୍କ ବନ୍ଧୁ ମିଳନ ରବିବାର ଦିନ ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। ଆୟୋଜିତ ବନ୍ଧୁ ମିଳନ ଉତ୍ସବରେ ପୁରାତନ ଶିକ୍ଷକଙ୍କ ସହ ବର୍ତ୍ତମାନର ଶିକ୍ଷକ ମାନେ ଉପସ୍ଥିତ ରହିଥିଲେ। ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବହୁ ବର୍ଷର ବ୍ୟବଧାନ ପରେ ପୁରାତନ ଛାତ୍ରମାନେ ନିଜ ବନ୍ଧୁଙ୍କୁ ଗୋଟିଏ ସ୍ଥାନରେ ପାଇ ପରସ୍ପରକୁ ଅଭିନନ୍ଦନ ଜଣାଇବା ସହିତ ପୁରୁଣା ଦିନର ସ୍ମୃତି ଓ ଅନୁଭୂତୀକୁ ମନେପକାଇ ନିଜ ଭିତରେ ଆତ୍ମିୟତା ବାଣ୍ଟିଥିଲେ। ଏହି ପୁରାତନ ଛାତ୍ର ସମ୍ମିଳନୀ ଦ୍ୱାରା ସ୍କୁଲର ପଞ୍ଚସଖା ଶିକ୍ଷା ସେତୁ ପାଣ୍ଠିକୁ ୧୦ ହଜାର ପ୍ରଦାନ କରାଯାଇଥିଲା।ଏହି ସମ୍ମିଳନୀ ଉପଲକ୍ଷେ ବୃକ୍ଷରୋପଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ସନ୍ତରାଗଡ଼ିଆ ଯୁବ ମହୋତ୍ସବ ଉଦ୍‌ଘାଟିତ

ନୀଳଗିରି,୨୯।୧୨ (ସଂଚାର ବ୍ୟୁରୋ): ସନ୍ତରାଗଡ଼ିଆ ନୋଡାଲ ହାଇସ୍କୁଲ ପଡିଆରେ ଯୁବ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ନାଲୋକ କମ୍ପାନୀର ଇଡି ଅମରେନ୍ଦ୍ର ମିଶ୍ର ଅନୁଷ୍ଠାନିକ ଭାବେ ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ଫୋଟୋ ଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୟୋଳନ କରି ଶୁଭାରମ୍ଭ କରିଥିଲେ। ତାଙ୍କ ଅଭିଭାଷଣରେ ଯୁବ ସମାଜ ହିଁ ସୁସ୍ଥ ପରିବେଶ ଗଠନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି ପ୍ରକାଶ କରିଥିଲେ।

ମୁଖ୍ୟ ବକ୍ତା ଭାବେ ଚାନ୍ଦିପୁର ଆଇ ଟି ଆର ବୈଜ୍ଞାନିକ ମୁଖ୍ୟ ଅରୁଣ କୁମାର ରାଓ ଯୋଗଦେଇ ମହୋତ୍ସବ ଭାଇଚାରା ସୃଷ୍ଟି କରିଥାଏ ବୋଲିଯୁବପିଢ଼ିଙ୍କୁ ଦିଗ୍ ଦର୍ଶନ ଦେଇଥିଲେ। ବରେଣ୍ୟ ଅତିଥି ଭାବେ ସିଦ୍ଧି ବିନାୟକ ସ୍କୁଲର ଅଧକ୍ଷ ସୁଧାଂଶୁ ପଞ୍ଚା, ଯୁବ ମହୋତ୍ସବ କମିଟିର ସାଧାରଣ ସଂପାଦକ ଶୁଭ କଲ୍ୟାଣ ପଟ୍ଟନାୟକ ମଞ୍ଚାସୀନ ଥାଇ ନିଜ ନିଜର ଅଭିଭାଷଣ ରଖିଥିଲେ। ଦିଲ୍ଲୀପ କୁମାର ପଞ୍ଚା ସଭାପତିତ୍ୱ କରିଥିବା ବେଳେ କମିଟିର ସହ ସଂପାଦକ ଚିକୁ ଚନ୍ଦନ ଦାସ, କୋଷାଧକ୍ଷ ମାଧବ ଚନ୍ଦ୍ର ଦଳପତି ମଞ୍ଚାସିନ ଥାଇ ନିଜନିଜ ଅଭିଭାଷଣ ପ୍ରଦାନ କରିଥିଲେ।

ଏହି ଅବସରରେ ସକାଳେ ଏକ ବିଶାଳ ରକ୍ତଦାନ ଶିବିର କାର୍ଯ୍ୟକ୍ରମରେ ଈଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଡାକ୍ତର କୈଳାଶ ଚନ୍ଦ୍ର ବେହେରା ଓ ସନ୍ତରାଗଡିଆ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ପ୍ରସନ୍ନ ପଞ୍ଚା, ଆଇନଜୀବି ଅମରେନ୍ଦ୍ର ପଟ୍ଟନାୟକ ଶୁଭ ଉଦ୍‌ଘାଟନ କରିଥିବା ବେଳେ ୭୩ ୟୁନିଟ ରକ୍ତ ସଂଗ୍ରହକରାଯାଇଥିଲା। ଏହି ଅବସରରେ ଅନିଲ କୁମାର ରାଉଳ, ଗୋପାଳ କୁମାର ସାହୁ, ପ୍ରଶାନ୍ତ କୁମାର ରାଉତ, ସରୋଜ କୁମାର ମହାନ୍ତିଙ୍କୁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ ପାଇଁ ସମ୍ମାନିତ କରାଯାଇଥିଲା। ଶେଷରେ ସାସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ପୂର୍ବତନ ବାଚସ୍ପତି ସତ୍ୟପ୍ରିୟ ମହାନ୍ତିଙ୍କ ଶ୍ରାଦ୍ଧବାର୍ଷିକୀ

ବାଲିଅନ୍ତା,୨୯।୧୨ (ସଂଚାର ବ୍ୟୁରୋ): ଓଡ଼ିଶା ବିଧାନ ସଭାର ପୂର୍ବତନ ବାଚସ୍ପତି ସ୍ୱର୍ଗତ ସତ୍ୟପ୍ରିୟ ମହାନ୍ତିଙ୍କ ୨୬ତମ ଶ୍ରାଦ୍ଧବାର୍ଷିକୀ ତାଙ୍କର ଜନ୍ମମାଟି ବାଳକାଟିରେ ପାଳିତ ହୋଇଯାଇଛି। ଏହି ଅବସରରେ ପୂର୍ବତନମନ୍ତ୍ରୀ ସୁରେଶ କୁମାର ରାଉତରାୟ,ବରିଷ୍ଠ କଂଗ୍ରେସ ନେତା ବେଣୁଧର ଭୋଇ, ଆଇନଜୀବୀ ଉପେନ୍ଦ୍

ଅଲ୍ ଓଡ଼ିଶା ଲୟର୍ସ ଆସୋସିଏସନର ବାର୍ଷିକ ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ

କୋର୍ଟ କାର୍ଯ୍ୟ ଓଡ଼ିଆରେ ହେଲେ ସମସ୍ତେ ଉପକୃତ ହେବେ

- ମାତୃଭାଷା ହିଁ ଅଭିବ୍ୟକ୍ତିର ସବୁଠାରୁ ବଡ଼ ଓ ସହଜ ମାଧ୍ୟମ
- ପ୍ରତିବନ୍ଧକ ଦୂରହେଲେ ଶେଷ ଧାଡ଼ିର ବ୍ୟକ୍ତି ନ୍ୟାୟ ପାଇପାରିବେ
- ଓଡ଼ିଆ ଓକିଲମାନଙ୍କ ବୌଦ୍ଧିକ କ୍ଷମତା ଅତ୍ୟନ୍ତ ଉଚ୍ଚକୋଟୀର

ସମ୍ବଲପୁର, ୨୯।୧୨ (ସଂଚାର ବ୍ୟୁରୋ) : ଜାତୀୟ ଶିକ୍ଷା ନୀତି ଅନୁଯାୟୀ ଶିକ୍ଷାର ମାଧ୍ୟମ ମାତୃଭାଷା ହେବା ଉଚିତ। ସେହିପରି ଭାରତର ନ୍ୟାୟ ବ୍ୟବସ୍ଥାକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବାକୁ ହେଲେ ଏହାକୁ ମାତୃଭାଷା ଆଧାରିତ କରିବାକୁ ହେବ। ଓଡ଼ିଶାର ସମସ୍ତ କୋର୍ଟରେ କାର୍ଯ୍ୟକାରୀ ଭାଷା 'ଓଡ଼ିଆ'(ମାତୃଭାଷା) ହେବା ଆବଶ୍ୟକ। ମାତୃଭାଷା ହିଁ ଅଭିବ୍ୟକ୍ତିର ସବୁଠାରୁ ବଡ଼ ଓ ସହଜ ମାଧ୍ୟମ। ଭାଷାର ପ୍ରତିବନ୍ଧକ ଦୂର ହେଲେ ହିଁ ସମାଜର ଶେଷ ଧାଡ଼ିରେ ଥିବା ବ୍ୟକ୍ତି ଉଚିତ ନ୍ୟାୟ ପାଇପାରିବେ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ସୋମବାର ସମ୍ବଲପୁରରେ ଆୟୋଜିତ 'ଅଲ୍ ଓଡ଼ିଶା ଲୟର୍ସ ଆସୋସିଏସନ୍'ର ୫୪ତମ ବାର୍ଷିକ ସମ୍ମିଳନୀରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି, ସମ୍ବଲପୁରର ଏହି ଐତିହାସିକ ସହରରୁ ଓଡ଼ିଶାର ଆଇନଜୀବୀ ସମାଜ ମଧ୍ୟରେ ଯେଉଁ ଏକତା ଓ ସଂହତିର ବାର୍ତ୍ତା ସୃଷ୍ଟି ହୋଇଛି, ତାହା ପ୍ରଶଂସନୀୟ। ଆମର ସମ୍ବିଧାନ ଓ ଗଣତନ୍ତ୍ରର ସୁରକ୍ଷା ପାଇଁ ଆଇନଜୀବୀମାନେ ହେଉଛନ୍ତି ମୁଖ୍ୟ ପ୍ରହରୀ। ସାଧାରଣ ଲୋକଙ୍କୁ ନ୍ୟାୟ ପ୍ରଦାନ କରିବା ଏବଂ ସେମାନଙ୍କ ଅଧିକାରର ସୁରକ୍ଷା କରିବା ଦିଗରେ ଆପଣଙ୍କ ନିଷ୍ଠା ଓ ସେବା ମନୋଭାବ ହିଁ ଏକ ସୁସ୍ଥ ସମାଜ ଗଠନ କରିପାରିବ ବୋଲି ସେ କହିଥିଲେ। ଆମ ଓଡ଼ିଆ ଓକିଲମାନଙ୍କ ବୌଦ୍ଧିକ କ୍ଷମତା ଅତ୍ୟନ୍ତ ଉଚ୍ଚକୋଟୀର। ଏହାର ଶ୍ରେଷ୍ଠ ଉଦାହରଣ ହେଉଛନ୍ତି ଉତ୍କଳ ଗୌରବ ମଧୁସୂଦନ ଦାସ। ସେ ଧର୍ମରେ ଜଣେ ଖ୍ରୀଷ୍ଟିଆନ ହୋଇଥିଲେ ମଧ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅଧିକାର ପାଇଁ ମାମଲା ଲଢ଼ିଥିଲେ। ତାଙ୍କର ଦୂରଦୃଷ୍ଟି ଓ ଦାୟିତ୍ୱବୋଧ ଯୋଗୁଁ ଆଜି ଜଗନ୍ନାଥ ସଂସ୍କୃତି ଅକ୍ଷୁର୍ଣ୍ଣ ରହିଛି। ଆମକୁ ଆଜି ସେହିପରି ଦାୟିତ୍ୱବାନ ହୋଇ ସୁପ୍ରିମକୋର୍ଟରେ ଓଡ଼ିଆଙ୍କ ସଂଖ୍ୟା ଓ ପ୍ରଭାବ ବୃଦ୍ଧି କରିବାକୁ ହେବ। ଓଡ଼ିଶା ଗଠନର ୨୦୩୬ ସୁଦ୍ଧା ୧୦୦ ବର୍ଷ ଏବଂ ଦେଶ ସ୍ୱାଧୀନତାର ୨୦୪୭ ସୁଦ୍ଧା ୧୦୦ ବର୍ଷ ପୂରଣ ହେବା ବେଳକୁ ଆମ ନ୍ୟାୟ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଭାରତୀୟ ଏବଂ ମାତୃଭାଷା ଆଧାରିତ ହେବା ଆବଶ୍ୟକ। ଆମକୁ ପାଶ୍ଚାତ୍ୟ ଚିନ୍ତାଧାରାରୁ ବାହାରି ଭାରତୀୟ ସଂସ୍କୃତି ଓ ମୂଲ୍ୟବୋଧକୁ ଆପଣାଇବାକୁ ପଡ଼ିବ ସେ କହିଛନ୍ତି।

ରକେଟ ପିନାକର ପ୍ରଥମ ଫ୍ଲାଇଟ୍ ଟେଷ୍ଟ

ଭୁବନେଶ୍ୱର, ୨୯।୧୨ (ସଂଚାର ବ୍ୟୁରୋ) : ଭାରତର ଦୂରଗାମୀ ଗାଇଡେଡ୍ ରକେଟ ପିନାକର ପ୍ରଥମ ଫ୍ଲାଇଟ୍ ଟେଷ୍ଟ ସୋମବାର ଓଡ଼ିଶା ଉପକୂଳ ଚାନ୍ଦିପୁରର ସମନ୍ୱିତ ପରୀକ୍ଷଣ ଘାଟୀରେ ସଫଳତାର ସହ କରାଯାଇଛି। ରକେଟକୁ ସର୍ବାଧିକ ୧୨୦ କିଲୋମିଟର ପର୍ଯ୍ୟନ୍ତ ନିକ୍ଷେପ କରାଯାଇଥିଲା ଏବଂ ଏହା ଯୋଜନା ମୁତାବକ ସମ୍ପୂର୍ଣ୍ଣ ଦୂରତା ମଧ୍ୟରେ ଆଶାଅନୁରୂପ କୌଶଳ ପ୍ରଦର୍ଶନ କରିଥିଲା। ଏଲଆରଜିଆର ସଠିକତା ସହିତ ଲକ୍ଷ୍ୟଭେଦ କରିବାରେ ସଫଳ ହୋଇଥିଲା। ସମସ୍ତ ନିୟୋଜିତ ରେଞ୍ଜ ଉପକରଣଗୁଡ଼ିକ ଫ୍ଲାଇଟର ଗତିପଥରେ ଏହାର ଉଡ଼ାଣକୁ ଟ୍ରାକ୍ କରିଥିଲେ। ଏହି ରକେଟ୍ଟୁ ଆର୍ମାମେଣ୍ଟ୍ ରିସର୍ଚ୍ଚ ଆଣ୍ଡ୍ ଡେଭଲପମେଣ୍ଟ୍ ଏଷ୍ଟାବ୍ଲିସମେଣ୍ଟ ଦ୍ୱାରା ହାଇ ଏନର୍ଜି ମ୍ୟାଟେରିଆଲ୍ସ ରିସର୍ଚ୍ଚ ଲାବୋରେଟୋରୀ ସହିତ ମିଶି ପ୍ରତିରକ୍ଷା ଗବେଷଣା ଓ ବିକାଶ ପ୍ରୟୋଗଶାଳା ଏବଂ ଗବେଷଣା କେନ୍ଦ୍ର ଇମାରତ ସହାୟତାରେ ଡିଜାଇନ୍ କରାଯାଇଛି। ଆଇଟିଆର ଏବଂ ପୁଫ୍ ଆଣ୍ଡ ଏକ୍ସପେରିମେଣ୍ଟାଲ୍ ଏଷ୍ଟାବ୍ଲିସମେଣ୍ଟର ସମନ୍ୱୟରେ ଏହି ଫ୍ଲାଇଟ ଟେଷ୍ଟ କରାଯାଇଥିଲା। ଏଲଆରଜିଆରକୁ ବର୍ତ୍ତମାନ କାର୍ଯ୍ୟକ୍ଷମ ଥିବା ପିନାକା ଲଞ୍ଚର୍ ରୁ ଉତକ୍ଷେପଣ କରାଯାଇଥିଲା ଯାହା ଏହାର ବହୁମୁଖୀ ପ୍ରତିଭା ପ୍ରଦର୍ଶନ କରିଥିଲା। ଏହାଦ୍ୱାରା ଗୋଟିଏ ଲଞ୍ଚରରୁ ହିଁ ଭିନ୍ନ ଭିନ୍ନ ରେଞ୍ଜର ପିନାକ ଭେରିଏଣ୍ଟକୁ ଲଞ୍ଚ କରିବାର କ୍ଷମତା ମିଳିଥିଲା।ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଡିଆରଡିଓକୁ ଏହି ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି, ଦୀର୍ଘ ଦୂରଗାମୀ ଗାଇଡେଡ୍ ରକେଟର ସଫଳ ଡିଜାଇନ୍ ଏବଂ ବିକାଶ ସଶସ୍ତ୍ର ବାହିନୀର କ୍ଷମତାକୁ ବୃଦ୍ଧି କରିବ। ସେ ଏହାକୁ ଏକ ଯୁଗାନ୍ତକାରୀ ଉପଲବ୍ଧି ରୂପେ ଅଭିହିତ କରିଛନ୍ତି। ପ୍ରତିରକ୍ଷା ଗବେଷଣା ଓ ବିକାଶ ବିଭାଗର ସଚିବ ଏବଂ ଡିଆରଡିଓର ଅଧକ୍ଷ ଡକ୍ଟର ସମୀର ଭି କାମତ ପରୀକ୍ଷଣ ଦେଖିଥିଲେ ଏବଂ ମିଶନ ଉଦ୍ଦେଶ୍ୟ ପୂରଣ ପାଇଁ ସମସ୍ତ ଦଳକୁ ଅଭିନନ୍ଦନ ଜଣାଇଥିଲେ।

ଭୂତ ଚାଷୀଙ୍କୁ ଧରିବାକୁ ସଜବାଜ

ସର୍ଭେରୁ ଧରାପଡ଼ିଛି ପଞ୍ଜିକରଣ ଜାଲିଆତି

ଭୁବନେଶ୍ୱର,୨୯।୧୨(ସଂଚାର ବ୍ୟୁରୋ): ଭୂତ ଚାଷୀଙ୍କୁ ଚେତାଇ ଦେଇଛନ୍ତି ସରକାର। ଧାନ ପଞ୍ଜୀକରଣ ସମୟରେ ଯେଉଁ ଚାଷୀ ମିଥ୍ୟା ତଥ୍ୟ ଦେଇଥିବେ, ସେମାନଙ୍କୁ ନୋଟିସ୍ କରିବ ଯୋଗାଣ ବିଭାଗ। ସାଟେଲାଇଟ୍ ସର୍ଭେରୁ କେଳେଙ୍କାରୀ ଜଣାପଡ଼ିବା ପରେ ବିଭାଗ ଚେଇଁ ଉଠିଛି। ଧାନ ପଞ୍ଜୀକରଣ ସମୟରେ ଜମି ବାବଦରେ ମିଛ ତଥ୍ୟ ଦେଇଥିଲେ ବିଭାଗ ସେମାନଙ୍କୁ ନୋଟିସ କରିବ। ସାଟେଲାଇଟ ସର୍ଭେ ମାଧ୍ୟମରେ ଧରାପଡ଼ିଛି ସାଂଘାତିକ କେଳେଙ୍କାରୀ। ଅଣ ଚାଷଜମିକୁ ଚାଷ ଜମି ଦର୍ଶାଇଛନ୍ତି ଚାଷୀ। ଏବେ ଏହି ଭୂତ ଚାଷୀଙ୍କୁ ଧରିବା ଏବଂ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭାଗ ନିର୍ଦ୍ଦେଶ ଦେଇଛି। ଏ ସଂକ୍ରାନ୍ତ ପ୍ରସ୍ତାବ ଉପରେ ବି ଆନ୍ତଃମନ୍ତ୍ରୀସ୍ତରୀୟ ବୈଠକରେ ଅନୁମୋଦନ ମିଳିସାରିଥିବା କହିଛନ୍ତି ସମବାୟ ରାଷ୍ଟ୍ରମନ୍ତ୍ରୀ ପ୍ରଦୀପ ବଳସାମନ୍ତ। ଗତ ଖରିଫ୍ ଋତୁରେ ୧୭ ଲକ୍ଷ ୫୦ ହଜାର ଚାଷୀ ୫୮ ଲକ୍ଷ ଏକର ଜମି ପାଇଁ ପଞ୍ଜୀକରଣ କରିଥିଲେ। ଏବର୍ଷ ୧୯ ଲକ୍ଷ ୬୮ ହଜାର ଚାଷୀ ୬୧ ଲକ୍ଷ ୬୭ ହଜାର ଏକର ଜମି ପାଇଁ ପଞ୍ଜୀକରଣ କରିଛନ୍ତି। ଅର୍ଥାତ୍ ଗତଥର ଅପେକ୍ଷା ଏଥର ବଢ଼ିଛନ୍ତି ଚାଷୀ ଏବଂ ବଢ଼ିଛି ଜମି। ତେବେ କେମିତି ଏତେ ଜମି ବଢ଼ିଲା ? ତାହାକୁ ସନ୍ଦେହ କରି ତନାଘନା କରିଥିଲେ ସରକାର। ସର୍ଭେ ଅନୁସାରେ, ଗତ ଜୁଲାଇ ମାସରେ ରାଜ୍ୟରେ ୨ ଲକ୍ଷ ୭୩ ହଜାର ନକଲି ଚାଷ ପ୍ଲଟ ଥିବାନେଇ ସମବାୟ ନିବନ୍ଧକଙ୍କ କାର୍ଯ୍ୟାଳୟ ପକ୍ଷରୁ ସରକାରଙ୍କୁ ରିପୋର୍ଟ ଦିଆଯାଇଥିଲା। ବାଲେଶ୍ୱରରେ ସର୍ବାଧିକ ୫୦ ହଜାର ଓ ବରଗଡ଼ରେ ୩୮ ହଜାର ନକଲି ପ୍ଲଟ ଥିବା ଜଣାପଡିଥିଲା।

ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବିରେ ଶୈଳବାଳା ଛାତ୍ରୀଙ୍କ ଧାରଣା

- ଦସ୍ତଖତ ଓ ପୋଷ୍ଟକାର୍ଡ ଅଭିଯାନ ଆରମ୍ଭ

କଟକ, ୨୯।୧୨(ସଂଚାର ବ୍ୟୁରୋ): ରାଜ୍ୟର ସର୍ବ ପୁରାତନ ମହିଳା କଲେଜ ଶୈଳବାଳା ସ୍ୱୟଂଶାସିତ ମହାବିଦ୍ୟାଳୟକୁ ୧୧୨ ବର୍ଷ ଛୁଇଁଲାଣି । ଏତେ ବର୍ଷ ପରେ ବି କାହିଁକି ବିଶ୍ୱବିଦ୍ୟାଳୟ ମାନ୍ୟତା ମିଳୁନି ? କେବେ ମିଳିବ ମାନ୍ୟତା ? ଏନେଇ ବଢୁଛି ଅସନ୍ତୋଷ, ତେଜୁଛି ରାଜନୀତି। ଜୋର ଧରିଲାଣି ଶୈଳବାଳା ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି। କିଛି ଦିନ ଧରି ବିଭିନ୍ନ ସଂଗଠନ ଓ ବୁଦ୍ଧିଜୀବୀମାନେ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବିରେ ଅଭିଯାନ ଆରମ୍ଭ କରିଥିଲେ। ସୋମବାର ଅଭିଯାନକୁ ସମର୍ଥନ କରି ସାମିଲ ହୋଇଛନ୍ତି ହଜାରେରୁ ଅଧିକ ଛାତ୍ରୀ। କଲେଜ ସାମ୍ନାରେ ଏକାଠି ହୋଇ ଦାବି ସପକ୍ଷରେ ନାରାବାଜି କରିବା ସହ ଦସ୍ତଖତ ଅଭିଯାନ ଆରମ୍ଭ କରିଛନ୍ତି। ଦସ୍ତଖତ ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କୁ ଦିଆଯିବାର କାର୍ଯ୍ୟକ୍ରମ ରହିଛି। ସମାନ ଦାବିରେ ପୋଷ୍ଟକାର୍ଡ ଅଭିଯାନ ମଧ୍ୟ ଆରମ୍ଭ ହୋଇଛି। କଟକ ସହରର ବୁଦ୍ଧିଜୀବୀ, ସାଧାରଣ ନାଗରିକ ଓ ଛାତ୍ରୀମାନେ ଏହି ପୋଷ୍ଟକାର୍ଡରେ ଦାବି ଲେଖି ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ ନିକଟକୁ ପଠାଇବେ। ୧୧୨ ବର୍ଷର ଏହି ପୁରାତନ କଲେଜ ନାରୀ ଉଚ୍ଚଶିକ୍ଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରୁଛି। ଏଠାରୁ ଶିକ୍ଷା ଗ୍ରହଣ କରି ଅନେକ ଓଡ଼ିଆ ଝିଅ ଦେଶ ବିଦେଶରେ ନାଁ କରିଛନ୍ତି।

୬୮ତମ ପ୍ରତିଷ୍ଠା ଦିବସରେ ବିଧାୟକ ବାବୁ ସିଂ

ରାଜ୍ୟ ସଂଗ୍ରହାଳୟ ଓଡ଼ିଆ ଅସ୍ମିତାର ବାର୍ତ୍ତା ବହକ

ଭୁବନେଶ୍ୱର, ୨୯।୧୨(ସଂଚାର ବ୍ୟୁରୋ): ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ୬୮ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଆଜି ସଂଗ୍ରହାଳୟର ପ୍ରତିଷ୍ଠା ଦିବସ ପାଳନ କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ।

ନିଜର ଅଭିଭାଷଣରେ ସେ କହିଥିଲେ ଯେ, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ହେଉଛି ଆମ ଓଡ଼ିଆ ଅସ୍ମିତାର ବାର୍ତ୍ତା ବହକ। ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ଓଡ଼ିଶାର ଇତିହାସକୁ ଖୁବ ସୁନ୍ଦର ଭାବେ ପ୍ରଦର୍ଶିତ କରାଯାଇଛି। ଏଥିସହ ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟର ଗାଥାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ଏବଂ ଏହାର ପ୍ରଚାର ଓ ପ୍ରସାର କରିବା ଦିଗରେ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ସଂଗ୍ରହାଳୟରେ ରହିଥିବା ସମସ୍ତ ଗ୍ୟାଲେରୀ ଦର୍ଶକମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ର ସାଜିଛି। ବାବୁ ସିଂ ସଂଗ୍ରହାଳୟରେ ରହିଥିବା ତିନି ରଥର ଚକରେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ। ଏଥିସହ ଭକ୍ତକବି ମଧୁସୂଦନ ରାଓଙ୍କ ବ୍ୟବହୃତ ସାମଗ୍ରୀକୁ ନେଇ ଆୟୋଜିତ ହୋଇଥିବା ଏକ ସ୍ୱତନ୍ତ୍ର ପ୍ରଦର୍ଶନୀକୁ ବିଧାୟକ ଉଦ୍‌ଘାଟନ କରିଥିଲେ। ପ୍ରଦର୍ଶନୀ କକ୍ଷରେ ଭକ୍ତକବିଙ୍କ ହାତଲେଖା ଦସ୍ତାବିଜ, ଭକ୍ତକବି ରାୟ ବାହାଦୂର ପ୍ରମାଣପତ୍ର, ଭକ୍ତକବିଙ୍କ ବ୍ୟବହୃତ ଆସନ, କାଠମାଣ, ବାଉଁଶିଆ, ପିତ୍ତଳ ବାକ୍ସ, ଦୁଆତ, ପରିବାରବର୍ଗଙ୍କ ଫଟୋଚିତ୍ର, ସୁଖବୋଧ ଅଭିଧାନ ବୁକ୍ସି ସ୍ମାରକୀ, ବିଦ୍ୟାଳୟ ପରିଚାଳନା ବାବଦରେ ମଧୁବାବୁଙ୍କ ହାତଲେଖା ଆଦିକୁ ସ୍ଥାନିତ କରାଯାଇଥିଲା।

ଆଜିର କାର୍ଯ୍ୟକ୍ରମରେ 'ଓଡ଼ିଶା ହିଷ୍ଟୋରିକାଲ ରିସର୍ଚ୍ଚ ଜରନାଲ' ଏବଂ 'ଓଡ଼ିଆ ଅଭିଲେଖ ସଂକଳନ' ନାମରେ ଦୁଇଟି ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏଥିସହ ବିଶିଷ୍ଟ ଶିଳ୍ପୀ ସୁରେନ୍ଦ୍ର ମେହେରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ପ୍ରତିଷ୍ଠା ଦିବସ ପାଳନ ପରିପ୍ରେକ୍ଷୀରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆୟୋଜିତ ହୋଇଥିବା ପ୍ରତିଯୋଗିତାର କୃତୀ ପ୍ରତିଭାମାନଙ୍କୁ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା।

କଟକରୁ କିଡନାପ୍, ସୋନପୁରରୁ ଉଦ୍ଧାର

ଜଗତସିଂହପୁର ଯୁବକଙ୍କୁ ଅପହରଣ ଘଟଣାର ପର୍ଦ୍ଦାଫାଶ

କଟକ,୨୯।୧୨(ସଂଚାର ବ୍ୟୁରୋ) : ତପନ କୁମାର ଶତପଥୀ ଅପହରଣ ଘଟଣାର ପର୍ଦ୍ଦାଫାଶ କରିଛି କମିଶନରେଟ ପୁଲିସ। ଗତ ୨୬ ତାରିଖରେ ଜଗତସିଂପୁର ବିରିଡ଼ି ଅଞ୍ଚଳର ତପନଙ୍କୁ କଟକ ନୂଆବଜାର ଅଞ୍ଚଳରୁ ଅପହରଣ କରାଯାଇଥିଲା। ଦୁଇଲକ୍ଷ ଟଙ୍କା ମୁଣ୍ଡ ଜାମିନ ମାଗିଥିଲେ ଅପହରଣକାରୀ। ଅପହରଣ ଅଭିଯୋଗ ମଧୁପାଟଣା ଥାନାରେ ହେବା ପରେ ପୁଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଶେଷରେ ସୋନପୁରରୁ ଅପହୃତ ବ୍ୟକ୍ତିଙ୍କୁ ଉଦ୍ଧାର କରିଛି ପୁଲିସ। ଏହି ଘଟଣାରେ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି ପୁଲିସ୍। ଗିରଫ ଅଭିଯୁକ୍ତ ହେଲେ ଦିବ୍ୟଲୋଚନ ବେହେରା, ଅଜିତ ମିଶ୍ର ଓ ଜମ୍ବେଶ୍ୱର ମିଶ୍ର। ତେବେ ପୁଲିସକୁ ଚକମା ଦେବା ପାଇଁ ଅପହରଣକାରୀମାନେ ବାରମ୍ବାର ସ୍ଥାନ ପରିବର୍ତ୍ତନ କରୁଥିଲେ। ବଲାଙ୍ଗୀର ଓ ସୋନପୁର ପୁଲିସ ସହାୟତାରେ ଉଦ୍ଧାର କରାଯାଇଥିଲା। ଚାକିରି ନାଁରେ ଟଙ୍କା କାରବାର ଅପହରଣ ପଛର କାରଣ ବୋଲି ପ୍ରାଥମିକ ତଦନ୍ତରୁ ଜାଣିବାକୁ ମିଳିଛି ବୋଲି ସୂଚନା ଦେଇଛନ୍ତି କଟକ ଡିସିପି।

ମାଙ୍କଡ଼ କାମୁଡ଼ାରେ ୩ ଗୁରୁତର

ବଲାଙ୍ଗିର,୨୯।୧୨(ସଂଚାର ବ୍ୟୁରୋ): ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ମାଧିଆ ପାଲିଗାଁରେ ମାଙ୍କଡ଼ ଉପଦ୍ରବ। ମାଙ୍କଡ଼ ଆକ୍ରମଣରେ ୩ ଜଣ ଗୁରୁତର ହୋଇଛନ୍ତି। ତେବେ ରବିବାର ରାତିରେ ମାଧିଆ ପାଲି ଠାରେ ଗାଁକୁ ଗୋଟିଏ ଗୋଠଛଡା ମାଙ୍କଡ଼ ଚାଲିଆସିଥିଲା। ଗାଁରେ ୩ ଜଣଙ୍କୁ ଆକ୍ରମଣ କରିବା ସହ ସେମାନଙ୍କୁ କାମୁଡ଼ି, ରାଖୁଡି ଗୁରୁତର କରିଥିଲା। ଗୁରୁତରମାନଙ୍କ ମଧ୍ୟରେ ଜଣେ ନାବାଳକ। ଅନ୍ୟ ଦୁଇଜଣ ହେଲେ ସୁମତି ପଟେଲ ଓ ପୁଷ୍ପାଞ୍ଜଳି ପଟେଲ। ସେମାନଙ୍କୁ ଭୀମଭୋଇ ମେଡିକାଲକୁ ନେଇ ଚିକିତ୍ସା କରାଯାଇଥିଲା।

- ଗହଣା ସଫା ବାହାନାରେ ଝାମ୍ପିନେଲେ ସୁନାଚେନ୍

ଦୁଇ ଲୁଟେରାଙ୍କୁ ବାନ୍ଧିଲା ପୁଲିସ

ବଲାଙ୍ଗୀର,୨୯।୧୨(ସଂଚାର ବ୍ୟୁରୋ): ତମ୍ବା, ପିତ୍ତଳ ସଫା କରିବା ବାହାନାରେ ସହରରେ ବୁଲୁଥିଲେ। ଆଉ ସୁଯୋଗ ଦେଖି ଲୁଟିନେଉଥିଲେ ସୁନା ଗହଣା। ଏଭଳି କାମରେ ଲିପ୍ତ ଥିବା ଦୁଇ ଲୁଟେରାଙ୍କୁ ଗିରଫ କରିଛି ବଲାଙ୍ଗୀର ଟାଉନ ଥାନା ପୁଲିସ। ବଲାଙ୍ଗୀର ଟେଲିଗୋଠ ପଡ଼ାର ଜଣେ ମହିଳାଙ୍କ ଅଭିଯୋଗ କ୍ରମେ ପୁଲିସ ତଦନ୍ତ କରି ଏହି ଦୁଇ ଲୁଟେରାଙ୍କୁ ଗିରଫ କରିଛି। ସୂଚନା ଅନୁସାରେ, ମହିଳାଙ୍କ ଘରକୁ ଦୁଇ ବିହାରୀ ଯୁବକ ତମ୍ବା ଓ ପିତ୍ତଳ ସାମଗ୍ରୀ ସଫା କରିବାକୁ ଆସିଥିଲେ। ସେମାନଙ୍କ ନାଁ ସିକନ୍ଦର ସା ଓ ରୋହିତ ସା। ପ୍ରଥମେ ମହିଳାଙ୍କ ଘରେ ସେମାନେ ଗାଡିର କିଛି ସାମଗ୍ରୀ ଓ ରୁପା ସାମଗ୍ରୀ ସଫା କରିଥିଲେ। ଏସବୁ ସଫା କରିବା ପରେ ଦୁହେଁ ମହିଳାଙ୍କୁ ତାଙ୍କର ସୁନା ଚେନ୍ ସଫା କରିବାକୁ ମାଗିଥିଲେ। ହେଲେ ମହିଳା ଜଣକ ମନାକରିବାରୁ ତାଙ୍କ ବେକରୁ ଚେନ୍ ଛିଣ୍ଡାଇ ନେଇ ଫେରାର ମାରିଥିଲେ।ଏନେଇ ଟାଉନ ଥାନାରେ ଏତଲା ଦେଇଥିଲେ ମହିଳା। ଏତଲା ଆଧାରରେ ପୁଲିସ ମାମଲା ରୁଜୁ କରି ୭ ଦିନ ମଧ୍ୟରେ ଲୁଟେରାଙ୍କୁ ଧରିଛି। ସେମାନଙ୍କ ଠାରୁ ଦୁଇଟି ମୋବାଇଲ, ଗହଣା ସଫାକରିବା ପାଉଡର ସହ ଉକ୍ତ ମହିଳାଙ୍କ ଚେନ୍ ମଧ୍ୟ ଜବତ କରିଛି। ତେବେ ପୁଲିସ ସେମାନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଏମାନଙ୍କ ନାମରେ ଛତିଶଗଡ଼ ସହ ଓଡ଼ିଶାର ବହୁ ଜିଲ୍ଲାରେ ମାମଲା ରହିଥିବା ଜଣାପଡ଼ିଛି।

- କଟକ ଟିପିସିଓଡିଏଲ୍ କାର୍ଯ୍ୟାଳୟ ଆଗରେ କଂଗ୍ରେସର ବିକ୍ଷୋଭ

ସ୍ମାର୍ଟ ମିଟର ଓ ସିକ୍ୟୁରିଟି ଡିପୋଜିଟ୍ ପ୍ରତ୍ୟାହାର ଦାବି

କଟକ, ୨୯।୧୨(ସଂଚାର ବ୍ୟୁରୋ): ଟାଟା ପାୱାର କମ୍ପାନୀର ସୁରକ୍ଷା ଜମା ବା ସିକ୍ୟୁରିଟି ଡିପୋଜିଟ୍ ଓ ସ୍ମାର୍ଟ ମିଟର ବ୍ୟବସ୍ଥାକୁ ତୀବ୍ର ବିରୋଧ କରାଯାଉଛି। ସୋମବାର କଟକ ନଗର କଂଗ୍ରେସ ପକ୍ଷରୁ ଏନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଣୀହାଟ ଟାଟା ପାୱାର ଅଫିସ ଆଗରେ ନଗର କଂଗ୍ରେସ କର୍ମୀ ଓ ପଦାଧିକାରୀମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ନିଷ୍ପତ୍ତି ଅଗଣତାନ୍ତ୍ରିକ କହି ପ୍ରତ୍ୟାହାର ପାଇଁ ଦାବି କରିଛନ୍ତି । ସାଧାରଣ ଲୋକଙ୍କ ଠାରୁ ଟାଟା ପାୱାରର ଏଭଳି ଜୋର ଜବରଦସ୍ତ ଅର୍ଥ ଆଦାୟ ବ୍ୟବସ୍ଥା ସଂପର୍କରେ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରନ୍ତୁ। ନିଷ୍ପତ୍ତି ପ୍ରତ୍ୟାହାର ନ କଲେ ରାଜ୍ୟରେ ବଡ ଜନ ଆନ୍ଦୋଳନକୁ ଜନ୍ମ ଦେବ ବୋଲି କହିଛି କଂଗ୍ରେସ।

୫ ବେଆଇନ ଦଖଲକାରୀଙ୍କୁ ଉଚ୍ଛେଦ

ନୀଳଗିରି,୨୯।୧୨ (ସଂଚାର ବ୍ୟୁରୋ) : ବିଳମ୍ବରେ ହେଲେ ବି ଜବରଦଖଲକାରୀଙ୍କୁ ଉଚ୍ଛେଦ କରିଛି ନିଳଗିରି ପ୍ରଶାସନ । ଆଜି ନୀଳଗ

ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୧,୭୧୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୨୯,୯୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୧,୭୧୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୨୯,୯୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୪୧,୭୧୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୨୯,୯୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୪୧,୮୬୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୩୦,୦୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୨,୦୪୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୦,୨୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୧,୭୧୦ ଓ ୧,୨୯,୯୦୦ ଟଙ୍କା ରହିଛି। ଅନ୍ୟପଟେ ରୂପା ମୂଲ୍ୟ କିଲୋ ପିଛା ୨,୫୮,୦୦୦ ଟଙ୍କା ହୋଇଛି।

ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୩ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୧ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି।

ଘଣ୍ଟାକରେ ୨୧, ୦୦୦ ଟଙ୍କା ଶସ୍ତା ହେଲା ରୁପା

ନୂଆଦିଲ୍ଲୀ ୨୯।୧୨: ରୂପା ଦର ୨୯ ଡିସେମ୍ବର ସୋମବାର ଅଚାନକ ହ୍ରାସ ହୋଇଛି। ଏଣୁ ବଜାରରେ ହଇଚଇ ସୃଷ୍ଟି ହୋଇଛି। ସୁରକ୍ଷିତ ନିବେଶ ମନେ କରାଯାଉଥିବା ରୂପା ମୁନାଫା ଅସୁଲି ଯୋଗୁ ଏପରି ସ୍ଥିତିକୁ ପହଞ୍ଚିଛି। ଏଣୁ ମାତ୍ର କିଛି ଘଣ୍ଟାରେ ରୂପା ଦର ନିବେଶକଙ୍କୁ ଚକିତ କରିଛି। ଅନ୍ତର୍ଜାତୀୟ ସଂକେତ ଓ ଭୂ-ରାଜନୈତିକ ଉତ୍ତେଜନାରେ ଦେଖା ଯାଇଥିବା ଏହି ପରିସ୍ଥିତିର ପ୍ରଭାବ ଘରୋଇ ବଜାର ଉପରେ ମଧ୍ୟ ପଡିଛି। ମଲ୍ଟି କମଡିଟି ଏକ୍ସଚେଞ୍ଜ (ଏମସିଏକ୍ସ)ରେ ମାର୍ଚ୍ଚରେ ଡେଲିଭରୀ ହେବାକୁ ଥିବା ଚାନ୍ଦୀର ଫ୍ୟୁଚର୍ସରେ ଜୋରଦାର ହ୍ରାସ ଦେଖାଯାଇଛି।

ସୋମବାର ମଧ୍ୟାହ୍ନରେ ହୋଇଥିବା ଏହି ହ୍ରାସ ମାତ୍ର ଘଣ୍ଟାକରେ ରୂପା କେଜି ପିଛା ଦର ୨୧ ହଜାର ଟଙ୍କା ଶସ୍ତା ହୋଇଯାଇଛି। ଫଳରେ ପ୍ରତି କେଜି ଦର ଏବେ ୨ଲକ୍ଷ ୩୩ ହଜାର ୧୨୦ ଟଙ୍କାର ଇଣ୍ଟ୍ରାଡେ ଲୋ ରେ କାରବାର ହେଉଛି। ଏହା ପୂର୍ବ ଦିନ ଅର୍ଥାତ ରବିବାର ପ୍ରତି କେଜି ରୂପା ୨ଲକ୍ଷ ୫୪ ହଜାର ୧୭୪ ଟଙ୍କା ଦରରେ କାରବାର ହେଉଥିଲା। ଏଣୁ ରୂପା ଦର ଅଲଟାଇମ ହାଇରେ ଥିଲା। ରୂପା ଦର ସର୍ବୋଚ୍ଚସ୍ତରରେ ପହଞ୍ଚିବା ପରେ ଟ୍ରେଡର୍ସ ଲାଭ ଅସୁଲିରେ ଲାଗି ଯାଇଥିଲେ। ଏଣୁ ଦର ତଳକୁ ଖସିଥିବା ବେଳେ ଇଣ୍ଟ୍ରାଡେ ଲୋ କୁ ପହଞ୍ଚିଛି।

ବୈଶ୍ୱିକ ବଜାରରେ ମଧ୍ୟ ଚାନ୍ଦି ମୂଲ୍ୟ ତଳ ଉପର ହେଉଛି। ସୋମବାର ପ୍ରତି ଆଉନ୍ସ ଚାନ୍ଦି ମୂଲ୍ୟ ୮୦ ଡଲାରକୁ ପହଞ୍ଚିଥିଲା। ହେଲେ ବୈଶ୍ୱିକ ସ୍ତରରେ ମଧ୍ୟ ଏହି ଦର ଅଧିକ ସମୟ ରହି ପାରି ନାହିଁ। କିଛି ସମୟ ପରେ ପ୍ରତି ଆଉନ୍ସ ଦର ୭୫ ଡଲାରକୁ ହ୍ରାସ ହୋଇଛି। ଏହାର ମୁଖ୍ୟ କାରଣ ହେଉଛି ଆମେରିକା ଓ ୟୁକ୍ରେନ ମଧ୍ୟରେ ସମ୍ଭାବିତ ଶାନ୍ତି ବୁଝାମଣାକୁ ନେଇ ସକରାତ୍ମକ ସଂକେତ ବୋଲି କୁହାଯାଉଛି। ଭୂ-ରାଜନୈତିକ ଉତ୍ତେଜନା ହ୍ରାସ ହେବା ସମ୍ଭାବନାରେ ସେଫ ହେଭେନ ଡିମାଣ୍ଡ ନରମ ପଡିଛି। ଏଣୁ ସୁନା ଓ ରୂପା ଭଳି ମୂଲ୍ୟବାନ ଧାତୁ ମୂଲ୍ୟ ତଳ ଉପର ହେଉଛି, ଫଳରେ ନିବେଶକ ଏବେ ସତର୍କତା ଅବଲମ୍ବନ କରୁଛନ୍ତି।

ତେବେ ବିଶେଷଜ୍ଞଙ୍କ କହିବା କଥା ହେଲା ୨୦୨୬ରେ ସିଲଭର ଏମସିଏକ୍ସ ରେ ୨,୭୫,୦୦୦ ପ୍ରତି କିଲୋଗ୍ରାମ ଓ ବୈଶ୍ୱିକ ସ୍ତରରେ ପ୍ରତି ଆଉନ୍ସ ମୂଲ୍ୟ ୮୦ରୁ ୮୫ ଆମେରିକା ଡଲାର ପର୍ଯ୍ୟନ୍ତ ପହଞ୍ଚି ପାରେ। ୟୁଏସ ଫେଡେରାଲର ସମ୍ଭାବିତ ସୁଧହାର ହ୍ରାସ, ଗ୍ଲୋବାଲ ଟ୍ରେଡ ଟେନସନ ଓ ଚାଇନା ପକ୍ଷରୁ ୧ ଜାନୁୟାରୀ ୨୦୨୬ରୁ ଲାଗୁ ହେବାକୁ ଥିବା ଏକ୍ସପର୍ଟ ରେଷ୍ଟ୍ରିକ୍ସନ ଭଳି ଫ୍ୟାକ୍ଟର ଆଗାମୀ ସମୟରେ ଗୋଲ୍ଡ ଓ ସିଲଭର ଉଭୟ ମୂଲ୍ୟକୁ ପ୍ରଭାବିତ କରିପାରେ।

ଇଗ୍ନୋର ଅନଲାଇନ କୋର୍ସ ପାଇଁ ପଞ୍ଜିକରଣ ଆରମ୍ଭ

ନୂଆଦିଲ୍ଲୀ: ଆଞ୍ଚଳିକ ପଠନ କେନ୍ଦ୍ର ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ଅନଲାଇନ କୋର୍ସର ଜାନୁଆରି ଅଧିବେଶନ-୨୦୨୬ ପାଇଁ ପ୍ରବେଶ ପ୍ରକ୍ରିୟା ଜାରି କରାଯାଇଛି। ଏଥିରେ ଛାତ୍ରଛାତ୍ରୀମାନେ ଘରେ ବସି ପାଠପଢ଼ିବା ସହିତ ଇଗନଉ ମୁକ୍ତ ବିଶ୍ୱବିଦ୍ୟାଳୟର ଅନଲାଇନ ପ୍ରୋଗ୍ରାମ୍ସ ପାଇଁ ଆବେଦନ କରି ପାରିବେ।

ସମର୍ଥ ପୋର୍ଟାଲରେ ହେବ ପଞ୍ଜୀକରଣ: ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଅନୁଯାୟୀ, ଅନଲାଇନ୍ ପାଠ୍ୟକ୍ରମରେ ପ୍ରବେଶ ପାଇଁ ଛାତ୍ରଛାତ୍ରୀମାନଙ୍କୁ ସମର୍ଥ ପୋର୍ଟାଲରେ ପଞ୍ଜିକରଣ କରିବାକୁ ପଡିବ। ଦେଶର ସମସ୍ତ ଛାତ୍ରଛାତ୍ରୀମାନେ କିପରି ସହଜରେ ଫର୍ମ ପୂରଣ କରିପାରିବେ ସେଥିପାଇଁ ଆବେଦନ ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ଅନଲାଇନ୍ ରହିଛି।

ଆପାର ଆଇଡି ଜରୁରୀ: ଅନଲାଇନ୍ ପ୍ରବେଶ ପାଇଁ ଛାତ୍ରଛାତ୍ରୀମାନଙ୍କର ଏକ ଆପାପର ଆଇଡି ରହିବା ଆବଶ୍ୟକ। ଆପାର ଆଇଡି ବିନା, ଆବେଦନ ପୂରଣ କରାଯାଇପାରିବ ନାହିଁ। ଯେଉଁ ଛାତ୍ରଛାତ୍ରୀମାନେ ପୂର୍ବରୁ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ଛାତ୍ର ନୁହଁନ୍ତି ସେମାନଙ୍କୁ ପ୍ରଥମେ ପୋର୍ଟାଲରେ ନୂତନ ଭାବରେ ପଞ୍ଜୀକରଣ କରିବାକୁ ପଡିବ।

ଶେଷ ତାରିଖ ଜାନୁଆରି ୩୧: ଅନଲାଇନ୍ ପାଠ୍ୟକ୍ରମ ପାଇଁ ଆବେଦନ କରିବାର ଶେଷ ତାରିଖ ୨୦୨୬ ଜାନୁଆରି ୩୧ତାରିଖ ପର୍ଯ୍ୟନ୍ତ ରହିଛି। ଫର୍ମ ପୂରଣ କରିବା ସମୟରେ ଛାତ୍ରଛାତ୍ରୀମାନଙ୍କୁ ପାସପୋର୍ଟ ଆକାରର ଫଟୋ, ଦସ୍ତଖତ, ଶିକ୍ଷାଗତ ପ୍ରମାଣପତ୍ର ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ଡକ୍ୟୁମେଣ୍ଟ ଅପଲୋଡ୍ କରିବାକୁ ପଡିବ। ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ଅନଲାଇନ୍ ପାଠ୍ୟକ୍ରମଗୁଡ଼ିକ ସେହି ଛାତ୍ରମାନଙ୍କ ପାଇଁ ଏକ ଭଲ ବିକଳ୍ପ ହୋଇପାରେ ଯେଉଁମାନେ କାମ କରିବା ସମୟରେ ପଢ଼ିବାକୁ ଚାହାଁନ୍ତି କିମ୍ବା କୌଣସି କାରଣରୁ ନିୟମିତ କଲେଜରେ ଯୋଗ ଦେଇପାରନ୍ତି ନାହିଁ।

ଟଙ୍କା ଦୁର୍ବଳ ହେବାରୁ ୧.୫ ଲକ୍ଷ କୋଟି ଟଙ୍କା ଉଠାଇନେଲେ

ନୂଆଦିଲ୍ଲୀ, ୨୯।୧୨: ଅର୍ଥନୈତିକ ଦୃଷ୍ଟିକୋଣରୁ ୨୦୨୫ ଥିଲା ଖାସ୍। ଅନେକ ସଫଳତା ଏବଂ ବିଫଳତା ଦେଖିଥିଲା ୨୦୨୫। ଦେଶର ପୁଞ୍ଜି ବଜାରରୁ ବିଦେଶୀ ନିବେଶକ ମୁହଁ ଫେରାଇଥିଲେ। ଭାରତ ପାଇଁ ନିବେଶ କ୍ଷେତ୍ରରେ ସବୁଠାରୁ ଖରାପ ବର୍ଷ ହୋଇଥିଲା।

ଚଳିତ ବର୍ଷ ବିଦେଶୀ ପୋର୍ଟ ଫୋଲିଓ ନିବେଶକ ମାନେ ଭାରତୀୟ ଇକ୍ୱିଟି ବଜାରରୁ ୧.୫୮ ଲକ୍ଷ କୋଟି ଟଙ୍କା ପ୍ରତ୍ୟାହାର କରିଛନ୍ତି। ଏହା ଶେୟାର ବଜାର ଇତିହାସରେ ସବୁଠାରୁ ବଡ଼ ପୁଞ୍ଜି ପ୍ରତ୍ୟାହାର। ବିଶ୍ୱ ବଜାର ସ୍ଥିତି ଏବଂ ଭାରତୀୟ ବଜାରର ଉଚ୍ଚ ଭାଲ୍ୟୁଏଶନ କାରଣରୁ ନିବେଶକ ସେମାନଙ୍କ ନିବେଶ ଅର୍ଥ ପ୍ରତ୍ୟାହାର କରୁଥିବା ବିଶେଷଜ୍ଞ କହିଛନ୍ତି। ତେବେ ୨୦୨୬ରେ ବଜାର ସ୍ଥିତି ଉନ୍ନତ ରହିବ ବୋଲି ଆଶା କରାଯାଉଛି। ଏବର୍ଷ ମୋଟ ପୁଞ୍ଜି ପ୍ରତ୍ୟାହାର କ୍ଷେତ୍ରରେ (ଶେୟାର ବଜାର) ସେକେଣ୍ଡାରୀ ମାର୍କେଟରୁ ସିଧାସଳଖ ବିକ୍ରି ର

ଟଙ୍କାର ଶେୟାର ବିକ୍ରି କରିଥିଲେ। ଏହି ଅବଧିରେ ସେମାନେ ଆଇପିଓ ଏବଂ ଅନ୍ୟ ମାଧ୍ୟମରେ ପ୍ରାଇମେରୀ ମାର୍କେଟରେ ୧.୨୧ ଲକ୍ଷ କୋଟି ଟଙ୍କାର ନିବେଶ ମଧ୍ୟ କରିଥିଲେ। ଫଳରେ ୨୦୨୪ରେ ନିବେଶ ସକରାତ୍ମକ ଥିଲା। ମାତ୍ର ୨୦୨୫ରେ ବିଦେଶୀ ନିବେଶକ ଏତେ ବଡ ମାତ୍ରାରେ ଶେୟାର ବିକ୍ରି କରିଛନ୍ତି ଯେ, ପ୍ରାଇମେରୀ ମାର୍କେଟ ନିବେଶ ଏହାକୁ କଭର କରିବାକୁ ସକ୍ଷମ ହୋଇନାହିଁ।

ବିଶ୍ୱ ବଜାରରେ ଅଭିବୃଦ୍ଧି ପ୍ରଭାବିତ ରହିବା ଯୋଗୁ ନିବେଶକ ମାନେ ପୁଞ୍ଜି ପ୍ରତ୍ୟାହାର କରୁଥିବା କୁହାଯାଉଛି। ଯୁଦ୍ଧ ଏବଂ ଟାରିଫ ଜନୀତ ପ୍ରଭାବ ଯୋଗୁ ଭାରତୀୟ ଏକ ବଡ ଅଂଶ। ବିଦେଶୀ ନିବେଶକମାନେ ଷ୍ଟକ ଏକ୍ସଚେଞ୍ଜ ଜରିଆରେ ୨.୩୨ ଲକ୍ଷ କୋଟି ଟଙ୍କାର ଶେୟାର ବିକ୍ରି କରିଛନ୍ତି। ତେବେ ଏଭଳି ବଡ ଧରଣର ପ୍ରତ୍ୟାହାର ସତ୍ତ୍ୱେ ପ୍ରାଇମେରୀ ମାର୍କେଟ (ଆଇପିଓ ଓ ଅନ୍ୟ ନିବେଶ)ରେ ବିଦେଶୀ ନିବେଶକମାନେ ୭୩,୫୮୩ କୋଟି ଟଙ୍କାର ନିବେଶ କରିଛନ୍ତି। ଏହି ୨ ବର୍ଗକୁ ଦେଖିଲେ ନେଟ୍ ପ୍ରତ୍ୟାହାର ୧.୫୮ ଲକ୍ଷ କୋଟି ଟଙ୍କା ରହିଛି। ୨୦୨୪ ତୁଳନାରେ ଏହା ବେଶ ବଡ ରହିଛି। ପୂର୍ବରୁ ୨୦୨୪ରେ ବିଦେଶୀ ନିବେଶକ ମାନେ ୧.୨୧ ଲକ୍ଷ କୋଟି ମୁଦ୍ରାର ବିନିମୟ ମୂଲ୍ୟ ଡଲାର ତୁଳନାରେ ଦୁର୍ବଳ ହୋଇଛି। କିନ୍ତୁ ୨୦୨୬ ବଜାରକୁ ସକରାତ୍ମକ ଫଳ ଦେଇପାରେ। ୨୦୨୬ରେ ଦେଶର ଜିଡିପି ଅଭିବୃଦ୍ଧି ଦୃଢ଼ ଏବଂ କର୍ପାନି ଗୁଡ଼ିକର ଲାଭରେ ଉନ୍ନତି ଆସିବ ବୋଲି ଆଶା କରାଯାଉଛି। ବଜାରର ଉନ୍ନତିକୁ ଦେଖି ପୁଣି ଥରେ ବିଦେଶୀ ନିବେଶକ ମାନେ ଭାରତୀୟ ବଜାର ଉପରେ ଭରସା କରିବାର ଢ଼େର ସମ୍ଭାବନା ରହିଛି। ଅନ୍ୟ ପଟେ ଭାରତର ଆର୍ଥିକ ସ୍ଥିତି ବିଶ୍ୱର ଅନ୍ୟ ଦେଶ ତୁଳନାରେ ଏବେ ମଧ୍ୟ ଉପରେ ରହିଥିବା ଦେଖିବାକୁ ମିଳିଛି।

ହୋମ୍ ଲୋନ୍‌ରେ ବି ଦେବାକୁ ପଡ଼େ ଚାର୍ଜ

ନୂଆଦିଲ୍ଲୀ, ୨୯।୧୨: ନିଜ ଅର୍ଥରେ ଘରଟିଏ କରିବାକୁ କାହାର ବା ସ୍ୱପ୍ନ ନଥାଏ! ଯଦିଓ ନିଜର ଏହି ସ୍ୱପ୍ନକୁ ପୂରଣ ପାଇଁ ଟଙ୍କା ସଞ୍ଚୟ କରୁ, କିନ୍ତୁ ଅନେକ ସମୟରେ ଟଙ୍କା ଅଭାବ ଯୋଗୁଁ ଆମେ ଆମ ସ୍ୱପ୍ନକୁ ସ୍ଥଗିତ ରଖିଥାଉ କିମ୍ବା ଗୃହଋଣ ପାଇଁ ଯୋଜନା କରିଥାଉ। ଏହା ବେଶ୍ ଉପଯୋଗୀ ମଧ୍ୟ। ତେବେ ଗୃହଋଣ ସାହାଯ୍ୟରେ ଆମ ସ୍ୱପ୍ନ ପୂରଣ କରିବା ଯେତିକି ଜରୁରି, ଏହାକୁ ସମୟ ମଧ୍ୟରେ ପରିଶୋଧ କରିବା ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ। ଯଦି ଆପଣ ମଧ୍ୟ ଗୃହଋଣ ନେବାକୁ ଭାବୁଛନ୍ତି, ତେବେ ନିୟମ ଓ ସର୍ତ୍ତାବଳୀ ବ୍ୟତୀତ, ଋଣ ନେବା ସମୟରେ ଆପଣଙ୍କୁ କେଉଁ ଚାର୍ଜଗୁଡ଼ିକ ଦେବାକୁ ପଡ଼ିବ ତାହା ଜାଣିବା ବି ଆବଶ୍ୟକ। ଯେତେବେଳେ ଆପଣ ଋଣ ପାଇଁ ଆବେଦନ କରିବେ ସେତେବେଳେ ଆପଣଙ୍କୁ ଏହି ଚାର୍ଜ ଦେବାକୁ ପଡ଼ିବ। ଯଦି ଆପଣ ଋଣ ପାଉନାହାନ୍ତି, ତେବେ ମଧ୍ୟ ଏହି ଶୁଳ୍କ ଫେରସ୍ତଯୋଗ୍ୟ ନୁହେଁ। ସେଥିପାଇଁ ଆର୍ଥିକ ପରାମର୍ଶଦାତାମାନେ ପରାମର୍ଶ ଦିଅନ୍ତି ଯେ ଆବେଦନ କରିବା ପୂର୍ବରୁ, ଆପଣ କେଉଁ ବ୍ୟାଙ୍କ୍ କିମ୍ବା ଆର୍ଥିକ ସଂସ୍ଥାରୁ ଋଣ ନେବାକୁ ଚାହୁଁଛନ୍ତି ତାହା ପ୍ରଥମେ ନିଶ୍ଚିତ କରିବା ଉଚିତ।

ଗୃହଋଣ ବାଛିବା ବେଳେ ମର୍ଟଗେଜ୍ ଡିଡ୍ ଚାର୍ଜ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏହା ଗୃହଋଣର ପ୍ରତିଶତ ଆଧାରରେ ନିଆଯାଏ। ତଥାପି, ଅନେକ ବ୍ୟାଙ୍କ୍ ଓ ଏନ୍‌ବିଏଫ୍‌ସି ଏହି ଶୁଳ୍କ ଛାଡ଼ କରନ୍ତି। ଋଣଧାରୀ ଆବେଦନ କରିବା ପରେ, ବ୍ୟାଙ୍କ୍ କିମ୍ବା ଅନୁଷ୍ଠାନ ଜଣେ ଓକିଲଙ୍କୁ ନିଯୁକ୍ତ କରନ୍ତି। ଓକିଲ ଋଣଗ୍ରହୀତାଙ୍କ ସମ୍ପତ୍ତି ଓ ଆଇନଗତ ସ୍ଥିତିର ଯାଞ୍ଚ କରନ୍ତି। ଏଥିପାଇଁ ଓକିଲଙ୍କ ଫିସ୍ ଗ୍ରାହକ ନିଜେ ପ୍ରଦାନ କରନ୍ତି। ଯଦି ଆପଣ ଆଇନଗତ ଫି' ସଞ୍ଚୟ କରିବାକୁ ଚାହାନ୍ତି, ତେବେ ଆପଣଙ୍କ ପୂର୍ବରୁ ଜାଣିବା ଉଚିତ ଯେ ଆପଣ ଯେଉଁ ପ୍ରକଳ୍ପରେ ନିବେଶ କରୁଛନ୍ତି ତାହା କୌଣସି ବ୍ୟାଙ୍କ୍ କିମ୍ବା ଆର୍ଥିକ ସଂସ୍ଥାଠୁ ଅନୁମୋଦନ ପାଇଛି କି ନାହିଁ।

କେବେକେବେ ଆମେ ଧାର୍ଯ୍ୟ ସମୟ ପୂର୍ବରୁ ଋଣ ପରିଶୋଧ କରିବା ପାଇଁ, ଋଣର ଏକ ଅଂଶ ପେଠ କରିଥାଉ। ଏହାକୁ ପ୍ରିପେମେଣ୍ଟ କୁହାଯାଏ। ଏହି ପରିସ୍ଥିତିରେ, ବ୍ୟାଙ୍କ୍ ଏହାର ଖର୍ଚ୍ଚ ଓ ସୁଧହାର କ୍ଷତି ଭରଣା କରିବା ପାଇଁ ପ୍ରିପେମେଣ୍ଟ ଚାର୍ଜ କିମ୍ବା ଜରିମାନା ଆଦାୟ କରେ। ସମସ୍ତ ବ୍ୟାଙ୍କ୍ ଓ ଆର୍ଥିକ ପ୍ରତିଷ୍ଠାନରେ ଏହି ଦେୟ ଭିନ୍ନ। ତା'ଛଡ଼ା, ଏହା ଋଣର ପ୍ରକାର ଉପରେ ମଧ୍ୟ ନିର୍ଭର କରେ। ଅନେକ ବ୍ୟାଙ୍କ୍ ଗ୍ରାହକଙ୍କଠାରୁ ପ୍ରତିଶ୍ରୁତି ଶୁଳ୍କ(କମିଟ୍‌ମେଣ୍ଟ ଫିସ୍) ଆଦାୟ କରନ୍ତି। ଯେତେବେଳେ ଗ୍ରାହକ ନିର୍ଦ୍ଧାରିତ ସମୟ ମଧ୍ୟରେ ଋଣ ପରିଶୋଧ କରନ୍ତି ନାହିଁ, ସେତେବେଳେ ଏହି ଶୁଳ୍କ ଆଦାୟ କରାଯାଏ। ସାଧାରଣତଃ, ଏହି ଦେୟ ପ୍ରଦାନ କରାଯାଇନଥିବା ଋଣ ଉପରେ ନିଆଯାଏ।

ଋଣ ଲାଗି ଆବେଦନ କରିବା ପୂର୍ବରୁ, ଆପଣଙ୍କୁ ବିଭିନ୍ନ ବ୍ୟାଙ୍କ୍ କିମ୍ବା ଆର୍ଥିକ ପ୍ରତିଷ୍ଠାନର ସୁଧହାର ଓ ଆର୍ଥିକ ସୁବିଧାଗୁଡ଼ିକୁ ତୁଳନା କରିବା ଉଚିତ। ଆପଣଙ୍କ ବଜେଟ୍ ଅନୁସାରେ ଋଣ ନେବା ଦରକାର। ଅଧିକ ପରିମାଣର ଋଣ ନେଲେ, ଆପଣଙ୍କୁ ପରିଶୋଧ କରିବାରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ। ଋଣ ପାଇଁ ଆବେଦନ କରିବା ପୂର୍ବରୁ ସୁଧହାର ଓ ସଞ୍ଚୟ ଇତ୍ୟାଦି ହିସାବ କରି ନିଅନ୍ତୁ। ଏପରି ନହେଉ କି, ଋଣ ଯୋଗୁଁ ଆପଣ ଆର୍ଥିକ ସମସ୍ୟାର ସାମ୍ନା କରନ୍ତୁ। ଋଣ ଚୁକ୍ତିନାମା ସ୍ୱାକ୍ଷର କରିବା ପୂର୍ବରୁ ଋଣର ନିୟମ ଓ ସର୍ତ୍ତାବଳୀକୁ ଭଲଭାବେ ପଢ଼ନ୍ତୁ। ଯଦି ଆପଣ କୌଣସି ନିୟମ ବୁଝିପାରୁନାହାନ୍ତି କିମ୍ବା କୌଣସି ସର୍ତ୍ତ ପରିବର୍ତ୍ତନ କରିବାକୁ ଚାହୁଁଛନ୍ତି, ତେବେ ଆପଣ ତାହା କରିପାରିବେ।

ମା'ଙ୍କ ଆଶିଷ ପାଇଁ ୪୫ ବର୍ଷ ପ୍ରତୀକ୍ଷାର ଅନ୍ତ

ଜମିଲା ଆଦିବାସୀଙ୍କ 'ଟୋକିମରା' ପର୍ବ

ଥୁଆମୂଳ ରାମପୁର,୨୯।୧୨(ସଂଚାର ବ୍ୟୁରୋ): ବଣ ପାହାଡ଼ ଘେରା କଳାହାଣ୍ଡିର ଶାନ୍ତ ପରିବେଶ ଏବେ ମାଦଳର ତାଳେ ତାଳେ ଉତ୍ସବମୁଖର। କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ଗୋପାଳପୁରର ବେନ୍ଦାଝୋଲା ଗ୍ରାମରେ ଚଳିତ ବର୍ଷ ଏକ ଇତିହାସ ସୃଷ୍ଟି ହୋଇଛି। ଦୀର୍ଘ ୪୫ ବର୍ଷର ପ୍ରତୀକ୍ଷା ପରେ ପାରମ୍ପରିକ ରୀତିନୀତିରେ ଆଦିବାସୀଙ୍କ ଆଧାତ୍ମିକ ଗଣପର୍ବ 'ଟୋକିମରା' ରବିବାର ମହାସମାରୋହରେ ପାଳିତ ହୋଇଯାଇଛି। ହଜାର ହଜାର ବର୍ଷର ସଂସ୍କୃତି ଓ ମାଟି ମା'ଙ୍କ ପ୍ରତି ଥିବା ଅତୁଟ ବିଶ୍ୱାସର ଏହି ନିଆରା ସଙ୍ଗମକୁ ଦେଖିବା ପାଇଁ ହଜାର ହଜାର ଜନସାଧାରଣଙ୍କ ସମାଗମ ହୋଇଥିଲା। ବ୍ଲକ ଆଦିବାସୀ ସଂଘ ସଭାପତି ସନାତନ ମାଝୀଙ୍କ ପ୍ରତିକ୍ରିୟା ଅନୁଯାୟୀ, ଏହି ପର୍ବ କେବଳ ଏକ ଉତ୍ସବ ନୁହେଁ, ବରଂ ପ୍ରକୃତି ଓ ମଣିଷ ମଧ୍ୟରେ ଥିବା ସମ୍ପର୍କର ଏକ ସେତୁ। ପ୍ରତିବର୍ଷ ପୌଷ ମାସରେ ଧରିତ୍ରୀ ମାତାଙ୍କୁ ପୂଜା କଲେ ରୋଗବ୍ୟାଧି ଦୂର ହେବା ସହ ସୁଖ, ଶାନ୍ତି ଓ ସମୃଦ୍ଧି ପ୍ରାପ୍ତି ହୁଏ ବୋଲି ଆଦିବାସୀ ଭଉଣୀଭାଇଙ୍କ ମଧ୍ୟରେ ଦୃଢ଼ ବିଶ୍ୱାସ ରହିଛି। ପୂର୍ବପୁରୁଷଙ୍କ ପଦାଙ୍କ ଅନୁସରଣ କରି ପାରମ୍ପରିକ ଟାଙ୍ଗୀରେ ମେଣ୍ଢା ବା ଗଡ଼ରା ବଳି ଦିଆଯାଇଥାଏ ଏବଂ ସେହି ପବିତ୍ର ଅଂଶକୁ ଚାଷ ଜମିରେ ପୋତି ଉତ୍ତମ ଫସଲ ପାଇଁ ପ୍ରାର୍ଥନା କରାଯାଏ। ବେନ୍ଦାଝୋଲା ସମେତ ଗୋପାଳପୁର, ବିରିକୋଟ, ବାଗଡିଆଣି, ଅଡାଯୋର, ଥୁଆମୂଳ, କୋଷାବରା, ଥୁଆମୂଳ ରାମପୁର ଓ ସିନ୍ଧିପଦର ଆଦି ବିଭିନ୍ନ ଗ୍ରାମରୁ ହଜାର ହଜାର ଲୋକଙ୍କ ସମାଗମରେ ଅଞ୍ଚଳଟି ଜନସମୁଦ୍ରରେ ପରିଣତ ହୋଇଥିଲା। ଏହି ଅବସରରେ ୫ଶୀ ଖଣ୍ଡ ପାରମ୍ପରିକ ଟାଙ୍ଗୀରେ 'ଗଡରା ଡୁପୁକା' ବିଧି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ସେହିପରି ସୋମବାର ତଳଝାପି ପଞ୍ଚାୟତର ମସ୍କାଗୁଡ଼ା (ମୁନୁସ ପଡ଼ା) ଠାରେ ମଧ୍ୟ 'ଖୋରି ସୁଙ୍ଗେନ' ପର୍ବ ଶାନ୍ତିଶୃଙ୍ଖଳାର ସହ ସମ୍ପୂର୍ଣ୍ଣ ହୋଇଛି।

ଏବିଭିପିର ଗୋପାଳ ନାଏକ ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ

ସୁନ୍ଦରଗଡ଼,୨୯।୧୨(ସଂଚାର ବ୍ୟୁରୋ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଓଡିଶା ପଶ୍ଚିମ ପ୍ରାନ୍ତର ୫୦ ତମ ରାଜ୍ୟ ଅଧିବେଶନ ରାଉରକେଲାର ସେକ୍ଟର - ୬ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ଗତ ଡିସେମ୍ବର ୨୬ ତାରିଖରୁ ୨୯ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୪ ଦିନ ଧରି ଚାଲୁଥିଲା। ଏହି କାର୍ଯ୍ୟକ୍ରମରେ ଏବିଭିପି ଓଡ଼ିଶା ପଶ୍ଚିମ ପ୍ରାନ୍ତର ୧୪ ଟି ସାଂଗଠନିକ ଜିଲ୍ଲାର ଶତାଧିକ ବିଦ୍ୟାର୍ଥୀ କାର୍ଯ୍ୟକର୍ତ୍ତା ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ ମଣ୍ଡିତ କରିଥିଲେ। ବିଦ୍ୟାର୍ଥୀ ପରିଷଦର ପୂର୍ବତନ କାର୍ଯ୍ୟକର୍ତ୍ତା ନିଜର ବହୁ ମୂଲ୍ୟ ସମୟଦେଇ ବିଦ୍ୟାର୍ଥୀମାନଙ୍କୁ ନିଜର ବିଦ୍ୟାର୍ଥୀ ଜୀବନରେ ଏବିଭିପିର ସ୍ମୃତି ଓ କାର୍ଯ୍ୟକ୍ରମ ବିଷୟରେ କାର୍ଯ୍ୟକର୍ତ୍ତା ମାନଙ୍କୁ ସ୍ମୃତି ବଖାଣି ଥିଲେ ଓ ବିଦ୍ୟାର୍ଥୀଙ୍କୁ ମାର୍ଗଦର୍ଶନ ଦେଇଥିଲେ। ଦେଶ ପ୍ରତି, ସମାଜ ପ୍ରତି ସଚେତନ ହୋଇ ସମାଜ ଓ ଦାୟିତ୍ୱବାନ ବ୍ୟକ୍ତିତ୍ୱ ହୋଇ କାମ କରିବା ଓ ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ସବୁବେଳେ ସ୍ୱର ଉଠାଇ ସମାଧାନ କରିବା ଭଳି ବହୁତ୍ ଭଲ ପ୍ରଶିକ୍ଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ନଗର ଏବିଭିପିର ବିଭିନ୍ନ ମହାବିଦ୍ୟାଳୟର ଅନେକ ବିଦ୍ୟାର୍ଥୀ କାର୍ଯ୍ୟକର୍ତ୍ତା ଯୋଗଦାନ କରିଥିଲେ। ଏଥିରେ ସୁନ୍ଦରଗଡ଼ର ବିଭାଗ ପ୍ରାନ୍ତ ସାମାଜିକ ଗଣମାଧ୍ୟମ ସଂଯୋଜକ ଗୋପାଳ ନାଏକ ଯୋଗ ଦେଇ ଥିଲେ। ସେ ୨୦୧୯ ମସିହାରୁ ସୁନ୍ଦରଗଡ଼ ନଗର ସହ ସମ୍ପାଦକରୁ ବିଦ୍ୟାର୍ଥୀ ପରିଷଦର କାର୍ଯ୍ୟ ଆରମ୍ଭ କରିଥିଲେ। ପୂର୍ବରୁ ସୁନ୍ଦରଗଡ଼ ନଗରର ନଗର ସମ୍ପାଦକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ଜିଲ୍ଲା ସହ ସଂଯୋଜକ, ଜିଲ୍ଲା ସଂଯୋଜକ, ବିଭାଗ ସହ ସଂଯୋଜକ ଓ ବିଭାଗ ସଂଯୋଜକ ଭଳି ବହୁତ ଗୁରୁତ୍ୱ ପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରି ସାରିଛନ୍ତି। ବର୍ତ୍ତମାନ ୫୦ ତମ ରାଜ୍ୟ ଅଧିବେଶନ ରାଉରକେଲାରେ ଗୋପାଳ ନାଏକଙ୍କୁ ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଚୟନ କରାଯାଇଛି।

ଅଭିଯୋଗ ଶୁଣି ସମସ୍ୟାର ସମାଧାନ କଲେ ଜିଲ୍ଲାପାଳ

ଭଞ୍ଜନଗର,୨୯।୧୨(ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଉପ ଜିଲପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ଗଞ୍ଜାମ ଜିଲ୍ଲାପାଳ ଭି. କିର୍ତ୍ତି ଭାସନ ଓ ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର ମିଳିତ ଅଭିଯୋଗ ଶୁଣାଣି କରିଥିଲେ। ୧୨୦ଟି ଅଭିଯୋଗପତ୍ର ଉଭୟ ଗ୍ରହଣ କରିଥିଲେ। ସେଥି ମଧ୍ୟରୁ ୧୧୧ଟି ବ୍ୟକ୍ତିଗତ ଅଭିଯୋଗ ଥିବା ବେଳେ ୯ଟି ସାମୂହିକ ଅଭିଯୋଗ ରହିଥିଲା। ୯ଟି ଅଭିଯୋଗର ସମାଧାନ ଜିଲ୍ଲାପାଳ ତତ୍‌କ୍ଷଣାତ କରିଥିଲେ। ଏଥିସହ ରେଡକ୍ରସ ପଣ୍ଡରୁ ୯ ଜଣଙ୍କୁ ସହାୟତା ରାଶି ବାବଦରେ ୭୨୫୦୦ ଟଙ୍କା ପ୍ରଦାନ କରାଯାଇଥିଲା। ଜନଶୁଣାଣିରେ ମୁଖ୍ୟତଃ ମଧୁବାବୁ ପେନଶନ, ପିଏମ ଆବାସ ଓ ଅନ୍ତୋର୍ଦୟ ଗୃହ ଯୋଜନାରେ ଗୃହ ବଣ୍ଟନ,ରାଶନ କାର୍ଡ, ଜମିଜମା ସମ୍ପର୍କିତ ସମେତ ଚିକିତ୍ସା ପାଇଁ ଆର୍ଥିକ ସହାୟତା ଦରଖାସ୍ତ ହସ୍ତଗତ ହୋଇଥିଲା। ଜିଲ୍ଲାପାଳ ଓ ଏସ୍‌ପି ଆସିଥିବା ଅଭିଯୋଗ ଗୁଡ଼ିକର ତୁରନ୍ତ ସମାଧାନ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଉପଜିଲାପାଳ ଉମା ଶଙ୍କର ବେହେରା, ତହସିଲଦାର ଅଭିସ୍ନା ପଟ୍ଟନାୟକ, ଭଞ୍ଜନଗର ମ୍ୟୁନିସିପାଲଟି କାର୍ଯ୍ୟ ନିର୍ବାହୀ ଅଧିକାରୀ ମୁରଲି କୃଷ୍ଣ ପଣ୍ଡା ଓ ଅନ୍ୟ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ଭଞ୍ଜନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀଙ୍କ ସମେତ ବ୍ଲକ କର୍ମଚାରୀ ଉପସ୍ଥିତରହି ଜନଶୁଣାଣି ପରିଚାଳନାରେ ସହଯୋଗ କରିଥିଲେ।

ନୟାଗଡ଼ ଜିଲ୍ଲା ମହୋତ୍ସବ ଉଦଯାପିତ

ଦର୍ଶକଙ୍କୁ ବିମୋହିତ କଲା ପାଇକ ଆଖଡ଼ା

ନୟାଗଡ଼,୨୯।୧୨(ସଂଚାର ବ୍ୟୁରୋ): ନୟାଗଡ଼ ଜିଲ୍ଲା ମହୋତ୍ସବ ଉଦଯାପିତ ହୋଇଯାଇଛି। ଶେଷ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଧାନସଭା ବାଚସ୍ପତି ତଥା ରଣପୁର ବିଧାୟିକା ସୁରମା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ନୟାଗଡ଼ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁବାସ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱ କରିବା ସହ ସ୍ୱାଗତ ଅଭିଭାଷଣ ରଖିଥିଲେ। ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ, ଏ ମାଟି ଉପେନ୍ଦ୍ର ଭଞ୍ଜଙ୍କ କର୍ମଭୂମି ବୋଲି କହିଥିଲେ। ବିଜୁ ପଟ୍ଟନାୟକଙ୍କ ପାଇଁ ନୟାଗଡ଼ ଜିଲ୍ଲା ମାନ୍ୟତା ପାଇଥିବା ବାଚସ୍ପତି କହିବା ସହ ତାଙ୍କ ଅବଦାନ ଚିର ସ୍ମରଣୀୟ ବୋଲି କହିଥିଲେ। ଏହା କୃତଜ୍ଞତା ପ୍ରକାଶ କରିଥିଲେ। ଏହା ସହିତ ଅନେକ ପର୍ଯ୍ୟଟନ କ୍ଷେତ୍ର ଓ ଦେବଦେବୀଙ୍କ ପୀଠ ପାଇଁ ନୟାଗଡ଼ ସାରା ରାଜ୍ୟରେ ଦୃଷ୍ଟି ଆକର୍ଷଣ କରିଛି। ଏ ମାଟି ସଂସ୍କୃତିର ମାଟି ବୋଲି କହିଥିଲେ। ମହୋତ୍ସବ ମଞ୍ଚରୁ ସେନ୍ସ ଓ ସଦ୍ଭିଚାର ନେଇ ସମସ୍ତେ ଫେରିବା ଓ ଭାଇଚାରା ସହ ଆଗକୁ ବଢ଼ିବା ବୋଲି ବାଚସ୍ପତି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଉପାଧକ୍ଷ ବିଷ୍ଣୁପ୍ରିୟା ବେହେରା, ନୟାଗଡ଼ ପୌର ପରିଷଦ ଅଧକ୍ଷା ନିରୁପମା ଖଟେଇ, ରଣପୁର ବ୍ଲକ୍ ଅଧକ୍ଷ ନିର୍ମଳା ବେହେରା, ରଣପୁର ବ୍ଲକ୍ ଉପାଧକ୍ଷ ପ୍ରଭାତ ଦଳବେହେରା, ରଣପୁର ଏନଏସି ଅଧକ୍ଷା ରଙ୍ଗୀନ ମହାନ୍ତି, ବରିଷ୍ଠ ଜିଲ୍ଲା ପରିଷଦ ସଦସ୍ୟ ରାମେଶ୍ୱର ଶତପଥୀ, ରଜନୀରାଣୀ ପଟ୍ଟନାୟକ, ଲକ୍ଷ୍ମୀପ୍ରିୟା ତରେଇ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର ପ୍ରମୁଖ ମଞ୍ଚାସିନ ହୋଇ ନୟାଗଡ଼ ବିକାଶ, ନୟାଗଡ଼ ପର୍ଯ୍ୟଟନ କ୍ଷେତ୍ର, କଳା, ସାହିତ୍ୟ ଓ ସଂସ୍କୃତି ଉପରେ ବକ୍ତବ୍ୟ ରଖିଥିଲେ। ଉଦଯାପନ ସନ୍ଧ୍ୟାକୁ ସାମ୍ବାଦିକ ଜୟେନ୍ଦ୍ର ବେହେରା ସଂଯୋଜନା କରିଥିଲେ। ଶେଷ ସନ୍ଧ୍ୟାରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଖୋର୍ଦ୍ଧାର କଳିଙ୍ଗ ପାଇକ ଆଖଡ଼ା ବେଶ ଚିତ୍ତାକର୍ଷକ ଥିଲା। ଉଦଯାପନ ସନ୍ଧ୍ୟାରେ ରୁକସେନା ମେଲୋଡି ଦର୍ଶକଙ୍କୁ ବିମୋହିତ କରିଥିଲା।

ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ

● ଯୋଗ ଦେଲେ ପ୍ରାକ୍ତନ ଜିଲ୍ଲାପାଳ ଦାଶରଥି ଶତପଥି

ସୁବର୍ଣ୍ଣପୁର,୨୯।୧୨(ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ କୋଶଳ ଉଚ୍ଚ ବିଦ୍ୟାଳୟର ୧୧ଦଶ ତମ ବାର୍ଷିକ ଉତ୍ସବ ମହା ସମାରୋହ ରେ ପାଳିତ ହୋଇ ଗତ କାଲି ଉଦଯାପିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ସୁବର୍ଣ୍ଣପୁର ର ପ୍ରାକ୍ତନ ଜିଲ୍ଲାପାଳ ତଥା ଅବସରପ୍ରାପ୍ତ ସଚିବ ଓଡିଶା ବିଧାନ ସଭା ଦାଶରଥି ଶତପଥି ଯୋଗ ଦେଇ ମା ମାତୃଭୂମି ମାତୃଭାଷା ଓ ଗୁରୁ ଙ୍କୁ କେବେବି କୌଣସି ଛାତ୍ର ଛାତ୍ରୀ ଅଣଦେଖା ନ କରିବାକୁ ପରାମର୍ଶ କରିଥିଲେ। ରାଜ୍ୟ ତଥା ରାଜ୍ୟ ବାହାରେ ଏ ସୁବର୍ଣ୍ଣପୁର ମାଟି ର ପିଲା ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଦେଖାଇ ଏ ମାଟି ର ଗୌରବ ଅର୍ଜନ କରନ୍ତି ଓ ଏ ମାଟି ପାଣି ପବନ କଳା ସଂସ୍କୃତି ଲୋକଙ୍କ ଆଚାର ବ୍ୟବହାର କୁ ମୁଁ କେବେ ଭୁଲି ପାରିବିନି ବୋଲି ଶତପଥି କହିଥିଲେ। କୃତା ଛାତ୍ରଛାତ୍ରୀ ଗୁରୁଜୀଗୁରୁମା, ଓ ସହର ଜିଲ୍ଲା ର ବିଭିନ୍ନ ପ୍ରତିଭା ବିଶିଷ୍ଟ ବ୍ୟକ୍ତି ବିଶେଷ ମାନଙ୍କୁ ସମର୍ଦ୍ଧିତ କରିଥିଲେ। ସମ୍ମାନିତ ଅତିଥି ଭାବରେ ସୋନପୁର ଉପଜିଲ୍ଲାପାଳ ଡ଼. ସୌମ୍ୟରୂପା ରଥ, ଉପଦେଷ୍ଟା ଅଭିମନ୍ୟୁ କୁଶଳ, ବିଦ୍ୟାଳୟ ସଭାପତି ଶ୍ରୀବତ୍ସ ମଲ୍ଲିକ, ଉପ ସଭାପତି ପ୍ରଫୁଲ୍ଲ କୁମାର ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ। ଠିକ ସେହିପରି ପୂର୍ବାହ୍ଣ ଅଧିବେଶନରେ ଜିଲ୍ଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ମାଝୀ ମୁଖ୍ୟଅତିଥି ଓ ସସ୍ମିତା ଭୂତିଆ ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ଥିଲେ। ବିଦ୍ୟାଳୟ ର ଶୁଭେଚ୍ଛୁ ସହଯୋଗୀ ସମେତ ଉପସ୍ଥିତ ସମସ୍ତ ସାମ୍ବାଦିକ ଙ୍କୁ ଉପଢୌକନ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ଓ ରାଜ୍ୟ ସ୍ତରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ସୁର ବିଚିତ୍ରା ଅନୁଷ୍ଠିତ ହୋଇଥିଲା ଯାହାକି ସମସ୍ତେ ବେଶ ମଜା ନେଇଥିଲେ।

ସାମ୍ବାଦିକ ଅଭିରାମ ନନ୍ଦ ସମ୍ବର୍ଦ୍ଧିତ

ନର୍ଲା,୨୯।୧୨ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲାର ଜଣାଶୁଣା ସମାଜସେବୀ ତଥା ନର୍ଲାର ବରିଷ୍ଠ ସାମ୍ବାଦିକ ଅଭିରାମ ନନ୍ଦ ୨୦୨୫ ବର୍ଷ ପାଇଁ ନେସନାଲ ବେଷ୍ଟ ସୋସିଆଲ ୱାର୍କର ଆୱାର୍ଡ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ୱର୍ଲ୍ଡ ଚେରିଟି ୱେଲଫେୟାର ଫାଉଣ୍ଡେସନ ପକ୍ଷରୁ ସୋମବାର ଗଞ୍ଜାମ କଳା ପରିଷଦ ଭବନଠାରେ ଆୟୋଜିତ ସମ୍ମାନ ପ୍ରଦାନ ଉତ୍ସବରେ ମୁଖ୍ୟ ଅତିଥି ବିଏମସି ମେୟର ସଂଘମିତ୍ରା ଦଲେଇ ଶ୍ରୀ ନନ୍ଦଙ୍କୁ ଏହି ମର୍ଯ୍ୟାଦାଜନକ ସମ୍ମାନରେ ସମ୍ମାନିତ କରିଥିଲେ। ଆଜୀବନ ସମାଜସେବୀ ଭାବରେ ଶ୍ରୀ ନନ୍ଦ ଦୁର୍ଗତ ମାନବଙ୍କ ବନ୍ଧୁ ସାଜିଛନ୍ତି। କଳାହାଣ୍ଡି ଜିଲ୍ଲାର ବିଭିନ୍ନ ସାମାଜିକ ସଙ୍ଗଠନ ସହ ଜଡ଼ିତ ରହି ସେ ସମାଜସେବାକୁ ବ୍ରତ ଭାବେ ବାଛି ନେଇଛନ୍ତି। ତୃଣମୂଳ ସ୍ତରରେ ଅବହେଳିତ ଲୋକଙ୍କ ପାଇଁ କାର୍ଯ୍ୟ କରି ଆସୁଛନ୍ତି ଶ୍ରୀ ନନ୍ଦ।

ବେତନଟୀ ଧମାକା ମହୋତ୍ସବ ପ୍ରସ୍ତୁତି ଶେଷ

ବେତନଟୀ,୨୯।୧୨(ସଂଚାର ବ୍ୟୁରୋ): ଆସୁଛି ନବବର୍ଷ ୨୦୨୬ ବିଦାୟ ନବ ୨୦୨୫ ମସିହା। ଏଥିପାଇଁ ବିଦାୟ କାଳୀନ ଉତ୍ସବ ପାଇଁ ପ୍ରସ୍ତୁତି ଚାଲିଛି ଓ ନବ ବର୍ଷକୁ ସ୍ୱାଗତ କରିବା ପାଇଁ ବେତନଟୀ ଚଣ୍ଡୀ ମନ୍ଦିର ଛକରେ ପ୍ରସ୍ତୁତି ପଥରେ ଆଗେଇ ଚାଲିଛି ବେତନଟୀର ଅଗ୍ରଣୀ ଯୁବ ସାମାଜିକ ସଂଗଠନ ୟଙ୍ଗ ମ୍ୟାନ ଆସୋସିଏସନ (ୱାଏ ଏମ ଏ) ଆନୁକୂଲ୍ୟରେ ଅନୁଷ୍ଠିତ ହେବ ବେତନଟୀ ଧମାକା ମହୋତ୍ସବ ୨୦୨୬। ଏହି ମହୋତ୍ସବ ଏହି ବର୍ଷ ୩୨ ବର୍ଷରେ ପଦାର୍ପଣ କରୁଥିବା ବେଳେ ୨୦୨୫ ମସିହାର ଡିସେମ୍ବର ୩୧ ତାରିଖ କୁ ବିଦାୟ ଦେବା ପାଇଁ ବୁଧବାର ଦିନ ହେବାକୁ ଥିବା ଉଦଘାଟନ ଉତ୍ସବ ପାଇଁ ଚାଲିଛି ବ୍ୟାପକ ଆୟୋଜନ। ସେହିଭଳି ନୂତନ ବର୍ଷର ଜାନୁଆରୀ ୧ ତାରିଖ ଠାରୁ ୩ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ହେବାକୁ ସ୍ଥିର ହୋଇଛି। କୁନି କୁନି ପିଲାମାନଙ୍କ ଠାରୁ କିଶୋର ବୟସ ର ବାଳିକା ବାଳକମାନଙ୍କ ର ବିଭିନ୍ନ ନୃତ୍ୟ, ଗୀତ, କୁଇଜ, ଚିତ୍ରାଙ୍କନ ଭଳି ବହୁ ପ୍ରତିଭାସମ୍ପନ୍ନ ପ୍ରତିଯୋଗିତା ରେ ଅଂଶଗ୍ରହଣ କରୁଥିବା ବେଳେ ବହୁ ପ୍ରତିଭା ଧାରୀ ବାଳିକା ବାଳକ ମାନଙ୍କୁ ଏହି ମଞ୍ଚ ଚୟନ କରି ସେମାନଙ୍କୁ ପୁରସ୍କାର ପ୍ରଦାନ କରାଯାଉଥିବାରୁ ଏହି ବର୍ଷ ପ୍ରତିଯୋଗୀ ମାନେ ନିଜର ନାମ ପଞ୍ଜିକରଣ ପାଇଁ ମଞ୍ଚର କାଉଣ୍ଟର ନିକଟରେ ଭିଡ଼ ଲଗାଉଥିବାର ଦେଖିବାକୁ ମିଳିଛି।

ସରକାରୀ ଜମିକୁ ଜବରଦଖଲ କଲା ଘରୋଇ ଶିକ୍ଷାନୁଷ୍ଠାନ

● ତାତିଲେ ଗାଁ ଲୋକେ, ଦେଲେ ଚେତାବନୀ

ପାଟଣା,୨୯।୧୨ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲା ପାଟଣା ତହସିଲ ମୂଷା ଖୋରି ଆରଆଇ ସର୍କଲ ଅନ୍ତର୍ଗତ ଭାଲୁଘର ମୌଜାର ହୁଡ଼ି ଓ ସରକାରୀ ଜମିକୁ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ନାମକ ଘରୋଇ ଶିକ୍ଷାନୁଷ୍ଠାନ ତାର ବାଡ ଦେଇ ଜବରଦଖଲ କରିଛି। ଯାହାକୁ ନେଇ ସୋମବାର ଶତାଧିକ ମହିଳା ପୁରୁଷ ପାଟଣାଥାନା ଅଧିକାରୀ ମାନସ କୁମାର ମହାକୁଳ ଓ ପାଟଣା ତହସିଲରେ ତହସିଲ ଦାର ଅଶ୍ୱିନୀ କୁମାର ନାଏକଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ଦାବିପତ୍ର ଦେଇଛନ୍ତି। ସରକାରୀ ଜମିରୁ ସ୍କୁଲ ମାଲିକଙ୍କୁ ଉଚ୍ଛେଦ ନ କଲେ ପରିମାଣ ଭୟଙ୍କର ହେବ ବୋଲି ଚେତାବନୀ ଦେଇଛନ୍ତି। ଅଭିଯୋଗ ଅନୁଯାୟୀ ଭାଲୁ ଘର ମୌଜାରେ କିଛି ବର୍ଷ ତଳେ ଶତ୍ରୁ ଘନ ସେଠୀ ନାମକ ବ୍ୟକ୍ତି ଘରୋଇ ମାଲିକାନାରେ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ନାମକ ସ୍କୁଲ ଖୋଲିଛନ୍ତି। କିଛି ଦିନ ତଳେ ଭାଲୁଘର୍ ଗାଁ ହୁଡ଼ି ସହ ସର୍ବସାଧାରଣସ୍ଥଳୀକୁ ନିଜ କବ୍‌ଜକୁ ନେବାରୁ ଗାଁରେ ଅସନ୍ତୋଷ ପ୍ରକାଶ ପାଇଛି। ଶତ୍ରୁଘନଙ୍କୁ ସରକାରୀ ସର୍ବସାଧାରଣ ଜମିକୁ ଉଚ୍ଛେଦ ନକଲେ ଉତ୍ତ୍ୟକ୍ତ ମହିଳା ପୁରୁଷମାନେ ଆନ୍ଦୋଳନ୍ତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି।

ଓଡ଼ିଶା ବ୍ରାହ୍ମଣ ମହାସଂଘ ଶାଖା ଉଦ୍‌ଘାଟିତ

ବୈଶିଙ୍ଗ।,୨୯।୧୨ (ସଂଚାର ବ୍ୟୁରୋ): ସ୍ଥାନୀୟ ରଘୁନାଥପୁର ସ୍ଥିତ ହରିହର ମନ୍ଦିର ପ୍ରାଙ୍ଗଣରେ ଓଡିଶା ବ୍ରାହ୍ମଣ ମହାସଂଘର ମୟୁରଭଞ୍ଜ ଜିଲ୍ଲା ଶାଖାର ଉଦଘାଟନ ଉତ୍ସବ ଡ଼ଃ ଜଗବନ୍ଧୁ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଡ଼ା. କୃଷ୍ଣଚନ୍ଦ୍ର ମହାପାତ୍ର, ମାନ୍ୟବର ମନ୍ତ୍ରୀ, ଗୃହ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ଯୋଗ ଦେଇଥିବା ବେଳେ ବିଶିଷ୍ଟ ଅତିଥି ଭାବେ ଓଡିଶା ବ୍ରାହ୍ମଣ ମହାସଂଘର ରାଜ୍ୟ ସଭାପତି ଡ଼ଃ ସଦାନନ୍ଦ ଦୀକ୍ଷିତ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ଉପ - ସଭାପତି କୃଷ୍ଣଚନ୍ଦ୍ର ପତ୍ରି ଓ ଯୋଗାଚାର୍ଯ୍ୟ ରାଜେନ୍ଦ୍ର ପାଢ଼ୀ ଯୋଗ ଦେଇ ବ୍ରାହ୍ମଣ ମାନଙ୍କର ବିଭିନ୍ନ ସମସ୍ୟା ଓ ସଂଘର ସାଂଗଠନିକ ଅଭିବୃଦ୍ଧି ବିଷୟରେ ଆଲୋକ ପାତ କରିଥିଲେ। ଏହି ଅବସରରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଯୋଗ ଦେଇଥିବା ଶତାଧିକ ବ୍ରାହ୍ମଣ ମାନଙ୍କ ପରାମର୍ଶ କ୍ରମେ ବ୍ରାହ୍ମଣ ମହାସଂଘର ମୟୁରଭଞ୍ଜ ଜିଲ୍ଲା ଶାଖା

SANCHAR
ସଂଚାର
ମଙ୍ଗଳବାର ୩୦ ଡିସେମ୍ବର ୨୦୨୫

ସ୍ୱାସ୍ଥ୍ୟ

୪୦ ବର୍ଷ ପରେ ମହିଳାଙ୍କଠାରେ କିଡନୀ ରୋଗ ବୃଦ୍ଧି ପାଏ କାହିଁକି ?

କିଡନୀ ରୋଗ ସାଇରନ୍ ଶବ୍ଦ ସହିତ ଆସେ ନାହିଁ, କିମ୍ବା ହଠାତ୍ ଗୁରୁତର ଲକ୍ଷଣ ସହିତ ଦେଖାଯାଏ ନାହିଁ। ଅଧିକାଂଶ କ୍ଷେତ୍ରରେ, ଏହା ନୀରବରେ ଶରୀର ଭିତରେ କ୍ଷତି ପହଞ୍ଚାଇଥାଏ ଯେତେବେଳେ ବ୍ୟକ୍ତି ତାଙ୍କର ଦୈନନ୍ଦିନ ଜୀବନ ଯାପନ ଜାରି ରଖେ। ଏହି କାରଣରୁ ବିଶେଷଜ୍ଞମାନେ ଏହାକୁ ଏକ ନୀରବ ବିଶ୍ୱ ସଙ୍କଟ ବୋଲି କହୁଛନ୍ତି। ସାରା ବିଶ୍ୱରେ ପ୍ରାୟ ୮୦୦ ନିୟୁତ ଲୋକ କୌଣସି ନା କୌଣସି ପ୍ରକାରର କିଡନୀ ରୋଗରେ ପିଡ଼ାତ ଏବଂ ସେମାନଙ୍କ ମଧ୍ୟରୁ ଅନେକ ଏହା ବିଷୟରେ ଅବଗତ ମଧ୍ୟ ନୁହଁନ୍ତି। ଚିନ୍ତାଜନକ କଥା ହେଉଛି ୪୦ ବର୍ଷ ବୟସ ପରେ ମହିଳାଙ୍କଠାରେ ଏହାର ବିପଦ ଦ୍ରୁତ ଗତିରେ ବୃଦ୍ଧି ପାଏ। ଏହା ମହିଳାମାନଙ୍କ ମଧ୍ୟରେ ସାଧାରଣ। ଏହା ମହିଳାମାନଙ୍କ ପାଇଁ କେତେ ବିପଦପୂର୍ଣ୍ଣ ହୋଇପାରେ ଏବଂ ଏହାକୁ ଏଡାଇବା ପାଇଁ କ'ଣ କରିବାକୁ ହେବ ଆସନ୍ତୁ ବର୍ଣ୍ଣନା କରିବା।

କାହିଁକି କିଡନୀ ରୋଗ ଦୀର୍ଘ ସମୟ ପର୍ଯ୍ୟନ୍ତ ଚିହ୍ନଟ ହୁଏ ନାହିଁ

ବୃକକ୍ ଏପରି ଅଙ୍ଗ ଯାହା ପ୍ରାରମ୍ଭରେ ସମସ୍ୟା ସୃଷ୍ଟି କରେ ନାହିଁ। ଯେତେ ଚାପ ଦିଆଗଲେ ମଧ୍ୟ ସେମାନେ ନୀରବରେ କାର୍ଯ୍ୟ କରନ୍ତି। ଶରୀରରେ ଜଳ ସନ୍ତୁଳନ ବଜାୟ ରଖନ୍ତି ଏବଂ ରକ୍ତଚାପକୁ ନିୟନ୍ତ୍ରଣ କରନ୍ତି। ବୃକକ୍ ପୂର୍ବରୁ ଯଥେଷ୍ଟ କ୍ଷତି ସହିଥିବାବେଳେ କେବଳ ଲକ୍ଷଣ ଦେଖାଯାଏ। ଏହି ସମୟରେ ଲୋକମାନେ ପ୍ରାୟତଃ ଥକାପଣ ଓ ହରମୋନ୍ ପରିବର୍ତ୍ତନ ଭାବି ଭୁଲି ଯାଆନ୍ତି। ବାରମ୍ବାର ପରିସ୍ରାକୁ ଏକ ଛୋଟ ସମସ୍ୟା ଭାବରେ ଖାରଜ କରନ୍ତି। ଏହି ବିଳମ୍ବ ଯୋଗୁଁ ବୃକକ୍ ରୋଗ ପ୍ରାୟତଃ ବହୁତ ବିଳମ୍ବରେ ଚିହ୍ନଟ ହୁଏ।

୪୦ ପରେ ମହିଳାମାନଙ୍କ ଶରୀରରେ ଅନେକ ପରିବର୍ତ୍ତନ ଘଟେ। ହରମୋନଗୁଡ଼ିକ ହ୍ରାସ ପାଇବା ଆରମ୍ଭ କରେ। ରକ୍ତଚାପ ଧୀରେ ଧୀରେ ବୃଦ୍ଧି ପାଏ ଏବଂ ରକ୍ତ ଶର୍କରା ସ୍ତର କମ୍ ହୁଏ। ଋତୁସ୍ରାବ ପୂର୍ବରୁ ଏବଂ ପରେ ପରିବର୍ତ୍ତନଗୁଡ଼ିକ ମଧ୍ୟ ବୃକକ୍ ଉପରେ ପ୍ରଭାବ ପକାଏ। ଏହା ବ୍ୟତୀତ ମହିଳାମାନେ ଅଟୋଇମ୍ୟୁନ୍ ରୋଗ, ବାରମ୍ବାର ମୂତ୍ରନଳୀ ସଂକ୍ରମଣ ଏବଂ ରକ୍ତହୀନତା ହେବାର ସମ୍ଭାବନା ଅଧିକ ଥାଏ। ଯାହା ସମୟ ସହିତ ବୃକକ୍ଙ୍କୁ କ୍ଷତି ପହଞ୍ଚାଇପାରେ।

ବିଶେଷଜ୍ଞମାନେ କ'ଣ କୁହନ୍ତି ?

ଦିଲ୍ଲୀସ୍ଥ ଗାର୍ଡେନର ନେଫ୍ରୋଲୋଜି କ୍ଲିନିକର ନେଫ୍ରୋଲୋଜିଷ୍ଟ ଡକ୍ଟର ନୀରୁ ପି. ଅଗ୍ରୱାଲଙ୍କ ମତରେ ୪୦ ବର୍ଷ ପରେ ମହିଳାମାନଙ୍କ ହରମୋନ ପରିବର୍ତ୍ତନ, ରକ୍ତଚାପ, ଶର୍କରା ନିୟନ୍ତ୍ରଣ ଏବଂ ସ୍ନାୟୁ କାର୍ଯ୍ୟକୁ ପ୍ରଭାବିତ କରେ। ଯାହା ସିଧାସଳଖ ବୃକକ୍ ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ। ସେ କୁହନ୍ତି ଯେ ଭାରତର ପ୍ରାୟ ୧୬ ପ୍ରତିଶତ କିମ୍ବା ପ୍ରାୟ ୨୦୦ ନିୟୁତ ଲୋକ କ୍ରନିକ୍ ବୃକକ୍ ରୋଗର ସମ୍ମୁଖୀନ ହେଉଛନ୍ତି।

ଶୋଇବାର କେତେ ସମୟ ପୂର୍ବରୁ ଖାଇବା ଉଚିତ ?

ଖାଇବା ଓ ଶୋଇବା ମଣିଷ ପାଇଁ ନିହାତି ଜରୁରୀ। ଖାଇବାରେ ଯଦି ସମୟ ଭୁଲ୍ ହୁଏ,ତେବେ ଏହା ଶରୀର ଉପରେ ବହୁତ ପ୍ରଭାବ ପକାଇ ଥାଏ। ଏହାସହ ଯଦି ଶୋଇବା ସମୟରେ ଯଦି ଏପଟ ସେପଟ ହୁଏ ତାହେଲେ ଏହା ମଧ୍ୟ ଶରୀର ଉପରେ ମଧ୍ୟ ପ୍ରକାଇ ଥାଏ। ସାଧାରଣତଃ ନିତିଦିନ କାମ ବ୍ୟସ୍ତତା ଭିତରେ ଆମେ ଖାଇବା ଏବଂ ଶୋଇବା ସମୟ ବିଗିଡ଼ି ଯାଏ। ରାତିରେ ପ୍ରାୟତଃ ଆମେ ଖାଇବାର କିଛି ସମୟ ମଧ୍ୟରେ ଶୋଇ ପଡ଼ିଥାଉ। ମାତ୍ର ଅଧିକାଂଶ ଲୋକେ ମୋବାଇଲ୍ ଏବଂ ଟିଭି ଦେଖିବାରେ ଏତେ ବ୍ୟସ୍ତ ଥାଉ କି, ବିଳମ୍ବରେ ଶୋଇ ଥାଉ। ଠିକ୍ ସମୟରେ ଖାଇବା ଦ୍ୱାରା କେବଳ ପାଚନ ଠିକ୍ ହୁଏ ତାହା ନୁହେଁ ବରଂ ଗଭୀର ଏବଂ ଶାନ୍ତିପୂର୍ଣ୍ଣ ନିଦ ହୋଇଥାଏ। ମାତ୍ର ଆମେ ଖାଇବାର କେତେ ସମୟ ପରେ ଶୋଇବା ଉଚିତ ?ଏହାକୁ ନେଇ କଣ କହୁଛନ୍ତି ଡାକ୍ତର...

ଡାକ୍ତରଙ୍କ ମତରେ ଭଲ ପାଚନ ଏବଂ ଶାନ୍ତି ନିଦ ପାଇଁ ଶୋଇବାର ଅତି କମରେ ୨ରୁ ୩ ଘଣ୍ଟା ପୂର୍ବରୁ ରାତ୍ରୀ ଭୋଜନ ଖାଇବା ଉଚିତ୍। ଏତେ ସମୟ ଦେବା ଦ୍ୱାରା ଖାଦ୍ୟ ସଠିକ୍ ଭାବେ ହଜମ ହୋଇଥାଏ। ଏସିଡିଟି,ଗ୍ୟାସ୍ କିମ୍ବା ତାଡିରେ ଜଳାପୋଡ଼ାର ଆଶଙ୍କା କମ୍ ରହିଥାଏ। ଯଦି ଆପଣ ରାତି ୧୦ରେ ଶୋଇବା ଅଭ୍ୟାସ ରହିଛି ତାହେଲେ ୭ଟା ବେଳୁ ରାତ୍ରି ଭୋଜନ ଖାଇନେବା ଭଲ। ଏହାଦ୍ୱାରା ଆପଣଙ୍କୁ ଭଲ ନିଦ ହେବ। ଖାଇବା ପରେ ଶରୀରକୁ ଖାଦ୍ୟ ହଜମ ପାଇଁ ସମୟ ଆବଶ୍ୟକ ହୋଇଥାଏ। ଯଦି ଆମେ ତୁରନ୍ତ ଶୋଇପଡୁ ତେବେ ପାଚନ ପ୍ରକ୍ରିୟା ଠିକ୍ ଭାବେ ହେବନାହିଁ। ବିଳମ୍ବିତ ରାତିରେ ଖାଇବା ଦ୍ୱାରା ମେଟାବୋଲିଜିମ୍ ଧୀର ହୋଇଥାଏ। ଚର୍ବି ଜମା ହେବା ଆରମ୍ଭ ହୁଏ ଏବଂ ସଜନ ବୃଦ୍ଧି ହେବାର ଆଶଙ୍କା ଥାଏ। ରାତ୍ରି ଖାଇବାରେ ସବୁବେଳେ ସିଝା ପରିବା କିମ୍ବା ହାଲୁକା ରନ୍ଧା ଖାଦ୍ୟ ଖାଆନ୍ତୁ। ସବୁବେଳେ ହଜମ ହେବା ଭଳି ଖାଦ୍ୟ ଖାଆନ୍ତୁ।



ହେଲ୍‌ଦି ଡାଏଟ୍, ୱାର୍କଆଉଟ୍ ପରେ ବି କମୁନି ଓଜନ

ଆଜିକାଲି, ଅଧିକାଂଶ ଲୋକ ସନ୍ତୁଳିତ ଖାଦ୍ୟ ଉପରେ ଧ୍ୟାନ ଦେଉଛନ୍ତି। କ୍ୟାଲୋରିର ଯତ୍ନ ନେଉଛନ୍ତି ଏବଂ ପ୍ରତିଦିନ ବ୍ୟାୟାମ ମଧ୍ୟ କରୁଛନ୍ତି, ହେଲେ ଓଜନ କମ୍ ହେଉ ନାହିଁ। ଏହା ହେବା ଦ୍ୱାରା ଅନେକ ଲୋକ ଅଧର୍ଯ୍ୟ ହୋଇ ଫଙ୍କୁ ଫେରିଯାଆନ୍ତି। ନିକଟରେ, ଆମେରିକାର ଜଣେ ଫ୍ୟାମିଲି ଏବଂ ଲାଇଫଷ୍ଟାଇଲ ମେଡିସିନ ଡାକ୍ତର ଜନି ହାଡକ୍ ଏକ ଇନଷ୍ଟାଗ୍ରାମ୍ ଭିଡିଓରେ ଏହା ଉପରେ ବ୍ୟାଖ୍ୟା କରିଛନ୍ତି, ଯାହାକୁ ସାଧାରଣତଃ ଲୋକେ ବୁଝି ପାରନ୍ତି ନାହିଁ।

ଡକ୍ଟର ହାଡକ୍ ଏକ ଇନଷ୍ଟାଗ୍ରାମ ଭିଡିଓରେ କହିଛନ୍ତି, "ଏହାର ସବୁଠାରୁ ବଡ଼ କାରଣ ଇନସୁଲିନ୍ ପ୍ରତିରୋଧ ହୋଇପାରେ, ଯାହାକୁ ଆମେ ପ୍ରାୟତଃ ବୁଝିପାରୁନାହୁଁ। ଇନସୁଲିନ୍ ହେଉଛି ରକ୍ତ ଶର୍କରାକୁ ନିୟନ୍ତ୍ରଣ କରୁଥିବା ହରମୋନ୍। ଯେତେବେଳେ ଆପଣଙ୍କ ଶରୀର ଇନସୁଲିନ୍ ଠିକ୍ ଭାବରେ ପ୍ରକ୍ରିୟାକରଣ କରେ ନାହିଁ, ସେତେବେଳେ ଆପଣଙ୍କ କୋଷଗୁଡ଼ିକ ଶର୍କରାକୁ ଶକ୍ତି ଭାବରେ ବ୍ୟବହାର କରିପାରେ ନାହିଁ। ଏହାଦ୍ୱାରା ରକ୍ତରେ ଶର୍କରା ସ୍ତର ଉପର ତଳ ହୋଇଥାଏ ଏବଂ ଶରୀର ଚର୍ବି ସଂରକ୍ଷଣ କରିଥାଏ। ଆପଣ ସନ୍ତୁଳିତ ଖାଦ୍ୟ ଖାଆନ୍ତୁ କି ନାହିଁ, ଏହି ସ୍ଥିତି ଓଜନ ହ୍ରାସ କରିବା ଅତ୍ୟନ୍ତ କଷ୍ଟକର କରିଦିଏ।" ଡକ୍ଟର ହାଡକଙ୍କ ଅନୁସାରେ, ଅତ୍ୟଧିକ କାର୍ବୋହାଇଡ୍ରେଟ୍ ସେବନ ମଧ୍ୟ ଇନସୁଲିନ୍ ପ୍ରତିରୋଧ ବୃଦ୍ଧି ପାଇଁ ଦାୟୀ। ଯେତେବେଳେ ବି ଆପଣ କାର୍ବୋହାଇଡ୍ରେଟ୍ ଖାଆନ୍ତି, ରକ୍ତରେ ଶର୍କରା ଏବଂ ଇନସୁଲିନ୍ ବୃଦ୍ଧି ପାଏ। ଆମେରିକୀୟମାନେ ପ୍ରତିଦିନ ହାରାହାରି ୨୫୦-୩୦୦ ଗ୍ରାମ କାର୍ବୋହାଇଡ୍ରେଟ୍ ଖାଇଥାନ୍ତି, ଯାହା ଶରୀରର ଆବଶ୍ୟକତାଠାରୁ ବହୁତ ଅଧିକ। ଏହା ରକ୍ତ ଶର୍କରା ନିୟନ୍ତ୍ରଣକୁ ଖରାପ କରେ ଏବଂ ଇନସୁଲିନ୍ ପ୍ରତିରୋଧକୁ ବୃଦ୍ଧି କରେ। ତେବେ ଏହି ସମସ୍ୟାର ଧୀରେ ଧୀରେ ମୁକାବିଲା କରିବା ପାଇଁ ଡକ୍ଟର ହାଡକ୍ କିଛି ସରଳ ପରିବର୍ତ୍ତନ ପରାମର୍ଶ ଦେଇଛନ୍ତି।

ପ୍ରତ୍ୟେକ ଭୋଜନରେ ପର୍ଯ୍ୟାପ୍ତ ପ୍ରୋଟିନ୍ ନିଅନ୍ତୁ। ଡାକ୍ତରଙ୍କ ମତରେ, ଭୋକ କମାଇବା ଏବଂ ପେଟ ପୂରଣ ଅନୁଭବ କରିବା ପାଇଁ ପ୍ରତି ଭୋଜନରେ ୪୦-୫୦ ଗ୍ରାମ ପ୍ରୋଟିନ୍ ଖାଇବାକୁ ଲକ୍ଷ୍ୟ ରଖନ୍ତୁ। ଆପଣଙ୍କ ଖାଇବା ଏବଂ ପିଇବା ସମୟକୁ ସୀମିତ କରିବା ପାଇଁ ମଝିରେ ମଝିରେ ଉପବାସ କରନ୍ତୁ, ଯାହା ରକ୍ତରେ ଶର୍କରା ଏବଂ ଇନସୁଲିନ୍ ସ୍ତରକୁ ସ୍ଥିର କରିବାରେ ସାହାଯ୍ୟ କରିପାରିବ। ଯଦି ଆପଣ ସମୟ,ଖାଦ୍ୟ ଏବଂ ବ୍ୟାୟାମର ସଠିକ୍ ଯତ୍ନ ନେଉଛନ୍ତି କିନ୍ତୁ ତଥାପି ଓଜନ ହ୍ରାସ ହେଉନାହିଁ, ତେବେ ଆପଣଙ୍କର ଇନସୁଲିନ୍ ପ୍ରତିରୋଧ ଯାଞ୍ଚ କରିବା ଉଚିତ୍।

୩୦ ପରେ କାହିଁକି ବଢ଼େ ପେଟ ଚର୍ବି ?

୩୦ ବର୍ଷ ବୟସ ପରେ, ଅନେକ ଲୋକ ଏହି ପ୍ରଶ୍ନକୁ ନେଇ ଚିନ୍ତିତ ରୁହନ୍ତି ଯେ ନା ସେମାନେ ନିଜର ଖାଦ୍ୟ ପରିବର୍ତ୍ତନ କରିଛନ୍ତି ନା ବ୍ୟାୟାମ କରିବା ବନ୍ଦ କରିଛନ୍ତି, ତଥାପି କାହିଁକି ସେମାନଙ୍କ ପେଟ ବଢୁଛି ? ଏହା ଉତ୍ତର ସ୍ପଷ୍ଟ ଭାବରେ ବ୍ୟାଖ୍ୟା କରିଛନ୍ତି କାଲିଫର୍ନିଆରେ ଅଭ୍ୟାସ କରୁଥିବା AIIMS, ହାର୍ଭାର୍ଡ ଏବଂ ଷ୍ଟାନଫୋର୍ଡରେ ତାଲିମପ୍ରାପ୍ତ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟ ଡକ୍ଟର ସୌରଭ ସେଙ୍ଗୀ । ତାଙ୍କ ଅନୁଯାୟୀ ୩୦ ବର୍ଷ ପରେ, ଶରୀରରେ ଏପରି ପରିବର୍ତ୍ତନ ଆରମ୍ଭ ହୁଏ ଯାହା ବାହାରୁ ଦେଖାଯାଏ ନାହିଁ, କିନ୍ତୁ ଏହା ସିଧାସଳଖ ପେଟର ଚର୍ବିକୁ ପ୍ରଭାବିତ କରେ। ବୟସ ସହିତ ମାଂସପେଶୀ ଧୀରେ ଧୀରେ ହ୍ରାସ ପାଏ। ମାଂସପେଶୀ ଯେତେ କମ୍ ହେବ, ଆପଣଙ୍କ ଶରୀର ସେତେ କମ୍ କ୍ୟାଲୋରୀ ବର୍ଣ୍ଣ କରିବ। ଏହାର ଅର୍ଥ ଯେଉଁ ଖାଦ୍ୟ ପୂର୍ବରୁ କ୍ଷତିକାରକ ନଥିଲା, ତାହା ଏବେ ଚର୍ବିରେ ପରିଣତ ହେବା ଆରମ୍ଭ କରିବ। ମାଂସପେଶୀ କେବଳ ଶକ୍ତି ପାଇଁ ନୁହେଁ, ଏହା ରକ୍ତ ଶର୍କରା ପରିଚାଳନାରେ ମଧ୍ୟ ଏକ ପ୍ରମୁଖ ଭୂମିକା ଗ୍ରହଣ କରେ। ଯେତେବେଳେ ମାଂସପେଶୀର ପରିମାଣ ହ୍ରାସ ପାଏ, ରକ୍ତରେ ସର୍କରା ଅଧିକ ସମୟ ପାଇଁ ରହିଥାଏ ଏବଂ ଶେଷରେ ପେଟ ଚାରିପାଖରେ ଚର୍ବି ଭାବରେ ଜମା ହୁଏ। ଏହି କାରଣରୁ ୩୦ ବର୍ଷ ପରେ ପେଟର ଚର୍ବି ଅଧିକ ଦୃଶ୍ୟମାନ ହୁଏ। ଏଥିସହିତ ବୟସ ଅନୁଯାୟୀ ଇନସୁଲିନ୍ ସମ୍ବେଦନଶୀଳତା ହ୍ରାସ ପାଏ, ଅର୍ଥାତ୍ ଶରୀର ପୂର୍ବ ପରି ସହଜରେ କାର୍ବୋହାଇଡ୍ରେଟ୍ ପରିଚାଳନା କରିପାରେ ନାହିଁ। ଫଳସ୍ୱରୂପ, ପ୍ରତିଦିନ ଖାଉଥିବା ସେହି ରୁଟି, ଭାତ କିମ୍ବା ମିଠା ପୂର୍ବ ଅପେକ୍ଷା ଅଧିକ ଚର୍ବି ଜମା କରିବା ଆରମ୍ଭ କରେ, ବିଶେଷକରି ଅଣ୍ଟା ପାଖରେ।

ମଧୁମେହ ରୋଗୀ ପାଇଁ କଞ୍ଚା ପନୀର ନା ଟୋଫୁ ?

ମଧୁମେହ ରୋଗୀ ଖାଦ୍ୟରେ ଶର୍କରାକୁ ନିୟନ୍ତ୍ରିତ କରୁଥିବା ଖାଦ୍ୟକୁ ଗୁରୁତ୍ୱଦେବା ଆବଶ୍ୟକ। ନଚେତ୍ ରକ୍ତରେ ବାରମ୍ବାର ଶର୍କରା ବଢ଼ିବା ଓ କମିବାଦ୍ୱାରା ଶରୀରର କୌଣସି ଅଙ୍ଗକୁ ପ୍ରଭାବିତ କରିପାରେ। ତେଣୁ ମଧୁମେହ ରୋଗୀଙ୍କୁ ଖାଦ୍ୟରେ ନିୟନ୍ତ୍ରଣ ରଖିବା ଜରୁରି ହୋଇପଡେ। ଶର୍କରା ସ୍ତରକୁ ନିୟନ୍ତ୍ରିତ ରଖିବା ପାଇଁ ସକାଳ ଜଳଖିଆକୁ ଗୁରୁତ୍ୱ ଦେବା ଜରୁରି। ଉଭୟ ପ୍ରୋଟିନରେ ଭରା। ମଧୁମେହ ରୋଗୀଙ୍କ ପାଇଁ ଟୋଫୁ ଏକ ସୁସ୍ଥ ବିକଳ୍ପ। କାରଣ ଏହା ଗଛରୁ ମିଳିବା ସହ କୋଲେଷ୍ଟରଲ୍ ରହିତ ହୋଇଥାଏ। କାରଣ ମଧୁମେହ ରୋଗୀ କୋଲୋଷ୍ଟରଲ୍ ନିୟନ୍ତ୍ରିତ ରଖିବା ସହ ସାଚ୍ୟୁରେଟେଡ୍ ଫ୍ୟାଟ ଖାଇବା ଉଚିତ୍। ସେଥିପାଇଁ ଟୋଫୁ ସବୁଠାରୁ ଭଲ ବିକଳ୍ପ। ଏହା ବ୍ୟତୀତ ପନିରରେ କାର୍ବୋହାଇଡ୍ରେଟ୍ କମ୍ ଓ ପ୍ରୋଟିନ୍ ଅଧିକ ରହିଥାଏ। କିନ୍ତୁ ଏଥିରେ ଫ୍ୟାଟ୍ ଓ କୋଲେଷ୍ଟରଲର ମାତ୍ରା ଅଧିକ ରହୁଥିବାରୁ ଚିନ୍ତା ବଢାଇଥାଏ। ମଧୁମେହ ରୋଗୀଠାରେ ହୃଦ୍ରୋଗର ଆଶଙ୍କା ଅଧିକ। ତେଣୁ କୋଲେଷ୍ଟରଲ୍କୁ ନିୟନ୍ତ୍ରଣରେ ରଖିବା ପାଇଁ ଅଧିକ ପନିର ଖାଇବାଠାରୁ ଦୂରେଇ ରହିବା ଉଚିତ୍।

ଟୋଫୁ ସୁସ୍ଥ ବିକଳ୍ପ: ଡାଏଟିସିଆନଙ୍କ ମତରେ ଏହା ହୃଦୟକୁ ସୁସ୍ଥ ରଖିବା ସହ ଓଜନ ନିୟନ୍ତ୍ରଣ ରଖିଥାଏ, ଯାହା ମଧୁମେହ ରୋଗୀଙ୍କ ପାଇଁ ଜରୁରି। କେବଳ ସେତିକି ନୁହେଁ ଟାଇପ୍-୨ ମଧୁମେହ ରୋଗୀଙ୍କ ପରିସ୍ରାରେ ପ୍ରୋଟିନର ମାତ୍ରାକୁ କମ କରିଥାଏ। ଫଳରେ କିଡ଼ନୀ ସୁସ୍ଥ ରହିଥାଏ।

କଞ୍ଚା ପନିର: ଡାଏଟିସିଆନ୍ ଅନୁସାରେ କଞ୍ଚା ପନିର ମଧୁମେହ ରୋଗୀଙ୍କ ପାଇଁ ଆଦୌ ଖରାପ ନୁହେଁ। କିନ୍ତୁ କମ୍ ମାତ୍ରାରେ ଖାଇବା ଉଚିତ୍। କଞ୍ଚା ପନିରକୁ ଯଥାସମ୍ଭବ ତେଲ ମସଲାଠାରୁ ଦୂରେଇ ରଖିବା ସହ ହାଲକା ସୈନ୍ଧବ ଲୁଣ ଓ ଡାଳଚିନି ଗୁଣ୍ଡ ମିଶାଇ ଖାଇପାରିବେ।

ଟୋଫୁ: ମଧୁମେହ ରୋଗୀ ଟୋଫୁକୁ ବିଭିନ୍ନ ଉପାୟରେ ଖାଇପାରିବେ। ଯେପରିକିଟୋଫୁ ଛଣା, ସିଝାଇପାରିବେ ଓ ଗ୍ରୀଲ୍ କରି ଖାଇପାରିବେ। ଯଥାସମ୍ଭବକମ୍ ପ୍ରୋସେସଡ୍ ଟୋଫୁ ଖାଇବା ଭଲ। ଏହାକୁ ଷ୍ଟାର୍ଚରହିତ ପରିବା ସହଖାଇବା ଉଚିତ୍। ମିଠା ଚଟଣୀ ପରିବର୍ତ୍ତେ ହର୍ବାଲ୍ ସସ୍ ସହ ଖାଇପାରିବେ।

ରାସ୍ତା କାର୍ଯ୍ୟରେ ବିଳମ୍ବ ଯୋଗୁଁ ବାରମ୍ବାର ଦୁର୍ଘଟଣା

● ସ୍ଥାନୀୟ ଲୋକଙ୍କ ରାସ୍ତା ଅବରୋଧ

ବାଲିକୁଦା,୨୯।୧୨(ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲା କନ୍ଦରପୁର ମାଛଗାଁ ଏନ ଏଚ ୫୫ ନମ୍ବର ଜାତୀୟ ରାଜପଥ ର କାଦୁଅପଡା(ଡିହସାହି) ବଜାର ଛକ ନିକଟରେ ଆଜି ଏକ ସଡ଼କ ଦୁର୍ଘଟଣା ଘଟି ମା ଏବଂ ଝିଅ ଗୁରୁତର ଆହତ ହୋଇ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟ ରେ ଭର୍ତ୍ତି ହୋଇଛନ୍ତି। ଖବରରୁ ଜଣାଯାଏ କି, ଆଜି ମଧ୍ୟାହ୍ନରେ କଟକରୁ ଜ୍ୟୋତିଷ ଚନ୍ଦ୍ର ଜେନା ତାଙ୍କ ପତ୍ନୀ ଏବଂ ଝିଅକୁ ଏକ ବାଇକ ଯୋଗେ ନିଜ ଗାଁ ନାଉଗାଁ ବ୍ଲକର ଧୂଆଁପଦା ଗ୍ରାମକୁ ଆସୁଥିବା ବେଳେ ରାସ୍ତାର ଅବ୍ୟବସ୍ଥା ଯୋଗୁଁ ବାଇକରୁ ମା ଝିଅ ଛିଟିକି ଅନ୍ୟତ୍ର ପଡ଼ିଯାଇଥିଲେ। ଯାହା ଫଳରେ ମା ଏବଂ ଝିଅଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ବଜାରରେ ଉପସ୍ଥିତ ଲୋକେ ମା ଏବଂ ଝିଅଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲେ। ପରେ ବଜାରରେ ଉପସ୍ଥିତ ଥିବା ଶତାଧିକ ସ୍ଥାନୀୟ ଲୋକେ ଏନ ଏଚ ଠିକାଦାରର ମନମୁଖୀ କାର୍ଯ୍ୟକୁ ବିରୋଧ କରି ରାସ୍ତାରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଯାହା ଫଳରେ ରାସ୍ତାରେ ଗାଡି ମୋଟର ଚାଲିବା ସମ୍ପୂର୍ଣ ଠପ ହୋଇଯାଇଥିଲା। ସ୍ଥାନୀୟ ଲୋକ ନଳିନୀ ସ୍ୱାଇଁ, ଆଇନୀଜୀବୀ ନରେଶ ଦାସ, ଚନ୍ଦନ ସାହୁ, ଆଲୋକ ଦାସ, ସ୍ଥାନୀୟ ସରପଞ୍ଚ ପ୍ରମୋଦ କୁମାର ସାହୁଙ୍କ କହିବା ଅନୁଯାଇ କାଦୁଅପଡା ବଜାରର ମାତ୍ର ୨୦୦ ମିଟର କାର୍ଯ୍ୟ ଦୀର୍ଘ ଦୁଇ ବର୍ଷ ହେଲା ସମ୍ପୃକ୍ତ ଠିକାଦାର ରାସ୍ତା କାମକୁ ସମ୍ପୂର୍ଣ କରୁନାହିଁ ଯାହା ଫଳରେ ସେହି ଯାଗାରେ ବାରମ୍ବାର ଦୁର୍ଘଟଣା ଘଟିଚାଲିଛି। ସ୍ଥାନୀୟ ପୁଲିସ ପ୍ରଶାସନ ରାସ୍ତା ରୋକ ର ଖବର ପାଇ ଘଟଣା ସ୍ଥଳରେ ପଂହଁଚି ଅବରୋଧ କାରୀଙ୍କୁ ବୁଝାସୁଝା କରି ବିଭାଗୀୟ ଅଧିକାରୀଙ୍କୁ ଏହି ବିଷୟରେ ଅବଗତ କରାଇ ଏହି ସମସ୍ୟାର ସମାଧାନ ଖୁବ ଶୀଘ୍ର କିପରି କରାଯିବ ସେନେଇ ସ୍ଥାନୀୟ ଅବରୋଧକାରୀ ଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

ଗୃହରକ୍ଷୀ ନିଯୁକ୍ତି ପାଇଁ ୬୪୯୮ଜଣ ପ୍ରାର୍ଥୀ ଦେଲେ ଲିଖିତ ପରୀକ୍ଷା

ବାରିପଦା,୨୯।୧୨ (ସଂଚାର ବ୍ୟୁରୋ): ରାଜ୍ୟରେ ଉତ୍କଟ ବେକାରୀ ସମସ୍ୟା ହୁ ହୁ ହୋଇ ବୃଦ୍ଧି ପାଉଛି।ଆଜି ରାଇରଙ୍ଗପୁର ପୋଲିସ ଜିଲ୍ଲାର ବାମନଘାଟୀ ଉପଖଣ୍ଡର ୭ ଟିବ୍ଲକ ଏବଂ ଗୋଟିଏ ପୌରପାଳିକା ତଦସହ ପାଞ୍ଚପୀଢ ଉପଖଣ୍ଡର ୫ ଟି ବ୍ଲକ ଏବଂକରଞ୍ଜିଆ ପୌରପାଳିକାର ସମସ୍ତ ଥାନା ପାଇଁ ଗୃହ ପରୀକ୍ଷା ପାଇଁ ଲିଖିତ ପରୀକ୍ଷା ଆଜି ରାଇରଙ୍ଗପୁର ଷ୍ଟାଡିୟମରେ ଆଜି ରବିବାର ଅନୁଷ୍ଠିତ ହୋଇଯାଇଛି।ଏଥିରେ ୧୦୬ ଜଣ ପ୍ରାର୍ଥି / ପାର୍ଥିନୀ ସାଧାରଣ ବର୍ଗ, ଏସି, ଏସଟି, ଦିବ୍ୟାଙ୍ଗ, ପଛୁଆ ବର୍ଗ, ସାଧାରଣ ବର୍ଗର ୮୫୪୪ ଜଣ ଆଶାୟୀ ଯୁବକ ଯୁବତୀ ପରୀକ୍ଷାରେ ପଞ୍ଜିକରଣ କରିଥିବାବେଳେ ୬୪୯୭ ଜଣ ଅଂଶ ଗ୍ରହଣ କରିଛନ୍ତି।ଏଥିରେ ତାଲିମପ୍ରାପ୍ତ ଡ୍ରାଇଭର ଏବଂ ତାଲିମପ୍ରାପ୍ତ କମ୍ପ୍ୟୁଟର ପରୀକ୍ଷାର୍ଥୀ ମାନଙ୍କୁ ଅଗ୍ରାଧିକାର ଭାବରେ ନିଯୁକ୍ତି ମିଳିବାର ସମ୍ଭାବନା ଦେଖା ଦେଇଛି।କିନ୍ତୁ ଆଜିର ପରୀକ୍ଷାରେ ଓଡ଼ିଶାର ବେକାରୀ ସମସ୍ୟାର ଉତ୍କଟ ଚିତ୍ର ଦେଖିବାକୁ ମିଳିଛି।ଉଚ୍ଚ ଶିକ୍ଷିତ ଓଏଏସ, ଆଇଏଏସ, ଏସଆଇ, ଏଏସଓ, ଆରଆଇ, ପିଇଓ, ଜୁନିଅର ଆସିଷ୍ଟାଣ୍ଟ, ଇଞ୍ଜିନିୟରିଂପରୀକ୍ଷାର୍ଥୀମାନେ ସରକାରୀ ଚାକିରୀଟିଏ ପାଇଁ ପରୀକ୍ଷାରେ ଅଂଶ ଗ୍ରହଣ କରିବାକୁ ଦେଖିବାକୁ ମିଳିଛି।ପ୍ରବଳ ଥଣ୍ଡା ସତ୍ୱେ ସୁଦୂର ଠାକୁରମୁଣ୍ଡା ବ୍ଲକର ସିମାନ୍ତ ମହୁଲଡିହା ଥାନା, ଦୁର୍ଗମ ଶିମିଳିପାଳର ବସବାସ କରୁଥିବା ଉଚ୍ଚ ଶିକ୍ଷିତ ଯୁବକ ଯୁବତୀ, ଦୁର୍ଗମ ଗୁହାଳଡାଙ୍ଗିରୀ, ଚଢେଇପାହଡିରୁ ସରକାରୀ ଚାକିରୀ ଟିଏ ହାତେଇବା ପାଇଁ ପ୍ରାଣବିକଳରେ ଛୁଟି ଆସିଛନ୍ତି।

ରାଜ୍ୟ ସ୍ତରୀୟ କନିଷ୍ଠ ବାଳକ ବାଳିକା ସିପକଟାକ୍ରୋ ତାଲିମ ଶିବିରର ଉଦଯାପିତ

ସୁନ୍ଦରଗଡ଼,୨୯।୧୨ (ସଂଚାର ବ୍ୟୁରୋ): ଯୋଗୀମାଲ ଗ୍ରାମ ପଞ୍ଚାୟତ ନିକଟସ୍ଥ ଡେଙ୍କୁଲିଢିପା ହନୁମାନ ମନ୍ଦିର ପ୍ରାଙ୍ଗଣରେ ରାଜ୍ୟ ସ୍ତରୀୟ କନିଷ୍ଠ ବାଳକ ବାଳିକା ସିପକଟାକ୍ରୋ ତାଲିମ ଶିବିର ଡିସେମ୍ବର ୮ ତାରିଖରୁ ଆରମ୍ଭ ହୋଇ ୨୮ ତାରିଖ ରବିବାର ଅପରାହ୍ନ ୫ ଟାରେ ଉଦଯାପିତ ହୋଇଯାଇଛି। ଏହି ଅବସରରେ ସୁନ୍ଦରଗଡ଼ର ପୂର୍ବତନ ବିଧାୟିକା ଶ୍ରୀମତି କୁସୁମ ଟେଟେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହିତ ସିପକଟାକ୍ରୋ ଖେଳକୁ ସୁନ୍ଦରଗଡ଼ରେ ଅଗ୍ରାଧିକାର ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଜୟକୃଷ୍ଣ ସେଠ୍ ଖେଳାଳି ମାନଙ୍କ ଶୁଭ କାମନା କରିବା ସହିତ ଆୟୋଜକ ଅନୁଷ୍ଠାନକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଟାଙ୍ଗରପାଲି ବ୍ଲକ ସମାଜ ପ୍ରତିନିଧି ମନୋରଞ୍ଜନ ପୃଷ୍ଟେଟ ଯୋଗଦାନ କରି ଖେଳାଳି ମାନଙ୍କ ଉତ୍ତୋରତ୍ତର କାମନା କରିଥିଲେ। କୋଚ୍ ଗୌରାଙ୍ଗ ଚରଣ ନାଏକ ଖେଳ ବିଷୟରେ ସମ୍ୟକ ଧାରଣା ଦେବା ସହିତ ତାଲିମ ଶିବିର କୁ ପ୍ରଶଂସା କରିଥିଲେ। ଓଡ଼ିଶା ରାଜ୍ୟ ସିପକଟାକ୍ରୋ ସଂଘ ସାଧାରଣ ସମ୍ପାଦକ ପୁଥିରାଜ ସାହୁଙ୍କ ନିର୍ଦ୍ଦେଶ ଏବଂ ଉପ ସଭାପତି ପ୍ରଭାସ ଶୁଭଦର୍ଶନ ମହାନ୍ତି ଓ ସଞ୍ଜୟ ନାଏକଙ୍କ ସହଯୋଗରେ ସୁନ୍ଦରଗଡରେ ପ୍ରଥମ ଥର ରାଜ୍ୟ ସ୍ତରୀୟ ତାଲିମ ଶିବିର ୨୦ ଦିନ ଧରି ଚାଲିଥିଲା। ସୁନ୍ଦରଗଡ଼ ଜିଲ୍ଲା ସିପକଟାକ୍ରୋ ସଂଘ ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ଷଡ଼ଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତାଲିମ ଶିବିର ସଫଳ ହୋଇଥିଲା।

ଧଅଁରା ଭଟାଠାରେ ଲାଞ୍ଜିଗଡ଼ କଂଗ୍ରେସ ପକ୍ଷରୁ ପ୍ରତିଷ୍ଠା ଦିବସ ପାଳନ

ଲାଞ୍ଜିଗଡ଼,୨୯।୧୨ (ସଂଚାର ବ୍ୟୋରୋ): ଲାଞ୍ଜିଗଡ଼ ବ୍ଲକ ସଭାପତି ବିଜୟ ନାଏକଙ୍କ ନେତୃତ୍ୱରେ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ପଞ୍ଚାୟତ ଅନ୍ତର୍ଗତ ଧଅରା ଭଟା ସ୍ଥିତ ଆମ୍ବ ବଗିଚା ଠାରେ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି।ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଡ.ବଳଭଦ୍ର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦଳକୁ କିଭଳି ତୃଣମୂଳ ସ୍ତରରେ ମଜବୁତ କରିବା ସହିତ ଆଗାମୀ ପଞ୍ଚାୟତ ନିର୍ବାଚନରେ କଂଗ୍ରେସ ସମର୍ଥିତ ସରପଞ୍ଚ ସମିତି ସଭ୍ୟ ଓ ଜିଲ୍ଲା ପରିଷଦ ସଭ୍ୟଙ୍କୁ କିଭଳି ନିର୍ବାଚିତ ହେବ ସେ'ନେଇ ଉପସ୍ଥିତ କଂଗ୍ରେସ କର୍ମୀମାନଙ୍କୁ ଗୁରୁମନ୍ତ୍ର ଦେଇଥିଲେ।ଏଥିରେ ପୂର୍ବତନ ଅଧକ୍ଷ ଫକିର ମୋହନ ମାଝୀ,ଜିଲ୍ଲାପରିଷଦ ସଭ୍ୟ ଟଙ୍କଧର ମାଝୀ,ଜଗନ୍ନାଥପୁର ପଞ୍ଚାୟତ ସମିତି ସଭ୍ୟ ପ୍ରଦିପ ମାଝୀ,ପୂର୍ବତନ ବ୍ଲକ ସଭାପତି ଗୋବିନ୍ଦ ପ୍ରଧାନୀ,ରାଜିବ ଗାନ୍ଧୀ ପଞ୍ଚାୟତ ରାଜ ସଂଗଠନ ଆବାହକ ମୂଲୁ ମାଝୀ,ବ୍ଲକ ମହିଳା ନାରୀନେତ୍ରୀ ଶାନ୍ତି ହରିଜନ,ଯୁବନେତା ସନ୍ତୋଷ କୁମାର ତୁଳ, ଗୋପାଳ ଦାସ ମହାନନ୍ଦ,ସଦା ନାଏକ,ଏସିସେଲ ସଭାପତି ଜୁମର ମଣି ନାଏକ ସମେତ ସମସ୍ତ ପଞ୍ଚାୟତ ସଭାପତି ସମ୍ପାଦକ ଏବଂ କଂଗ୍ରେସର ସମସ୍ତ କର୍ମୀ ଉପସ୍ଥିତ ରହିଥିଲେ।

ପର୍ଯ୍ୟଟକଙ୍କ ମନମୋହୁଛି ରାବଣଦର ଜଳପ୍ରପାତ

ହେଲେ ନିରାଶ କରୁଛି ରାସ୍ତା, ନେଟୱାର୍କ ସମସ୍ୟା

କଳାହାଣ୍ଡି,୨୯।୧୨ (ସଂଚାର ବ୍ୟୁରୋ): ପ୍ରାକୃତିକ ଶୋଭାର ଭଣ୍ଡାର କଳାହାଣ୍ଡି।ଜିଲ୍ଲାରେ ଭରି ରହିଛି ଅନେକ ପର୍ଯ୍ୟଟନ ସ୍ଥଳୀ ଓ ଜଳ ପ୍ରପାତ। ସେଥିମଧ୍ୟରୁ ରାବଣ ଦର ଜଳପ୍ରପାତ ଅନ୍ୟତମ। ବର୍ଷା ଋତୁ କୁ ଛାଡି ବର୍ଷତମାମ ଏଠାରେ ପର୍ଯ୍ୟଟକ ଆସିଥାନ୍ତି।

ବିଶେଷ କରି ଡିସେମ୍ବର ରୁ ଜାନୁୟାରୀ ଶେଷ ପର୍ଯ୍ୟନ୍ତ ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳେ। ଏହି ଜଳ ପ୍ରପାତ ରେ ପ୍ରାୟ ୨୦ ରୁ ୨୫ ଫୁଟ ଉଚ୍ଚ ପାହାଡ଼ରୁ ପାଣି ଝରୁଥିବା ଦୃଶ୍ୟ ପର୍ଯ୍ୟଟକଙ୍କ ମନ କୁ ମୋହି ନେଇଥାଏ।ସେହିପରି ଜଳ ପ୍ରପାତ ମଧ୍ୟରେ ମହାଦେବ ଙ୍କ ଏକ ପୂର୍ଣ୍ଣ ମୂର୍ତ୍ତି ମଧ୍ୟ ନିର୍ମାଣ କରାଯାଇଛି। ଯାହା ପର୍ଯ୍ୟଟକ ଙ୍କୁ ବିମୋହିତ କରି ଥାଏ। ପୂର୍ବରୁ ଏହି ଜଳ ପ୍ରପାତର ଉନ୍ନତିକରଣ କାର୍ଯ୍ୟ କରାଯାଇ ନ ଥିବାରୁ ଏହା ଲୋକ ଲୋଚନକୁ ଆସି ନ ଥିଲା।ତେବେ ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠି ପକ୍ଷରୁ ଏହି ଜଳ ପ୍ରପାତର ଉନ୍ନତି କରଣ ପାଇଁ ୩୦ ଲକ୍ଷ ଟଙ୍କା ଅନୁଦାନ ରାଶି ଦିଆଗଲା।

ଏଥିରେ ଜଳ ପ୍ରପାତ ସଂଜ୍ଞନାରେ ଓ ରାସ୍ତା ପଟରେ ଗାର୍ଡ ୱାଲ ନିର୍ମାଣ, ଲୋକେ ଚଳିବା ପାଇଁ ପାହାଚ, ଶିବ ମନ୍ଦିର କୁ ଯିବା ପାଇଁ ପାହାଡ଼

ପଟରୁ ପାହାଚ ନିର୍ମାଣ, ବସିବା ପାଇଁ ପେଞ୍ଚାଲ, ଶୌଚାଳୟ ଆଦି ନିର୍ମାଣ କରାଯାଇଛି। ଫଳରେ ପୂର୍ବପେକ୍ଷା ଏଠାରେ ବର୍ତମାନ ପର୍ଯ୍ୟଟକ ଆସିବା ପାଇଁ ବହୁତ ସୁନ୍ଦର ଆକୃଷ୍ଟ ହୋଇଛି।

ଅନ୍ୟ ପକ୍ଷରେ ଉଟାଙ୍ଗପଦର ଗ୍ରାମରୁ ଜଳ ପ୍ରପାତ କୁ ଯାଉଥିବା ୫ କିଲୋମିଟର ରାସ୍ତା ର ଅବସ୍ଥା ଶୋଚନୀୟ ହୋଇ ପଡ଼ିଛି। ଯାହା ଫଳରେ ପର୍ଯ୍ୟଟକ ଯାତାୟାତ କଲାବେଳେ ନାହିଁ ନ ଥିବା ଅସୁବିଧା ହେବାକୁ ପଡ଼ିଥାଏ।

ସେହିପରି ଜଳ ପ୍ରପାତ ଅଞ୍ଚଳରେ କୌଣସି ମୋବାଇଲ ନେଟୱାର୍କ ଆସୁନଥିବାରୁ ପର୍ଯ୍ୟଟକଙ୍କୁ ଯୋଗାଯୋଗ ରେ ବାଧା ଉପୁଜି ଥାଏ।ରାସ୍ତା ଓ ନେଟ ୱାର୍କ ସମସ୍ୟା ପାଇଁ ପର୍ଯ୍ୟଟକ ଙ୍କ ମଧ୍ୟରେ କିଛିଟା ନିରାଶ ଦେଖିବାକୁ ମିଳିଥାଏ।ଏହି ରାବଣ ଦର ଜଳ ପ୍ରପାତ କଳାହାଣ୍ଡି ଉତ୍ତର ବନଖଣ୍ଡ ଅଧିନରେ ରହିଥିବା ବେଳେ ପର୍ଯ୍ୟଟକଙ୍କୁ ଜଳ ପ୍ରପାତ କୁ ଯିବାକୁ ହେଲେ ଜଣେ ପିଛା ୨୦ ଟଙ୍କା ଟିକଟ ନିଆ ଯାଇଥାଏ।

ଏହି ଜଳ ପ୍ରପାତ ଭବାନୀପାଟଣା ମୁଖ୍ୟାଲୟରୁ ୧୧ କିଲୋମିଟର ଦୂର ଲାଞ୍ଜିଗଡ଼ ବ୍ଲକ ଉଟାଙ୍ଗପଦର ଗ୍ରାମ ପଞ୍ଚାୟତ ରେ ରହିଛି ରାବଣଦର ଜଳପ୍ରପାତ। ତେବେ ରାସ୍ତା ଘାଟ ନେଟ ୱାର୍କ ର ସୁବିଧା କରାଗଲେ ଅଧିକରୁ ଅଧିକ ପର୍ଯ୍ୟଟକ ଙ୍କ ଭିଡ଼ ରହିବ ବୋଲି ଜ୍ଞାନୀମାନୀ ଲୋକେ ପ୍ରକାଶ କରନ୍ତି।

ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

୪୯ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ

ସୁବର୍ଣ୍ଣପୁର,୨୯।୧୨ (ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବୀରମହାରାଜପୁର ପଞ୍ଚାୟତ ସମିତି ଅନ୍ତର୍ଗତ ଲୁତୁରପଙ୍କ ଗ୍ରାମ କାର୍ଯ୍ୟାଳୟର ସମ୍ମୁଖ ପ୍ରାଙ୍ଗଣ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ, ସୁବର୍ଣ୍ଣପୁର, ଡ଼ ନୃପରାଜ ସାହୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ସର୍ବମୋଟ ୪୯ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୩୬ ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୧୩ ଗୋଟି ସାମୁହିକ ଦରଖାସ୍ତ ଓ ୦୨ ଗୋଟି ଚିକିତ୍ସା ପାଇଁ ଆର୍ଥିକ ସହାୟତା ନିମନ୍ତେ ଦରଖାସ୍ତ ଗ୍ରହଣ କରାଯାଇଥିଲା। ସମସ୍ତ ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବୀରମହାରାଜପୁର, ଶ୍ରୀ ରାଜୀବ ହାଁସଦା ଙ୍କ ତତ୍ତାବଧାନରେ ଅନୁଷ୍ଠିତ ହୋଇଥିଲା। ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ଶ୍ରୀ ରାଜେନ୍ଦ୍ର ମାଝୀ, ଉପ - ଜିଲ୍ଲାପାଳ, ବୀରମହାରାଜପୁର, ଶ୍ରୀ ସୁରେନ୍ଦ୍ର କୁମାର ମେହେରଙ୍କ ସମେତ ତହସିଲଦାର, ବୀରମହାରାଜପୁର, ସୁଶ୍ରୀ ଶୁଚିଶ୍ମିତା ପାଣିଗ୍ରାହୀ, ସରପଞ୍ଚ, ଲୁତୁରପଙ୍କ ଗ୍ରାମ ପଞ୍ଚାୟତ ଶ୍ରୀ ସୂର୍ଯ୍ୟ କୁମାର ନନ୍ଦ ତଥା ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ, କର୍ମଚାରୀ ବୃନ୍ଦ ଙ୍କ ସମେତ ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସୁବର୍ଣ୍ଣପୁର ଶ୍ରୀ ଅର୍ଜୁନ ମାଝୀଙ୍କ ସହିତ ବିଭିନ୍ନ ସମ୍ବାଦ ପତ୍ରର ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧମର ପ୍ରତିନିଧି ମାନେ ଯୋଗଦାନ କରିଥିଲେ।

● ସଫେଇ ନାରେ ସୁନାଚେନ୍ ଲୁଟ ଘଟଣା

ଗିରଫ ହେଲେ ଦୁଇ ଆନ୍ତଃ ରାଜ୍ୟ ଲୁଟେରା

ବଲାଙ୍ଗୀର,୨୯।୧୨ (ସଂଚାର ବ୍ୟୁରୋ): ବଲାଙ୍ଗୀର ସହର ତେଲିଗୋଠପଡା ଠାରେ ଗତ ୨୨ ତାରିଖ ଦିନ ସଫେଇ ନାଁରେ ସୁନା ଚେନ୍ ଲୁଟି ଫେରାର ମାରିଥିବା ଦୁଇ ଲୁଟେରାଙ୍କୁ ଗିରଫ କରିବାରେ ସଫଳ ହୋଇଛି ଟାଉନ ଥାନା ପୋଲିସ। ଗିରଫ ଦୁଇ ଲୁଟେରା ହେଲେ ବିହାର ପ୍ରଦେଶ କଟିହାର ଜିଲା କୁରସେଲା ଥାନା ଅନ୍ତର୍ଗତ ସମେଲି ଗାଁର ରୋହିତ କୁମାର ସାହୁ (୨୩) ଓ ସିକନ୍ଦର ସାହୁ (୩୮)। ଏହି ଦୁଇ ଅଭିଯୁକ୍ତ ଗତ ୨୨ ତାରିଖ ଦିନ ପ୍ରାୟ ୧୨ ଟା ବେଳେ ତେଲିଗୋଠ ପଡା ନିବାସୀ ଭକ୍ତ ପ୍ରସାଦ ଖମାରୀଙ୍କ ଘରକୁ ଯାଇ ସୁନା ଚେନ୍ ସଫେଇ କରିବାକୁ କହିଥିଲେ। ତେବେ ମନା କରିବାରୁ ଖମାରୀଙ୍କ ସ୍ତ୍ରୀ ଭୂମିସୂତା ହୋତାଙ୍କ ବେକରୁ ପ୍ରାୟ ୨୨/୨୪ ଗ୍ରାମର ସୁନା ଚେନ୍ ଲୁଟି ଫେରାର ହୋଇଯାଇଥିଲେ। ଏନେଇ ଅଭିଯୋଗ ପରେ ଟାଉନ ଥାନା ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ପୋଲିସ ତତ୍ପରତାର ସହ ତଦନ୍ତ କରି ମାତ୍ର ୭ ଦିନ ଭିତରେ ଦୁଇ ଲୁଟେରାଙ୍କୁ ଗିରଫ କରିବା ସହ ସୁନା ଚେନ୍ ଜବତ କରି ଉକ୍ତ ମହିଳାଙ୍କୁ ଫେରସ୍ତ କରିଛି। ପୋଲିସ ଠାରୁ ସୁନା ଚେନ୍ ଗ୍ରହଣ କରିବା ପରେ ଖମାରୀ ଦମ୍ପତି ବଲାଙ୍ଗୀର ପୋଲିସ ଏସପି ଅଭିଳାଷ ଜି, ଏସଡିପିଓ ସରୋଜ କୁମାର ଉପଧ୍ୟାୟ ଓ ଟାଉନ ଥାନା ଆଇଆଇସିଙ୍କୁ ଧନ୍ୟବାଦ ଦେଇଛନ୍ତି।

ବ୍ଲକ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ସୁନ୍ଦରଗଡ଼,୨୯।୧୨(ସଂଚାର ବ୍ୟୁରୋ): ଜିଲ୍ଲା ପ୍ରଶାସନ ପକ୍ଷରୁ କୁତ୍ରା ବ୍ଲକ ପରିସରରେ ସୋମବାର ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ଅମ୍ରିତପାଲ କୌର ଯୋଗ ଦେଇ ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ମୋଟ ୪୨ ଗୋଟି ଅଭିଯୋଗ ମଧ୍ୟରୁ ୨୨ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୧୬ ଗୋଟି ସାମୁହିକ ଅଭିଯୋଗ ରହିଥିଲା। ଏହି ସବୁ ଅଭିଯୋଗ ଗୁଡ଼ିକ ମଧ୍ୟରୁ ୫ ଗୋଟି ଅଭିଯୋଗ ଗୁଡ଼ିକର ତତ୍ କ୍ଷଣାତ ସମାଧାନ କରାଯାଇଥିଲା। ସେହିଭଳି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୪ ଗୋଟି ଆବେଦନ ରହିଥିଲା। ଏହି ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ ଏବଂ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ।

ଲୋକ ମହୋତ୍ସବ ମାଲେଶ୍ରୀ ପାଇଁ ପ୍ରସ୍ତୁତି ବୈଠକ

ସୁବର୍ଣ୍ଣପୁର,୨୯।୧୨ (ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ସଭାଗୃହ ଠାରେ ରବିବାର ସନ୍ଧ୍ୟା ସାତଟାରେ ବୀରମହାରାଜପୁର ଲୋକ ମହୋତ୍ସବ ମାଲେଶ୍ରୀ ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ବ୍ଲକ ଉପାଧକ୍ଷ ନାରାୟଣ ଲୁହାଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ବିଧାୟକ ଇଞ୍ଜିନିୟର୍ ରଘୁନାଥ ଜଗଦଲା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଲୋକ ମହୋତ୍ସବକୁ ଗତାନୁଗତିକ ହିସାବରେ ନକରି ଆହୁରି ଆକର୍ଷଣୀୟ କରିବା ପାଇଁ ମତାମତ ଦେବା ସହିତ, ଆଲୋଚନା ଚକ୍ର ବନ୍ଧୁ ତ୍ୱ ପୁର୍ଣ୍ଣ ଫୁଟବଲ ମ୍ୟାଚ, ଆଲୋଚନା ଚକ୍ର ବିଭିନ୍ନ ପ୍ରକାର ଖାଦ୍ୟ ପ୍ରତିଯୋଗିତା, ବୁକ୍ ଫେୟାର ସହିତ ବୀରମହାରାଜପୁର ସୁନ୍ଦରୀ ଆଦି ଜିଛି ନୁତନ କାର୍ଯ୍ୟ କ୍ରମ ସହିତ ସ୍ମରଣିକ